R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୯
ତିଥି : ଦ୍ୱିତୀୟା
୨୬ ଜୁଲାଇ ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 289
26 July 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଲଘୁଚାପ ଯୋଗୁ ପ୍ରବଳ ବର୍ଷା



- ୨୯ ଯାଏଁ ଲାଗି ରହିବ ବର୍ଷା
- ସ୍ଥିତି ବେହାଲ, ଲୋକେ ହନ୍ତସନ୍ତ
- ରେଡ୍ ୱାର୍ଣ୍ଣିଂ ସହ ବହୁ ଜିଲ୍ଲାକୁ ଅରେଞ୍ଜ-ୟେଲୋ ୱାର୍ଣ୍ଣିଂ
- ଆଜି କଟକ ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ
- ସବୁ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍ଆର୍ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୭(ସବ୍ୟୁ) : ଉତ୍ତର-ପଶ୍ଚିମବଙ୍ଗୋପସାଗର, ଉପକୂଳ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ସଲଂଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଗତ ୩ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୧୩ କିମି ବର୍ଗରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରୁଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରିବାରୁ ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିଲା ବେଳେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ବର୍ଷା ହେବାର ସମ୍ଭାବନା ରହିଛି।

ଆସନ୍ତାକାଲି ପାଇଁ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିଭଳି ଏହାଛଡା ପ୍ରବଳ ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଇ ଦେଇଛନ୍ତି। ଅପର ପକ୍ଷରେ ପ୍ରବଳ ବର୍ଷା ଯୋଗୁ ଦକ୍ଷିଣ ଓଡ଼ିଶା ବେହାଲ ହୋଇଛି। ଅଧିକାଂଶ ଗ୍ରାମ ଜଳବନ୍ଦୀ ହୋଇଥିବାବେଳେ ଯୋଗାଯୋଗ ବିଛିନ୍ନ ହୋଇଛି। ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ମହାନଦୀ ଓ ବୈତରଣୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ରାଜୀବ ଭବନରେ ପ୍ରସ୍ତୁତି ନେଇ ଜଳସମ୍ପଦ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। କଟକ ଜିଲ୍ଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସବୁ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି।

ଲଘୁଚାପ ଜନୀତ ବର୍ଷା ପାଇଁ ବିଭିନ୍ନ ଜିଲ୍ଲାକୁ ରେଡ, ଅରେଞ୍ଜୋ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଅନୁଗୁଳ, ଢ଼େଙ୍କାନାଳ, ସମ୍ବଲପୁର, ଦେଓଗଡ଼ ଓ ଝାରସୁଗୁଡ଼ାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଉଥିଲା ବେଳେ ଜଗତସିଂହପୁର, ଖୋର୍ଦ୍ଧା, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ, ବଲାଙ୍ଗୀର, ବରଗଡ଼, ମାଲକାନାଗିରି, କୋରାପୁଟ, ନୂଆପଡ଼ା ଓ (୯ ପୃଷ୍ଠାରେ)

## ସ୍କୁଲ ଛାତ ଭୁଶୁଡି ୮ ମୃତ, ୩୦ ଆହତ



ନୂଆଦିଲ୍ଲୀ, ୨୫।୭ : ରାଜସ୍ଥାନର ଝାଲୱାର ଜିଲ୍ଲାରେ ଏକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ ଭୁଶୁଡି ୮ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି। ପିପ୍ଲୋଦି ପ୍ରାଥମିକ ବିଦ୍ୟାଳୟରେ ଏହି ଅଘଟଣ ଆଜି ସକାଳ ପ୍ରାୟ ୮.୩୦ରେ ଘଟିଥିଲା। ଖବର ମିଳିବା ମାତ୍ରେ ପୋଲିସ, ସ୍ଥାନୀୟ ବାସିନ୍ଦା ଓ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଧ୍ୱଂସାବଶେଷ ତଳେ ଫସି ରହିଥିବା ଛାତ୍ର ଓ ଶିକ୍ଷକମାନଙ୍କୁ ଉଦ୍ଧାର କରିଥିଲେ। ତେବେ ଏହି ସ୍କୁଲର ଛାତଟି ଅସୁରକ୍ଷିତ ଥିବା ନେଇ ପ୍ରଶାସନକୁ ବାରମ୍ବାର ଜଣାଇ ଦିଆଯାଇଥିଲା। ୨୦ ବର୍ଷ ପୁରୁଣା ଏହି ସ୍କୁଲ ବିଲ୍ଡିଂର ଛାତ (୯ ପୃଷ୍ଠାରେ)

## ନକଲି ଜବ୍‌କାର୍ଡ ଧରିବାକୁ ଇ-କେୱାଇସି

ଭୁବନେଶ୍ୱର, ୨୫।୭ (ସବ୍ୟୁ): ନକଲି ଜବ୍‌କାର୍ଡ ଧରିବାକୁ ଇ-କେୱାଇସି ରାଜ୍ୟ ସରକାର ଆରମ୍ଭ କରିବେ। ମନରେଗାର ସବୁ ଜବ୍ କାର୍ଡଧାରୀ ଇ-କେୱାଇସି କରିବା ବାଧ୍ୟତାମୂଳକ। ଏହା ନକଲେ ୩ ମାସ ମଧ୍ୟରେ ଜବ୍‌କାର୍ଡ କଟିଯିବ। ସରକାର ବର୍ଷକ ଭିତରେ ୨ ଲକ୍ଷ ନୂଆ ଜବ୍‌କାର୍ଡ ଦେଇଥିଲେ। କିଏ ନକଲି ଜବ୍‌କାର୍ଡ ହାତେଇଥିଲା ତାହା ପୂର୍ବ ସରକାର ଉତ୍ତର ଦିଅନ୍ତୁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି।

ସୂଚନାଯୋଗ୍ୟ ଗୁରୁବାର ସଂସଦରେ ନକଲି ଜବ୍‌କାର୍ଡ ହାତେଇବାରେ ବିହାର ପରେ ଓଡ଼ିଶା ଦ୍ୱିତୀୟ ବୋଲି କେନ୍ଦ୍ରମନ୍ତ୍ରୀ କମଲେସ୍ ପାଶ୍ୱାନ ତଥ୍ୟ ରଖିଥିଲେ। ଏହାପରେ ସରକାର ଏହି ପଦକ୍ଷେପ ନେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ସ୍ୱଚ୍ଛ ନିରାପଦ ପାନୀୟ ଜଳ ହେଉଛି ଏକ ମୌଳିକ ଆବଶ୍ୟକତା। ସମଗ୍ର ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ଅଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଇଛି ଓ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଛି।

ବର୍ତ୍ତମାନ ରାଜ୍ୟରେ ଚାଲିଥିବା ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ଟି ପ୍ରକଳ୍ପ ପୂର୍ଣ୍ଣ ରୂପେ ସଂପୂର୍ଣ୍ଣ ହୋଇଯାଇଛି। ନୂଆପଡା ଜିଲ୍ଲାର ସମସ୍ତ ଗ୍ରାମ "ହର ଘର ଜଳ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇ ପାରିଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ, ଅଗଷ୍ଟ ମାସରେ ୨୧ଟି, ସେପେଟମ୍ବର ଶେଷ ପୂର୍ବରୁ ୧୧ଟି ଏବଂ ୨୦୨୫ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ ସମ୍ପନ୍ନ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହି ସହରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଛନ୍ତି। (୯ ପୃଷ୍ଠାରେ)

### ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍

## ୩୩ ଏମ୍‌ଓୟୁ, ୭୮୦୮ କୋଟି ନିବେଶ ପ୍ରତିଶ୍ରୁତି




- ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି
- ଦୁଇ ଟେକ୍ସଟାଇଲ ପାର୍କ ଲୋକାର୍ପିତ

ଭୁବନେଶ୍ୱର, ୨୫।୭ (ସବ୍ୟୁ) : ଟେକ୍ସଟାଇଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଜୁରୀ ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହା ଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ଓଡିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ଏହା ଘୋଷଣା କହିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକ ଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱିୟର ପାର୍କର ଲୋକାର୍ପଣ କରିଥିଲେ।

ଆଜି ଭୁବନେଶ୍ୱର ଠାରେ ଅନୁଷ୍ଠିତ ଓ-ଟେକ୍ସ ୨୦୨୫ ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ୍। ଆଜିର କନ୍‌କ୍ଲେଭ୍‌ରେ ୧୬୦ରୁ ଅଧିକ ବୃହତ ଓ ନୂତନ ଉଦ୍ୟୋଗୀ ଯୋଗଦେଇଥିଲେ। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପ୍ରମୁଖ ଏହି କନ୍‌କ୍ଲେଭ୍‌ରେ ଅଂଶଗ୍ରହଣ କରିଥିଲେ ଓ ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବଭାରତର ସର୍ବବୃହତ ଟେକ୍ସଟାଇଲ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଲାଗି ହଜାରେ ପଞ୍ଜୀକରଣ ଶେଷ

ଭୁବନେଶ୍ୱର, ୨୫।୭ (ସବ୍ୟୁ) : ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ୧୦୦୦ ଜଣ ଆବେଦନକାରୀ ସେମାନଙ୍କର ନାମ ଅନ୍ ଲାଇନ୍ ଯୋଗେ ପଞ୍ଜୀକରଣ କରିସାରିଛନ୍ତି। ଏହି ଅନଲାଇନ ପଞ୍ଜୀକରଣ ଆଜି ଜୁଲାଇ ୨୫ ତାରିଖ ସକାଳ ୧୦.୦୦ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିଥିଲା। ତେବେ ଆଜି ଅପରାହ୍ଣ ସୁଦ୍ଧା ସମସ୍ତ ପଞ୍ଜୀକରଣ ସରିଥିବା (ବୁକ୍ ହୋଇସାରିଥିବା) ଜଣାଯାଇଛି। ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। (୯ ପୃଷ୍ଠାରେ)

## ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ

ଭୁବନେଶ୍ୱର, ୨୫।୭ (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ କ୍ରାଇମବ୍ରାଞ୍ଚଙ୍କୁ ଅନେକ ତଥ୍ୟ ମିଳିଛି। ବଳଙ୍ଗା ପୁଲିସ ଓ କ୍ରାଇମବ୍ରାଞ୍ଚର ଟିମ୍ କ୍ରାଇମ୍ ସ୍ପଟ୍ର ରୁପା ମୁଦି ଓ ଅଳଂକାର ଦୋକାନୀଙ୍କ ମାଧ୍ୟମରେ ଅନେକ ତଥ୍ୟ ବାହାର କରିଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ଏମ୍ସ ଦିଲ୍ଲୀରେ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ସମ୍ପୂର୍ଣ୍ଣ ଭିଡିଓ ମାଧ୍ୟମରେ ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସମୟରେ ଏମ୍ସ ଦିଲ୍ଲୀରେ ଜଣେ ଡାକ୍ତର, ସେହି ଅଞ୍ଚଳର ଜଣେ ମାଜିଷ୍ଟ୍ରେଟ୍, ବଳଙ୍ଗା ଥାନାର ମହିଳା ଏଏସ୍ଆଇ, କ୍ରାଇମ ବ୍ରାଞ୍ଚର ଜଣେ ଅଧିକାରୀଙ୍କ ସମେତ ପୀଡ଼ିତାଙ୍କ ପରିବାରର ଜଣେ ସଦସ୍ୟ ଉପସ୍ଥିତ ଥିଲେ। ବଳଙ୍ଗା ପୁଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ଅନୁମାନ କରାଯାଉଛି। ତଦନ୍ତର ସମ୍ପୂର୍ଣ୍ଣ ତଥ୍ୟ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଦିଆଯାଇଥିବା ସରିଛି। ବଳଙ୍ଗା ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ଶନିବାର ଦିଲ୍ଲୀରୁ ଫେରିବେ। ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର ହୋଇଛି। ପୀଡ଼ିତାଙ୍କ ଗଭୀର ଭାବେ ପୋଡ଼ିଥିବା ଅଂଶରେ ଅସ୍ତ୍ରୋପଚାର କରାଯାଇଥିବା ନେଇ ଏମ୍ସ ଦିଲ୍ଲୀ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏମ୍ସ ପକ୍ଷରୁ ଜାରି ହୋଇଥିବା ସ୍ୱାସ୍ଥ୍ୟ ବୁଲେଟିନ ପୂର୍ବରୁ ଏହା କୁହାଯାଇଛି ଯେ, ପୀଡ଼ିତାଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ଅଛି। ତାଙ୍କର ଉତ୍ତମ ଚିକିତ୍ସା (୯ ପୃଷ୍ଠାରେ)

### ଅଶ୍ଳୀଳ ଭିଡ଼ିଓ ଲାଗି ୨୫ ପ୍ଲାଟ୍‌ଫର୍ମ ନିଷିଦ୍ଧ

ନୂଆଦିଲ୍ଲୀ, ୨୫।୭ : କେନ୍ଦ୍ର ସରକାର ଅଶ୍ଳୀଳ ଭିଡିଓ ପ୍ରଦର୍ଶନ କରୁଥିବା ୱେବ୍‌ସାଇଟ୍ ଓ ଆପ୍‌କୁ ବନ୍ଦ କରିଛନ୍ତି। ଉଲ୍ଲୁ, ଅଲ୍ଟ, ଦେଶୀଫ୍ଲିକ୍ସ, ବିଗ ସଟ୍ସ ଭଳି ୨୫ଟି ଓଟିଟି ପ୍ଲାଟଫର୍ମକୁ ନିଷିଦ୍ଧ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ଲାଟଫର୍ମଗୁଡ଼ିକରେ ଅତ୍ୟନ୍ତ ଆପତ୍ତିଜନକ ଓ ଅଶ୍ଳୀଳ ଭିଡିଓ ପ୍ରସାରିତ ହେଉଥିବାରୁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଧିକାଂଶ ପ୍ଲାଟ୍‌ଫର୍ମରେ ସଫ୍ଟ ପର୍ଣ୍ଣ କଣ୍ଟେଣ୍ଟ ଥିବାରୁ ଏହାକୁ ଏ ଦିଗରେ ବିବେଚନା କରାଯାଇଛି। କେତେକ ପ୍ଲାଟ୍‌ଫର୍ମରେ ଯୌନ ଶୋଷଣ ଭଳି ନଗ୍ନତା ଦେଖିବାକୁ ମିଳିଥିଲା। ଯାହାକୁ ପର୍ଣ୍ଣଗ୍ରାଫି (୯ ପୃଷ୍ଠାରେ)

## ଡେପୁଟି ରେଞ୍ଜରଙ୍କ ଘରୁ କୋଟି କୋଟି ଟଙ୍କା, ବିପୁଳ ସମ୍ପତ୍ତି



### ନଗଦ ୧କୋଟି ୪୩ ଲକ୍ଷ ଟଙ୍କା ଜବତ

### ୬ ଫ୍ଲାଟ, ସୁନା ବିସ୍କୁଟ, ରୁପା ଠାବ

କୋରାପୁଟ/ଭୁବନେଶ୍ୱର, ୨୫।୭ (ସବ୍ୟୁ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କୋରାପୁଟର ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ତଥା ଭାରପ୍ରାପ୍ତ ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘର ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି।

ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଜୟପୁରଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୬ ଜଣ ଡିଏସପି, ୫ ଜଣ ଇନ୍ସପେକଟର, ୯ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଜୟପୁର ଏବଂ ଭୁବନେଶ୍ୱରରେ ୬ଟି ସ୍ଥାନରେ ଏକକାଳୀନ ଘର ଚଢ଼ଉ କରାଯାଉଛି। ଜଙ୍ଗଲ ବିଭାଗରୁ ଚାକିରି ଜୀବନ ଆରମ୍ଭ କରି ଡେପୁଟି ରେଞ୍ଜର ପଦବୀ ଯାଏଁ ପହଞ୍ଚିଥିବା ରାମଚନ୍ଦ୍ରଙ୍କ ଲକରରେ ବିଡ଼ା ବିଡ଼ା ଟଙ୍କା। ଖୁନ୍ଦାଖୁନ୍ଦି ହୋଇ ଲକରରେ ଭର୍ତ୍ତି ହୋଇଛି ୫ଶହ ଟଙ୍କିଆ, ୨ ଶହ ଟଙ୍କିଆ ବିଡ଼ା। ଟ୍ରଲି ବ୍ୟାଗ ଭର୍ତ୍ତି ଟଙ୍କା, ଟେବୁଲ ଉପରେ ବିଡା ବିଡା ନୋଟ, ତା ଉପରେ ଟଙ୍କା ବ୍ୟାଗ। କେବଳ ଟଙ୍କା ନୁହେଁ ଜବତ ହୋଇଛି ପୁଳା ପୁଳା ସୁନା। ସୁନା ବିସ୍କୁଟ, ସୁନାର ମୁଦ୍ରା, ସୁନା ଚୁଡ଼ି, କାନ ଫୁଲ ସମେତ ବିଭିନ୍ନ ପ୍ରକାରର ଅଳଙ୍କାର। ଯାହାର ଓଜନ ପ୍ରାୟ ୭ଶହ ଗ୍ରାମରୁ ଅଧିକ। ସେହିପରି ରୂପାରେ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ଜବତ କରିଛି ତଦନ୍ତକାରୀ ଟିମ୍। ଯାହାର ଓଜନ ପ୍ରାୟ ୪କିଲୋରୁ ଅଧିକ।

ବିଭିନ୍ନ ଠିକଣାରୁ ଠାବ ହୋଇଛି ବାବୁଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। ଜୟପୁରରେ ବହୁତଳ ଅଟ୍ଟାଳିକା, ଜୟପୁରରେ ଦୁଇଟି ୨ ବିଏଚକେ ଫ୍ଲାଟ, ଭୁବନେଶ୍ୱରରେ ଗୋଟିଏ ୩ ବିଏଚକେ ଫ୍ଲାଟ ସହ ୩ଟି ଫ୍ଲାଟ, ଜୟପୁର ସହରରେ ମୂଲ୍ୟବାନ ୨ଟି ପ୍ଲଟ, ଗୋଟିଏ ଚାରି ଚକିଆ ଯାନ, ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା, ସୁନା ଦେଢ଼ କେଜି ଓ ରୁପା ୪ କେଜି ୬୩୭ ଗ୍ରାମ ଜବତ ହୋଇଛି। ଏହାଛଡ଼ା ବ୍ୟାଙ୍କ ଡିପୋଜିଟ୍, ନିବେଶ ଟଙ୍କା ଓ ଜମା ରାଶିର ହିସାବ କିତାବ ଚାଲିଛି। ବିପୁଳ ପରିମାଣର ଟଙ୍କା ଗଣିବାକୁ ଭିଜିଲାନ୍ସ ମେସିନର ସହାୟତା ନେଇଛି। ସେପଟେ କିନ୍ତୁ ଡେପୁଟି ରେଞ୍ଜର କହିଛନ୍ତି ସେ କିଛି ଦୁର୍ନୀତି କରି ନାହାନ୍ତି, ସବୁ (୯ ପୃଷ୍ଠାରେ)

## ସୋମବାରରୁ ହୋଇପାରେ ସଂସଦ ସ୍ୱାଭାବିକ

ନୂଆଦିଲ୍ଲୀ, ୨୫।୭ : ଆସନ୍ତା ସୋମବାରରୁ ସଂସଦ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାଜନୈତିକ ଦଳର ନେତାମାନଙ୍କ ସହ ସାକ୍ଷାତ କରି ସୋମବାର ଠାରୁ ଗୃହକୁ ସ୍ୱାଭାବିକ କରିବା ପାଇଁ କହିଛନ୍ତି। ବିରୋଧୀଙ୍କ ପକ୍ଷରୁ ବିହାରର ସଂଶୋଧିତ ଭୋଟର ତାଲିକା ଓ ପହଲଗାମ୍ ଆତଙ୍କୀ ଆକ୍ରମଣ ସମ୍ପର୍କରେ ଉଠାଯାଇଥିବା ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ମତ ରଖିବା ପାଇଁ ବିରୋଧୀମାନେ ଦାବି କରିଥିଲେ। ଯଦି ଏହା ହୁଏ ତାହେଲେ ସୋମବାରରୁ ଗୃହ ସ୍ୱାଭାବିକ ହୋଇପାରେ ବୋଲି କୁହାଯାଉଛି।

ମୌସୁମୀ ଅଧିବେଶନର ପ୍ରଥମ ସପ୍ତାହ ବସ୍ତୁତଃ ଅଚଳ ହୋଇଛି। ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀ ସାଂସଦମାନେ ବିକ୍ଷୋଭ ଓ ପ୍ରତିବାଦ କରୁଥିବାରୁ ଲଗାତର ୫ ଦିନ ହେବ ଗୃହକାର୍ଯ୍ୟ ଚାଲିପାରୁନାହିଁ। ଆଜି ବିରୋଧୀ ସାଂସଦମାନେ ଏକ ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଥିଲେ। ଏସ୍ଆଇଆର ଥିବା ପୋଷ୍ଟରକୁ ସର୍ବସମ୍ମୁଖରେ ଚିରି ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗିଥିଲେ। ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ବିକ୍ଷୋଭ କରିବା ସହ ମକରଦ୍ୱାର ଯାଏ ଶୋଭାଯାତ୍ରା କରିଥିଲେ। ଲୋକସଭାରେ ସୋମବାରଠାରୁ ଅପରେସନ୍ ସିନ୍ଦୂର ନେଇ ଆଲୋଚନା ହୋଇପାରେ। ତେବେ ଆଜି ବିରୋଧୀଙ୍କ ପ୍ରତିବାଦ ଯୋଗୁ ଉଭୟ ଗୃହ ଅଚଳ ହୋଇଛି। ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଛି। ମୁଲତବୀ ପୂର୍ବରୁ ବାଚସ୍ପତି ବିଭିନ୍ନ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ଯେ ଅଚଳାବସ୍ଥାକୁ ଦୂର କରନ୍ତୁ। ଏହା ଠିକ୍ ନୁହେଁ, ଆମେ ଏଠାକୁ ଆଲୋଚନା ପାଇଁ ଆସୁଛେ। ଅଚଳାବସ୍ଥା ସୃଷ୍ଟି କରିବା ଠିକ୍ ନୁହେଁ, ଆଲୋଚନା ମାଧ୍ୟମରେ ଏହାକୁ ସମାଧାନ କରିବା। ଯଦି କିଛି ଅସହମତି ଅଛି ତେବେ ସଂସଦର ବ୍ୟବସ୍ଥା ଅନୁଯାୟୀ ଉପସ୍ଥାପନ କରାଯାଇପାରିବ। ଏହା ପୂର୍ବରୁ କଂଗ୍ରେସ ସାଂସଦ ମାନିକାମ୍ ଟାଗୋର ଏକ ମୁଲତବୀ ପ୍ରସ୍ତାବ ବିହାର ସଂଶୋଧିତ (୯ ପୃଷ୍ଠାରେ)



## ଶୁଭ ଜନ୍ମଦିନ
# ମାଳତୀ ଚୌଧୁରୀ

ଜଣେ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଘରେ ଘରେ ପରିଚିତ । ତାଙ୍କ ନିସ୍ୱାର୍ଥ ସେବା ମନୋଭାବ ଆଜି ବି ଲୋକଙ୍କୁ ଅନୁପ୍ରାଣିତ କରିଥାଏ । ମାଳତୀ ଚୌଧୁରୀ ୨୬ ଜୁଲାଇ ୧୯୦୪ରେ ପିତା ବାରିଷ୍ଟର କୁମୁଦ ନାଥ ସେନ ଓ ମାତା ସ୍ନେହଲତାଙ୍କର କୋଳ ମଣ୍ଡନ କରିଥିଲେ । ମାତ୍ର ଅଢେଇ ବର୍ଷ ବୟସରେ ବାପାଙ୍କୁ ହରାଇ ସେ ଜୀବନ ଆରମ୍ଭ କରିଥିଲେ । ସେ ଓଡ଼ିଶାବାସୀଙ୍କ ଆଦରଣୀୟ ନୂମା (ନୂଆ ମା) ଭାବେ ପରିଚିତ ଥିଲେ ।ପ୍ରକୃତରେ ତାଙ୍କର ଶିଶୁକନ୍ୟା ତାଙ୍କୁ 'ନୁମା' ଡାକୁଥିବାରୁ ଆଶ୍ରମରେ ସମସ୍ତେ ତାଙ୍କୁ ନୁମା ବୋଲି ଡାକିବାକୁ ଲାଗିଲେ । ସ୍ୱାଧୀନତା ସଂଗ୍ରାମର ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ବହୁ ମାତ୍ରାରେ ଜଡ଼ିତ ଥିଲେ । ମାଳତୀ ଦେବୀଙ୍କର ବିପ୍ଳବୀ ଚିନ୍ତାଧାରାକୁ ଅଧିକ ଉତ୍ସାହିତ କରିଥିଲେ ତାଙ୍କ ସ୍ୱାମୀ ନବକୃଷ୍ଣ ଚୌଧୁରୀ । ଗ୍ରାମରେ ରହିବବେଳେ ସେ ଘର ଘର ବୁଲି ମହିଳାମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହ ତାଙ୍କୁ ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିବା ପାଇଁ ଅନୁରୋଧ କରୁଥିଲେ । ଓଡ଼ିଶା ତାହାଙ୍କର କର୍ମଭୂମି ପାଲଟିଥିଲା । ଚୌଧୁରୀ ଦମ୍ପତି ଏକ ଛୋଟ ଗାଁ ଅଣଖିଆରେ ବସବାସ କରୁଥିଲେ, ଯାହା ଏବେକାର ଜଗତସିଂହପୁର ଜିଲ୍ଲାରେ ଅବସ୍ଥିତ । ସେ ଅନୁଗୋଳର ବାଜିରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ ଓ ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେ ହେଉଛନ୍ତି ପ୍ରଥମ ଓଡ଼ିଆ ମହିଳା ଯେ କିଶୋରୀ ବୟସରେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇଥିଲେ । ୧୯୨୦ ମସିହା ଅସହଯୋଗ ଆନ୍ଦୋଳନରେ ସେ ଭାଗନେଇଥିଲେ । ନିଜର ପ୍ରଚେଷ୍ଟାରୁ ସେ ଇଞ୍ଜୁଡ଼ି ଓ କୁଜଙ୍ଗରୁ ପ୍ରଥମେ ଶହେରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଆଣି ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ନାରୀମାନଙ୍କ ନିରକ୍ଷରତା ହିଁ ତାଙ୍କୁ ଦୁର୍ବିସହ ଜୀବନ ବିତାଇବାକୁ ବାଧ କରୁଥିବା କଥା ସେ ଜାଣିଥିଲେ । ତେଣୁ ସେ ନିଜ ଗ୍ରାମରେ ଥିବାବେଳେ ରାତ୍ରି ପାଠଶାଳା ଆରମ୍ଭ କରିଥିଲେ । ଏହି ମହାନ ନାରୀ ନେତ୍ରୀଙ୍କର ୧୫ ମାର୍ଚ୍ଚ ୧୯୯୮ରେ ଦେହାନ୍ତ ହୋଇଥିଲା ।

# ଆଳୁପିଆଜର ପକଡି


**ସାମଗ୍ରୀ–** ଦୁଇଟି ବଡ ଆଳୁ, ପିଆଜ, କଞ୍ଚାଲଙ୍କା, ଧନିଆ ପତ୍ର, ରସୁଣ, ବେସନ, ହଳଦୀ, ଧନିଆ ଗୁଣ୍ଡ, ଚିନି, ଲୁଣ ।

**ପ୍ରଣାଳୀ–** ପ୍ରଥମେ ଆଳୁର ଚୋପା ଛଡାଇ ନେଇ ଗ୍ରେଟ କରିନିଅନ୍ତୁ । ଏହାକୁ ହଳଦୀ ଓ ଲୁଣ ଦେଇ ଅଳ୍ପ ସମୟ ପାଇଁ ପାଣିରେ ବତୁରାଇ ନିଅନ୍ତୁ । ଆଉ ଏକ ପାତ୍ରରେ କଟା ପିଆଜ ଓ କଞ୍ଚା ଲଙ୍କାକୁ ଭଲକରି ଗୋଳାଇ ନିଅନ୍ତୁ । ଏହାପରେ ଆଳୁକୁ ପାଣିରୁ ଛାଣି ନିଅନ୍ତୁ । ସେହି ଆଳୁକୁ ପିଆଜ ସହିତ ମିଶାନ୍ତୁ । ଏହାପରେ ବର୍ତ୍ତମାନ ଏହି ଆଳୁ ପିଆଜ ମିଶ୍ରଣରେ ସମସ୍ତ ଗୁଣ୍ଡ ମସଲା ଓ ଚାଉଳ ଗୁଣ୍ଡ ମିଶାନ୍ତୁ । ଏହାପରେ ଏଥିରେ ବେସନ ମିଶାଇ ଗୋଳାନ୍ତୁ, ଆବଶ୍ୟକ ଅନୁଯାଇ ପାଣି ଦିଅନ୍ତୁ । ଏଥିରେ ଅଳ୍ପ ତେଲ ମିଶାଇ ଗୋଳାନ୍ତୁ । ପରେ ଏହାକୁ ତେଲରେ ପକଡି ଭଳି ଛାଣି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ଆଳୁ ପିଆଜ ପକଡି ।

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ଗୋଦାବରୀଶ ମିଶ୍ର

ଜଣେ ଓଡ଼ିଆ କବି, ଗାଳ୍ପିକ ଓ ନାଟ୍ୟକାର ଭାବେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ସମସ୍ତଙ୍କର ପ୍ରିୟ ଶିକ୍ଷକ ଥିଲେ । ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ବାଣପୁରର ଶ୍ରୀନିବାସପୁର ଶାସନରେ ୨୬ ଅକ୍ଟୋବର ୧୮୮୬ରେ ସେ ଜନ୍ମଗ୍ରହଣ କରିଥିଲେ । ସେ ଗୋପବନ୍ଧୁଙ୍କଦ୍ୱାରା ଅନୁପ୍ରାଣିତ ହୋଇ ଦେଶ ସେବାରେ ମନ ଦେଇଥିଲେ । ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ଜନକ ଭାବେ ବିବେଚିତ ହୋଇଥାନ୍ତି । ସେ ଘଟାନ୍ତର, ଅଭାଗିନୀ, ଅଠର ଶହ ସତର ଓ ନିବାସିତ ଆଦି ଉପନ୍ୟାସର ସ୍ରଷ୍ଟା । ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ତାଙ୍କର ଅନ୍ୟ ଉପନ୍ୟାସଗୁଡ଼ିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶ ପାଇଥିଲା । ତାଙ୍କ ଆତ୍ମଚରିତ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାନ କବି ତଥା ଔପନ୍ୟାସିକଙ୍କର ୨୬ ଜୁଲାଇ ୧୯୫୬ରେ ମହାପ୍ରୟାଣ ଘଟିଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶାରେ ସୃଷ୍ଟି ହୋଇଥିଲା ଏକ ଅପୂରଣୀୟ କ୍ଷତି ।





# ବିଶ୍ୱର ସବୁଠାରୁ ଛୋଟ ସାପ

ବିଶ୍ୱରେ ବର୍ତ୍ତମାନ ଏଭଳି ଅନେକ ପଶୁ ଦେଖିବାକୁ ମିଳୁଛନ୍ତି ଯେଉଁମାନେ ଧୀରେଧୀରେ ବିଲୁପ୍ତ ହୋଇଯାଉଛନ୍ତି । ତେବେ ସେଥିମଧ୍ୟରୁ କିଛି ପଶୁ ଧୀରେଧୀରେ ପୁଣି କିଛି ବର୍ଷ ପରେ ଦେଖିବାକୁ ମଧ୍ୟ ମିଳୁଛନ୍ତି । ସେହିଭଳି ଏକ ସାପ ବର୍ତ୍ତମାନ ଚର୍ଚ୍ଚାରେ ରହିଛି । ବିଲୁପ୍ତ ହୋଇଯାଇଥିବା ଏହି ସାପଟି ପାଖାପାଖି ୨୦ ବର୍ଷ ପରେ ପୁଣି ଦେଖିବାକୁ ମିଳିଛି । ସାପଟିର ନାଁ ବାର୍ବାଡୋସ୍ ଥ୍ରେଡସ୍ନେକ ହୋଇଥିବାବେଳେ ତାକୁ ବିଶ୍ୱର ସବୁଠାରୁ କୁନି ସାପର ଆଖ୍ୟା ମଧ୍ୟ ଦିଆଯାଇଛି । ସାପଟିର ଲମ୍ବ ମାତ୍ର ୧୦ ସେଣ୍ଟିମିଟର ରହିଛି, ଯାହା ଖୁବ ଛୋଟ । ଏହାର ଆକାରକୁ ଛୋଟ ନୁଡୁଲ ଖଣ୍ଡ ସହିତ ମଧ୍ୟ ତୁଳନା କରାଯାଇଥାଏ । ଏହି ସାପଟି ମଧ୍ୟ ବାରବେଡୋସରେ ଦେଖିବାକୁ ମିଳିଛି । କିଛି ବର୍ଷ ପୂର୍ବରୁ ଏହାକୁ ବିଲୁପ୍ତ ତାଲିକାରେ ସାମିଲ କରାଯାଇଥିଲା । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ରହିଛି । ପ୍ରଥମଥର ପାଇଁ ଏହି ସାପଟିକୁ ୧୮୮୯ ମସିହାରେ ଖୋଜାଯାଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୮ ପ୍ରତିଶତ ସେମାନଙ୍କର ଘର ହରାଇସାରିଛନ୍ତି ତେଣୁ ଏମାନେ ଧୀରେଧୀରେ ବିଲୁପ୍ତ ହେଉଥିବା ସୂଚନା ରହିଛି ।

## ସୋସିଆଲ କୋଟ୍ସ



"ମୁଁ ଚାହୁଁଛି ଲୋକମାନେ ଫିଲ୍ମ ଦେଖି କାନ୍ଦନ୍ତୁ । ଏହା ମୋ ପାଇଁ ଏକ ଫିଲ୍ମ ନୁହେଁ ବରଂ ଏକ ଅନୁଭବ । ଯାହାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛି ।

**ପୃଥ୍ୱିରାଜ ସୁକୁମାରନ, ଅଭିନେତା**



"ବାପାଙ୍କ ସହିତ ଝଗଡା କରି ଥିଏଟରକୁ ବାଛିଥିଲି । ସେତେବେଳେ ପିଲାଙ୍କ ସ୍କୁଲ ଫିସ୍ ଦେବାକୁ ବି ଅର୍ଥ ନଥିଲା । ଅନେକ ଷ୍ଟ୍ରଗଲ କରି ଆଗକୁ ବଢିଛି ।

**ବୁଲୁ କୁମାର, ଅଭିନେତା**



"କାଷ୍ଟିଂ କାଉଚ୍ ଏକ ଦୁଃଖଦ ଅନୁଭବ । ଏହି ଅନୁଭବ ଖୁବ କଷ୍ଟ ଦାୟକ ହୋଇଥାଏ । ଯିଏ ଏହାକୁ ସହିଛି ସେ ଜାଣିଛି ଏହା କେତେ କଷ୍ଟ ।

**ଜିମି ଲିବର, ହାସ୍ୟ ଅଭିନେତ୍ରୀ**

# ଘରେ ରାନ୍ଧିବା ପାଇଁ ସ୍ତ୍ରୀ ନେଉଛନ୍ତି ଦରମା

ସାଧାରଣତଃ ବିବାହ ପରେ ସମସ୍ତଙ୍କ ଘରେ ମହିଳାମାନେ ରୋଷେଇ କରିଥାଆନ୍ତି ଏବଂ ସେହି କାମ ସେମାନେ ମାଗଣାରେ କରିଥାଆନ୍ତି । ହେଲେ ବର୍ତ୍ତମାନ ଏକ ଘଟଣା ଖୁବ ଭାଇରାଲ ହେବାରେ ଲାଗିଛି । ଜଣେ କଣ୍ଟେଣ୍ଟ କ୍ରିଏଟର ଘରେ ଖାଇବା ରାନ୍ଧିବା ପାଇଁ ନିଜ ସ୍ୱାମୀଙ୍କ ଠାରୁ ଦରମା ନେଉଥିବା ପ୍ରକାଶ କରିବାପରେ ଏହା ଚର୍ଚ୍ଚାର ପରିସରକୁ ଆସିଛି । ସୂଚନା ଅନୁସାରେ ମହିଳାଙ୍କର ଦୁଇଟି ଛୁଆ ଥିବାବେଳେ ସେ ପେଷାରେ ଜଣେ କଣ୍ଟେଣ୍ଟ କ୍ରିଏଟର । ସେ ତାଙ୍କ ଭିଡିଓରେ ଏନେଇ ସୂଚନା ଦେଇଥିଲେ । ସେ ପ୍ରତିଦିନ ତାଙ୍କ ସ୍ୱାମୀଙ୍କ ପାଇଁଖାଇବା ପ୍ରସ୍ତୁତ କରିବା ପାଇଁ ପାଖାପାଖି ୧୧୫୦ ଟଙ୍କା ଦାବି କରନ୍ତି । ମହିଳାଙ୍କ ମତରେ ଯଦି ତାଙ୍କ ସ୍ୱାମୀ ବାହାରେ ଖାଇବାବେଳେ ସେତିକି ଅର୍ଥ ଖର୍ଚ୍ଚ କରୁଛନ୍ତି ତେବେ ସେ ତାଙ୍କୁ କଣ ପାଇଁ ମାଗେଣା ଖାଇବାକୁ ଦେବେ । ଏହାପରେ କିଛି ଲୋକ ମହିଳାଙ୍କୁ ସମର୍ଥନ କରୁଥିବାବେଳେ କିଛି ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି । ଘଟଣାଟି ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟୁଛି ।



# ପ୍ରଥମ ଅନୁଭୂତି ଭଲ ନଥିଲା



କଳ୍କି କୋଚଲିନ୍ ବର୍ତ୍ତମାନ ନିଜ ସାକ୍ଷାତକାରକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ନିକଟରେ ସେ ଦେଇଥିବା ଏକ ସାକ୍ଷାତକାରରେ ନିଜର ପ୍ରଥମ ଫିଲ୍ମକୁ ଅନୁଭୂତି ବଖାଣିଛନ୍ତି । ତାଙ୍କ ଫିଲ୍ମ ଦେବ୍ ଡି ପାଇଁ ସମୀକ୍ଷକଙ୍କ ପାଖରୁ ତାଙ୍କୁ ଖୁବ ପ୍ରଶଂସା ମିଳିଥିଲା ହେଲେ ଅନ୍‌ଲାଇନ ତାଙ୍କୁ ଟ୍ରୋଲିଂର ସାମନା କରିବାକୁ ପଡିଥିଲା । ସେତେବେଳେ ଲୋକ ତାଙ୍କୁ ଅସୁନ୍ଦର ବୋଲି ସମାଲୋଚନା କରିଥିଲେ ବୋଲି କଳ୍କି ମତ ଦେଇଛନ୍ତି । ସେହିଭଳି ଥରେ ଜଣେ ସାମ୍ବାଦିକ ତାଙ୍କୁ ରୁଷିଅ ମଡେଲ ବୋଲି ସମ୍ବୋଧନ କରିଥିଲେ ଯାହା ତାଙ୍କୁ ଖୁବ ଖରାପ ଲାଗିଥିଲା । ଦେବ୍ ଡିରେ କାମ କରି ସେ ଖୁସିଥିଲେ, ହେଲେ ତାଙ୍କ ଲୁକ୍‌କୁ ନେଇ ହୋଇଥିବା ସମାଲୋଚନା ତାଙ୍କୁ ବିଚଳିତ କରିଥିବା କଳ୍କି ପ୍ରକାଶ କରିଛନ୍ତି । ଫିଲ୍ମ ଭଲ ହୋଇଥିଲେ ମଧ୍ୟ ଏହି ଫିଲ୍ମ ପରେ ତାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ କାମ ମିଳିନଥିଲା । ସେହିପରି ଲୁକ୍‌କୁ ନେଇ ସମାଲୋଚନା କାରଣରୁ ତାଙ୍କୁ ମିରର ଦେଖିବାକୁ ମଧ୍ୟ ଡର ଲାଗିଥିବା ସେ ପ୍ରକାଶ କରିଛନ୍ତି । ସେ ନିଜକୁ ସେତେବେଳେ ଖୁବ ଅସୁନ୍ଦର ଭାବୁଥିବା ମତ ଦେଇଛନ୍ତି । ସେହିଭଳି ସେ ଇଣ୍ଡଷ୍ଟ୍ରୀରେ କାଷ୍ଟିଂ କାଉଚ୍‌ର ସାମନା ମଧ୍ୟ କରିଥିବା ପୂର୍ବରୁ ପ୍ରକାଶ କରିଛନ୍ତି । ଆଗକୁ କଳ୍କିଙ୍କର ଇଂରାଜୀ ଫିଲ୍ମ ଏମ୍ମା ଆଣ୍ଡ ଏଞ୍ଜେଲରେ ଦେଖିବାକୁ ମିଳିବ ।

# ଦୈନିକ ଚାଲିବା ବଢାଇଥାଏ ଆୟୁଷ

ଦୈନିକ ୧୦ ହଜାର ଷ୍ଟେପ ଚାଲିବା ଆମ ଶରୀରପାଇଁ ଖୁବ ଲାଭ ଦାୟକ । ଏହି କାରଣରୁ ଆମ ଆୟୁଷ ବଢିବ ବୋଲି ଏକ ରିପୋର୍ଟରେ ଜଣା ପଡିଛି । ତେବେ ସମସ୍ତଙ୍କ ପାଇଁ ୧୦ ହଜାର ଷ୍ଟେପ ଆବଶ୍ୟକ ନାହିଁ ହେଲେ ଚାଲିବା ଆମ ପାଇଁ ଦରକାରୀ ବୋଲି ଏଥିରେ ଉଲ୍ଲେଖ କରାଯାଇଛି । ସେହିଭଳି ଦୈନିକ ୫ହଜାର ଷ୍ଟେପ ଚାଲିବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭ ଦାୟକ ହୋଇଥାଏ ବୋଲି ଏଥିରେ କୁହାଯାଇଛି । ଏହି ପ୍ରକ୍ରିୟା ଆମର ଆୟୁଷକୁ ବଢାଇଥାଏ ଅର୍ଥାତ ଆମର ଶୀଘ୍ର ମୃତ୍ୟୁହାରକୁ ପାଖାପାଖି ୪୭ ପ୍ରତିଶତ କମାଇଥାଏ । ସେହିଭଳି ଆହୁରି ଅନେକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ । ବିଭିନ୍ନ ରୋଗ ହେବାର ଆଶଙ୍କା ପ୍ରତିଶତକୁ ଏହା କମାଇଥାଏ । ତେଣୁ ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ଦୈନିକ ୧୦ ହଜାର ଷ୍ଟେପ ଚାଲିବା ଲାଭଦାୟକ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି ।



## ଇତିହାସ

୧୮୪୪– ଭାରତୀୟ ପ୍ରମୁଖ ଶିକ୍ଷାବିତ୍ ଗୁରୁଦାସ ବାନାର୍ଜୀଙ୍କ ଜନ୍ମ ।

୧୮୭୬– କୋଲକାତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ସ୍ଥାପନା ।

୧୯୬୫– ବ୍ରିଟେନ୍ କବଜାରୁ ମାଳଦ୍ୱୀପ ସ୍ୱାଧୀନ ହେଲା ।

୧୯୯୮– ପ୍ରସିଦ୍ଧ ଆଥ୍‌ଲେଟ୍ ଜ୍ୟାକି ଜାୟନର କର୍ସୀ ଆଥ୍‌ଲେଟିକ୍ସରୁ ସନ୍ୟାସ ନେଲେ ।

୨୦୦୫– ଆର୍ଥିକ ରାଜଧାନୀ ମୁମ୍ବାଇରେ ରେକର୍ଡ ପରିମାଣର ବର୍ଷା ହୋଇ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ।

୨୦୦୫– ନାସା ପକ୍ଷରୁ ସଟଲ୍ ଡିସ୍କଭରୀର ପ୍ରକ୍ଷେପଣ ।

୨୦୦୭– ପାକିସ୍ତାନ ପକ୍ଷରୁ ପରମାଣୁ ଶକ୍ତିସମ୍ପନ୍ନ କ୍ରୁଜ୍ ମିସାଇଲ୍ ବାବର୍ ହତ୍‌ଫ–୭ର ସଫଳ ପରୀକ୍ଷଣ ।

୨୦୦୮– ଗୁଜରାଟର ଅହମ୍ମଦାବାଦରେ ୨୧ଟି ସିରିଜ୍ ବମ୍ ବିସ୍ଫୋରଣ ଘଟି ୫୬ ଜଣଙ୍କ ମୃତ୍ୟୁ ।

୨୦୦୮– ୟୁରୋପୀୟ ବୈଜ୍ଞାନିକମାନେ ସୌରମଣ୍ଡଳ ବାହାରେ ନୂତନ ଗ୍ରହର ସନ୍ଧାନ କଲେ ।

୨୦୧୨– ସିରିଆ ହିଂସାରେ ଆଜିର ଦିନରେ ୨୦୦ ଲୋକଙ୍କ ମୃତ୍ୟୁ ।

# କାର୍ଯ୍ୟାଳୟରେ ରଖନ୍ତୁ ସନ୍ତୁଳନ

ଆଜିକାଲିର ଡିମାଣ୍ଡିଂ ୱାର୍କପ୍ଲେସ୍ ପାଇଁ ଲୋକଙ୍କର ଷ୍ଟ୍ରେସ୍ ବଢିଚାଲିଛି । ଏହି ଷ୍ଟ୍ରେସ୍ କାରଣରୁ ଅଫିସ୍‌ର ବାତାବରଣ ମଧ୍ୟ ବିଗୁଡୁଛି । ଏହି ୱାର୍କ ଲାଇଫ୍ ଷ୍ଟ୍ରେସ୍ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଉଛି । ତେଣୁ ୱାର୍କପ୍ଲେସ୍‌ରେ ମେଣ୍ଟାଲ୍ ହେଲ୍‌ଥର ଖୁବ ଧ୍ୟାନ ରଖିବାର ଆବଶ୍ୟକତା ରହିଛି । ଏଭଳି କିଛି ଟ୍ରିକ୍ ରହିଛି ଯାହାକୁ ଅନୁସରଣ କରି ଆମେ ୱାର୍କ ଲାଇଫକୁ ବାଲାନ୍ସ କରିପାରିବା । ଯେଉଁଠି କାମ କରୁଛନ୍ତି ସେଠାରେ ଏକ ସକରାତ୍ମକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ । ଏଥିପାଇଁ ସୋସିଆଲ ନେଟୱାର୍କକୁ ଷ୍ଟ୍ରଙ୍ଗ୍ କରନ୍ତୁ । ନିଜ ସହକର୍ମୀଙ୍କ ସହିତ ଭଲ ରିଲେସନ୍ ଡେଭଲପ୍ କରନ୍ତୁ । ଏହାଦ୍ୱାରା ଟିମ୍ ବଣ୍ଡିଂ ଭଲ ଭାବେ ହୋଇଥାଏ ଏବଂ କାମର ପ୍ରେସର କମିଥାଏ ।



ସେହିଭଳି ସବୁବେଳେ ଚେଷ୍ଟା କରନ୍ତୁ ନିଜ ମୁଣ୍ଡକୁ ଥଣ୍ଡା ରଖିବା ପାଇଁ । ତେଣୁ କାମ କରିବା ସମୟରେ ଛୋଟଛୋଟ ବ୍ରେକ ନିଅନ୍ତୁ । ଏହା ଦ୍ୱାରା ଆପଣଙ୍କର କାମ କରିବାକୁ ଇଚ୍ଛା ହେବାସହ ଉପାଦେୟତା ମଧ୍ୟ ବଢିବ । ଏହି ବ୍ରେକରେ ଆପଣ ଚା କଫି ପି ପାରିବେ, କିମ୍ବା ସାଙ୍ଗଙ୍କ ସହିତ କୌଣସି ଗ୍ରୁପ୍ ଡିସ୍କସନ୍ ମଧ୍ୟ କରିପାରିବେ । ଏହା ପ୍ରଡକ୍ଟିଭିଟି ବଢାଇଥାଏ । ସବୁବେଳେ ନିଜର ସଫଳତାକୁ ସେଲିବ୍ରେଟ୍ କରନ୍ତୁ, ଏହା ଦ୍ୱାରା ଆତ୍ମ ବିଶ୍ୱାସ ବଢିବା ସହିତ ଆହୁରି ସଫଳତା ମିଳିବ ।



ବରିଷ୍ଠ ଆଇଏଏସ୍ ହେମନ୍ତ ଶର୍ମା ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

### ସ୍ୱାମୀଙ୍କ ମୃତ୍ୟୁ ପରେ ବି ପତ୍ନୀକୁ ମିଳିଲାନି ପ୍ରାପ୍ୟ ବୀମା ରାଶି

# ତୁରନ୍ତ ୮ ଲକ୍ଷ ଟଙ୍କା ଦେଉ ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ : ହାଇକୋର୍ଟ

କଟକ,(ସବ୍ୟୁ): ୨୦୧୦ ମସିହାରୁ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ମଧ୍ୟ ଇନସ୍ୟୁରାନ୍ସ ସ୍ତରରେ ଯେଉଁ ଅର୍ଥ ମିଳିବା କଥା ତାହା ତାଙ୍କ ପତ୍ନୀଙ୍କୁ ଆଜି ପର୍ଯ୍ୟନ୍ତ ମିଳିନଥିବାରୁ ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ମର୍ମରେ ହାଇକୋର୍ଟ ତୁରନ୍ତ ଇନସୁରାନ୍ସ କମ୍ପାନୀକୁ ମୃତକଙ୍କ ପତ୍ନୀ ତଥା ଆବେଦନକାରିଣୀଙ୍କୁ ୧୦% ସୁଧ ହାରରେ ୮ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହାଛଡ଼ା କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଏବଂ ମାମଲା ପରିଚାଳନା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ଏହି ଅବସରରେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ହାଇକୋର୍ଟ ଜାତୀୟ ଖାଉଟି ଅଦାଲତ ସମାଧାନ କମିସନଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବା ସହ ରାଜ୍ୟ ଖାଉଟି ଅଦାଲତ କମିସନଙ୍କ ନିର୍ଦ୍ଦେଶକୁ କାଏମ୍ ରଖିଛନ୍ତି । ଆବେଦନକାରିଣୀ ସୁଲୋଚନା ବାରିକ୍‌ଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଆବେଦନକାରିଣୀଙ୍କ ସ୍ୱାମୀ ସାହାରା ଇଣ୍ଡିଆର "ସାହାରା ବର୍ଷ ରଜତ ଯୋଜନା' ସ୍କିମରେ କିଛି କିଛି ଅର୍ଥ ଜମା କରିଥିଲେ । ଏହି ସ୍କିମ ଇନସ୍ୟୁରାନ୍ସ କଭର କରୁଥିଲା । ୨୦୧୦ ମସିହା ଜୁନ୍ ୭ତାରିଖରେ ଆବେଦନକାରିଣୀଙ୍କ ସ୍ୱାମୀଙ୍କର ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଗଲା । ସାମୀଙ୍କ ଦେହାନ୍ତ ପରେ ନୋମିନି ହିସାବରେ ଆବେଦନକରିଣୀ ଏହି ଯୋଜନାରେ ୮ ଲକ୍ଷ ଟଙ୍କାର ଇନସ୍ୟୁରାନ୍ସ କ୍ଲେମ୍ କରିଥିଲେ। ଆବେଦନକାରିଣୀଙ୍କୁ ତାଙ୍କ ବୀମାରୁ ଅର୍ଥ ନମିଳିବାରୁ ସେ ଜିଲ୍ଲା ଖାଉଟି ଅଦାଲତରେ ପିଟିସନ୍ ରୁଜୁ କରିଥିଲେ । ଜିଲ୍ଲା ଖାଉଟି ଅଦାଲତ ଆବେଦନକାରିଣୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ । ବର୍ଷକୁ ୯% ସୁଧ ହାରରେ ୮ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ରାଜ୍ୟ ଖାଉଟି କମିସନଙ୍କ ଦ୍ୱାରସ୍ଥ ହୋଇଥିଲା । ରାଜ୍ୟ ଖାଉଟି କମିସନ ଜିଲ୍ଲା ଖାଉଟି ଅଦାଲତଙ୍କ ଆଦେଶକୁ କାଏମ୍ ରଖୁଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଜତୀୟ ବିବାଦ ସମାଧାନ କମିସନଙ୍କ ଦ୍ୱାରସ୍ଥ ହୋଇଥିଲା । ଜାତୀୟ କମିସନ ଏହି ମାମଲାରେ ଅବେଦନକାରିଣୀଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ଆଦେଶ ବିରୋଧରେ ଆବେଦନକାରିଣୀ ହାଇକୋର୍ଟକୁ ରିଟ୍ ଅପିଲ୍‌ରେ ଆସିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ ଜାତୀୟ ଖାଉଟି କମିସନଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ, ଆବେଦନକାରିଣୀଙ୍କ ସ୍ୱାମୀ ୨୦୧୦ ମସିହାରୁ ମୃତ୍ୟୁବରଣ କଲେଣି । ଇତିମଧ୍ୟରେ ୧୫ବର୍ଷ ଗତ ହୋଇଗଲାଣି । ହେଲେ ନ୍ୟାସନାଲ ଇନସ୍ୟୁରାନ୍ସ ଏବଂ ସାହାରା ଇଣ୍ଡିଆ ପରସ୍ପରକୁ ଦୋଷ ଠେଲାଠେଲି ହେଉଥିଲାବେଳେ ଆବେଦନକାରିଣୀ ତାଙ୍କ ଉଚିତ ପ୍ରାପ୍ୟ ପାଇ ପାରିନାହାନ୍ତି । ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ । ଉଭୟ ସଂସ୍ଥାଙ୍କ କାର୍ଯ୍ୟ ଆବେଦନକାରିଣୀଙ୍କୁ ହା ହୁତାଶ ଭିତରକୁ ଠେଲି ଦେଇଛି ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତେଣୁ ଏହି ପରିପେକ୍ଷୀରେ ଆବେଦନକାରିଣୀ ଉପଯୁକ୍ତ ପ୍ରାପ୍ୟ ପାଇବା ଉଚିତ୍ ବୋଲି ହାଇକୋର୍ଟ କହିବା ସହ ଉଭୟ ନ୍ୟାସନାଲ ଇନସ୍ୟୁରାନ୍ତି କମ୍ପାନୀ ଏବଂ ସାହାରା ଇଣ୍ଡିଆକୁ ୮ଲକ୍ଷ ଟଙ୍କାର ଇନସ୍ୟୁରାନ୍ସ ଅର୍ଥ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟଭୂଷଣ ଦାସ ମାମଲା ପରିଚାଳନା କରୁଥିଲେ ।

# ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳ ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ବେଳେ, ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହା ଯୋଗୁଁ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି । କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜ୍ୟ ସହର ବିକାଶ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି । ଡ଼ ମହାନ୍ତି କହିଥିଲେ, ବିଜେଡି ସରକାରଙ୍କ ସମୟରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ମେଟ୍ରୋ ପ୍ରକଳ୍ପ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ନିର୍ମାଣ ହେବ ବୋଲି ସ୍ପଷ୍ଟ କୁହାଯାଇଥିଲା, ଯେଉଁ କାରଣରୁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକ ନଥିଲା । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି । ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା । ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ଼ ଷ୍ଟ୍ରକ୍ଚରରେ ଅର୍ଥାତ ମାଟି ଉପରେ ନିର୍ମିତ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଛନ୍ତି । ସେହିପରି, ଆଜି ସହର ବିକାଶ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ନୂତନ ଡିପିଆର ପ୍ରସ୍ତୁତ ହେବା ପରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯିବ । ଡ଼ ମହାନ୍ତି କହିଛନ୍ତି, ଯଦି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବେ, ତାହେଲେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ । ଉଲ୍ଲେଖଯୋଗ୍ୟ, ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ନିତ୍ୟାନ୍ତ ଜରୁରୀ । କେନ୍ଦ୍ର ସହର ବିକାଶ ମନ୍ତ୍ରୀ ଲୋକସଭାରେ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ, ଦେଶର ୧୭ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହାର ଅର୍ଥ ବିକଶିତ ରାଜ୍ୟ ହେବାକୁ ଉଦ୍ୟମ କରୁଥିବା ରାଜ୍ୟମାନେ ମେଟ୍ରୋ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଆମ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲି ଦେଉଛନ୍ତି

# ପ୍ରଫେସର ଉମା କାଞ୍ଜିଲାଲ୍ ଇଗ୍ନୋର ନୂତନ କୁଳପତି ନିଯୁକ୍ତ

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର କୁଳପତି ରୂପେ ନିଯୁକ୍ତି ପ୍ରଦାନ କରିଛନ୍ତି । ପ୍ରଫେସର କାଞ୍ଜିଲାଲ୍ ବିଗତ ପ୍ରାୟ ୧ବର୍ଷ ଧରି ଇଗ୍ନୋର କାର୍ଯ୍ୟନିର୍ବାହୀ କୁଳପତି ରୂପେ ଦାୟିତ୍ୱ ସଂପାଦନ କରି ଆସୁଛନ୍ତି । ତତ୍ ପୂର୍ବରୁ ସେ ମାର୍ଚ୍ଚ ୨୦୨୧ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଇଗ୍ନୋର ସମ କୁଳପତି ଥିଲେ । ପ୍ରଫେସର କାଞ୍ଜିଲାଲ୍ ଏହା ପୂର୍ବରୁ ଇଗ୍ନୋର ଅନ୍‌ଲାଇନ୍ ଶିକ୍ଷାକେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ମଧ୍ୟ ରହିଛନ୍ତି ବୋଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ଜଣାଇଛନ୍ତି ।

# ବୈଶିଙ୍ଗା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ

ବେତନଟୀ (ସବ୍ୟୁ) ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୨ ନବାଗତ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଅଧକ୍ଷ ଇଂରାଜୀ ବିଭାଗର ବରିଷ୍ଠ ପ୍ରଧାପକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି କିପରି ଛାତ୍ରଛାତ୍ରୀ ନିଜକୁ ସଚେତନ ରଖି ନିଜର ଲକ୍ଷ୍ୟକୁ ହାସଲ କରିବା, ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା, ଅଭିଭାବକ ମାନଙ୍କର ଆଶୀର୍ବାଦ ନେବା, ନିଜର କର୍ମକୁ ଅଗ୍ରାଧିକାର ଦେଇ ନିଜର ଓ ବାପା ମା ଙ୍କର ସ୍ୱପ୍ନକୁ ସାକାର କରିବାପାଇଁ ପ୍ରେରଣା ଦେଇଥିଲେ। ଆହୁରି ମଧ୍ୟ ଅଧକ୍ଷ ମହୋଦୟ ଛାତ୍ରଛାତ୍ରୀଙ୍କର ସୁରକ୍ଷା ନିଶ୍ଚିତ କରିବା ସହିତ ସରକାରଙ୍କ ପ୍ରଦତ୍ତ ସମସ୍ତ ହେଲ୍ପ ଲାଇନ ନମ୍ବର ଗୁଡିକୁ ଛାତ୍ରଛାତ୍ରଙ୍କୁ ଅବଗତ କରାଇଥିଲେ। ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକ ନିଜ ନିଜର ପରିଚୟ ଏବଂ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇ ନିଜର ମନ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ଚାରିତ୍ରିକ ବିକାଶ ଏବଂ ଭବିଷ୍ୟତରେ ସଫଳତା ହାସଲ କରିବାପାଇଁ ପ୍ରେରଣା ଯୋଗେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀ ପୁଷ୍ପପ୍ରିୟା ମହାଳିକ ଏବଂ ଶିକ୍ଷା ବିଭାଗର ଅଧ୍ୟାପିକା ସୁଶ୍ରୀ ଶୁଭଶ୍ରୀ ଦାସ ସଂଯୋଜନା କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଭାକୁ ସଫଳ ରୂପାୟନ କରିଥିଲେ।

### ଓଡିଶାରେ ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ

# ୮୬୯.୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, (ସବ୍ୟୁ): ଅକ୍ଷୟଶକ୍ତି କ୍ଷେତ୍ରରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା। ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରାପ୍ତ ହୋଇଛି । ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।ଏହି ବୈଠକରେ ଗ୍ରିଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡକୋ ଏବଂ ଓଏଚପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ରେନା) ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା।



ଅନୁମୋଦିତ ପ୍ରକଳ୍ପମାନଙ୍କ ମଧ୍ୟରେ ରହିଛି, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲା ର ତେଲକୋଇ ଠାରେ ଆଇନକ୍ସ ସୋଲାର ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡା ର ଲଖନପୁର ଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁର ର ପାପଡାହାଣ୍ଡିରେ ଏନ୍.ଏଲ୍.ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ । ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟି ଟଙ୍କା ର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ତଥା ରାଜ୍ୟରେ ଏକ ସହଜ ଓ ସୁବିଧାଜନକ ଉଦ୍ୟୋଗ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ପ୍ରକଳ୍ପ ଗୁଡିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିବାହ କରିବ।

## ଶ୍ରୀ ସିଦ୍ଧ ବଳଦେଜୀଉଙ୍କ ସୁନାବେଶ ପାଇଁ ପଦକ୍ଷେପ ନେବାକୁ ଦାବି

କେନ୍ଦ୍ରାପଡା (ସବ୍ୟୁ): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେଜୀଉଙ୍କ ସୁନାବେଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏକ ଦାବିପତ୍ର ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ବେଶ ପାଇଁ ବହୁ ପରିମାଣର ଅର୍ଥ ଆବଶ୍ୟକ ଥିବାବେଳେ ସେ ସମ୍ବନ୍ଧରେ ସରକାରୀ ଓ ବେସରକାରୀ ସ୍ତରରେ ବିଚାର ଆଲୋଚନା କରାଯାଇ ପଦକ୍ଷପ ନେବାକୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଏକ ଆଲେଚନା କରଯିବାର ଆବଶ୍ୟକତା ରହିଛି। ପାଣ୍ଠି ସଂଗ୍ରହ ପାଇଁ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣଟ ଜାତୀୟ କରଣ ବ୍ୟାଙ୍କରେ ଖୋଲାଯାଇ ସର୍ବ ସାଧାରଣଙ୍କ ଠାରୁ ଦାନ ସଂଗ୍ରହ କରାଗଲେ ଏହା ଅଧିକ ଫଳପ୍ରଦ ହୋଇ ପାରିବ। ଏନେଇ ରାଜ୍ୟ ସରକାର ଓ ଦେବୋତର ବିଭାଗ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବିରେନ କୁମାର ଦାସ, ରବିନ୍ଦ୍ର କୁମାର ସେନାପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏକ ଦାବିପତ୍ର ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ସମନ୍ୱୟ ଅଭାବ - ସ୍ୱରେଜ ଲାଇନ୍ ସଫା ସମସ୍ୟା

ଭୁବନେଶ୍ୱର, (ତଥ୍ୟ) ସହରାଞ୍ଚଳରେ ଥିବା ସ୍ୱରେଜ ଲାଇନ୍ ଓ ଟାଙ୍କିଗୁଡିକୁ ଶ୍ରମିକଙ୍କ ବଦଳରେ ମେସିନ୍ ଲଗାଇ ସଫା କରିବାପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସଫେଇ ପାଇଁ ଠିକା ନେଇଥିବା ସଂସ୍ଥାମାନେ ମଧ୍ୟ ଏଥିପାଇଁ ଯନ୍ତ୍ରପାତି ଖରିଦ କରିଛନ୍ତି। ହେଲେ ଖୋଦ୍ ରାଜଧାନୀରେ ବିଏମ୍‌ସି ଓ ୱାଟ୍‌କୋ ମଧ୍ୟରେ ସମନ୍ୱୟ ଅଭାବରୁ ଯାନ୍ତ୍ରିକ ଉପାୟରେ ସ୍ୱରେଜ ଲାଇନ୍‌ଗୁଡିକୁ ସଫା କରିବା ଅନେକ ସ୍ଥାନରେ ସମ୍ଭବପର ହୋଇପାରୁ ନଥବା ଦେଖିବାକୁ ମିଳୁଛି। ସ୍ୱରେଜ ଲାଇନ୍ ଟାଙ୍କି ମଧ୍ୟରୁ ମଇଳା କାଢିବା ସମୟରେ ଶ୍ରମିକ ମୃତ୍ୟୁବରଣ କରିବାପରେ ଏଭଳି କାର୍ଯ୍ୟକୁ ବାରଣ କରାଯାଇଥିଲା। ମଣିଷଙ୍କ ବଦଳରେ ମେସିନ୍ ଲଗାଇ ସ୍ୱରେଜ ଲାଇନ୍ ସଫା କରିବାକୁ ସ୍ପଷ୍ଟଭାବେ କୁହାଯାଇଥିଲା। ଏହାକୁ ସଫା କରିବାପାଇଁ ଠିକା ନେଇଥିବା ସଂସ୍ଥାମାନେ ବି ଲକ୍ଷାଧିକ ଟଙ୍କା ବ୍ୟୟରେ ଛୋଟ, ବଡ ସଫେଇ ଗାଡି ଖରିଦ କରିଛନ୍ତି। ହେଲେ ଅଧିକାଂଶ ସ୍ଥାନରେ ଏହି ଯନ୍ତ୍ରପାତି କାମରେ ଲାଗିପାରୁ ନାହିଁ।

ଖୋଦ୍ ରାଜଧାନୀରେ ସରକାରୀ କ୍ୱାର୍ଟର୍ସ ଓ ବେସରକାରୀ ଘରର ପଛପଟେ ସ୍ୱରେଜ ଲାଇନ୍‌ଗୁଡିକ ରହିଛି। ବିଏମ୍‌ସି କର୍ତ୍ତୃପକ୍ଷ ଏହି ସ୍ଥାନକୁ ସଫା କରି ସେଠାରେ ଟାଇଲ ବିଛାଇଛନ୍ତି। ହେଲେ ଟାଇଲ୍ ପକାଇବାପରେ ଖୁଣ୍ଟ ପୋତି ଦୁଇପଟୁ ବାଟ ବନ୍ଦକରି ଦେଇଛନ୍ତି। ଶ୍ରମିକମାନେ ଚାଲିକରି ଯିବା ଛଡା ଅନ୍ୟ ଉପାୟ ନାହିଁ। ବଡ ବଡ ସଫେଇ ଗାଡି ତ ଦୂରରକଥା ଛୋଟ ଛୋଟ ସଫେଇ ଗାଡି ଏହା ମଧ୍ୟକୁ ପ୍ରବେଶ କରିପାରୁ ନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ଟାଇଲ୍ ବିଛାଇବା ସମୟରେ ବିଏମ୍‌ସି ଓ ୱାଟ୍‌କୋ ମଧ୍ୟରେ ତାଳମେଳ ରହିଲା ନାହିଁ। ସ୍ୱରେଜ ଲାଇନ୍‌ଗୁଡିକ ସଫା କରିବାପାଇଁ ସେଠାକୁ କିଭଳି ଯାନବାହାନ ପ୍ରବେଶ କରିବ ତାହା ଉପରେ କେହି ନଜର ଦେଲେ ନାହିଁ। ଏବେ କୌଣସି ଠାରୁ ଅଭିଯୋଗ ଆସିଲେ ସେଠାରେ ଗାଡି ପଠାଇବା ବଦଳରେ ଠିକାଦାରମାନେ ବାଧ୍ୟହୋଇ ଶ୍ରମିକମାନଙ୍କୁ ପଠାଉଛନ୍ତି ଏବଂ ସେମାନେ ପୂର୍ବଭଳି ଟାଙ୍କିରେ ପଶି ମଇଳା କାଢୁଛନ୍ତି। କନଜନଭେନ୍ସି ଚାରିପଟେ ଗାଡି ବୁଲି ବୁଲି ଫେରୁଛି।

ଏହା ଫଳରେ ୱାଟ୍‌କୋ କର୍ତ୍ତୃପକ୍ଷ ଅଭିଯୋଗ ପାଇବାପରେ ତତ୍‌କ୍ଷଣାତ ପଦକ୍ଷେପ ନେବାକୁ ସକ୍ଷମ ହୋଇପାରୁ ନଥିବା ଲକ୍ଷ୍ୟ କରାଯାଉଛି। କାରଣ ଯେଉଁଠାରେ ମାତ୍ର କେଇ ମିନିଟ୍ ମଧ୍ୟରେ ମେସିନ୍ ସାହାଯ୍ୟରେ ସ୍ୱରେଜ ଲାଇନ୍ ସଫା କରାଯାଇ ପାରୁଥାନ୍ତା ସେଠାରେ ଶ୍ରମିକଙ୍କ ଦ୍ୱାରା ଦିନ ଦିନ ଲାଗିଯାଉଛି। ଦୁଇଟି ସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଏବେ ବି ହାତରେ ବତା ଧରି ଶ୍ରମିକମାନେ ସ୍ୱରେଜ ଲାଇନ୍ ସଫା କରିବାକୁ ଯାଉଛନ୍ତି ଏବଂ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ବିପଦସଙ୍କୁଳ ସ୍ଥିତିରେ ମଇଳା ଟାଙ୍କିରେ ପଶି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

### ଖୋର୍ଦ୍ଧାରୋଡ଼ ରେଳଡିଭିଜନରେ ବିଶ୍ୱ ମାନବ ଚାଲାଣ

# ବିରୋଧୀ ଦିବସ ପାଳନ ପାଇଁ ଆର୍‌ପିଏଫ୍‌ର ସଚେତନତା ଅଭିଯାନ

ଜଟଣୀ,(ସବ୍ୟୁ): ଜୁଲାଇ ୩୦ରେ ବିଶ୍ୱସ୍ତରରେ ପାଳିତ ହେଉଥିବା ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସକୁ ନଜରରେ ରଖି ଖୋର୍ଦ୍ଧା ରେଳମଣ୍ଡଳର ରେଳ ସୁରକ୍ଷାବଳ (ଆର୍‌ପିଏଫ୍) ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, କଟକ, ପୁରୀ, ତାଳଚେର, ଭଦ୍ରକ, ଯାଜପୁର, କେନ୍ଦୁଝରରୋଡ଼, କେନ୍ଦୁଝରଗଡ଼, ଅନୁଗୁଳ, ବ୍ରହ୍ମପୁର, ପଲାସା ଆଦି ବିଭିନ୍ନ ରେଳ ଷ୍ଟେସନରେ ପନ୍ଦରଦିନ ଧରି ସଚେତନତା ଅଭିଯାନ ଆରମ୍ଭ କରିଛି। ଏହାର ଲକ୍ଷ୍ୟ ହେଉି ଯାତ୍ରୀ, ରେଳ କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ମାନବ ଚାଲାଣର ବିପଦ ବିଷୟରେ ସଚେତନ କରାଇବା, ବିଶେଷ ଭାବରେ ଶିଶୁ ଏବଂ ଦୁର୍ବଳଗୋଷ୍ଠୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା। କାର୍ଯ୍ୟକଳାପରେ ସୂଚନାପ୍ରଦ ପ୍ରଦର୍ଶନ, ସାର୍ବଜନୀନ ଘୋଷଣା, ଯାତ୍ରୀ ପାରସ୍ପରିକ କ୍ରିୟା ଅଧିବେଶନ ଏବଂ ଶିଶୁ ହେଲ୍‌ପଲାଇନ୍-୧୦୯୮ ବିଷୟରେ ଆଦି କାର୍ଯ୍ୟକୁ ସଚେତନତାରେ ଅନ୍ତର୍ଭୁକ୍ତ କରାଯାଇଛି। ଶିଶୁ କିମ୍ବା ଦୁର୍ବଳଶ୍ରେଣୀ ବ୍ୟକ୍ତିମାନଙ୍କ ସହିତ ଜଡ଼ିତ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାରେ ପ୍ରୋତ୍ସାହିତ କରିଥାଏ। ଏହି ଅଭିଯାନରେ ସରକାରୀ ରେଳବାଇ ପୋଲିସ, ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ସମନ୍ୱିତ ଶିଶୁ ସୁରକ୍ଷା ଯେଜାନା ଅଧିକାରୀ, ଶିଶୁ କଲ୍ୟାଣ କମିଟି, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ସ୍ୱେଚ୍ଛାସେବୀ କାର୍ଯ୍ୟ ସଂଘ ଏବଂ ବଚପନ ବଚାଓ ଆନ୍ଦୋଳନ ସମେତ ଅଣସରକାରୀ ସଂଗଠନ ଭଳି ଅନେକ ଅଂଶୀଦାରଙ୍କସହ ଘନିଷ୍ଠ ସମନ୍ୱୟରେ ପରିଚାଳିତ କରାଯାଇ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସମ୍ଭାବ୍ୟ ପୀଡ଼ିତ ଏବଂ ଚାଲାଣକାରୀଙ୍କୁ ଚିହ୍ନଟ କରିବା ଏବଂ ସଂକଟରେ ଥିବା ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରି ଶିଶୁ ସୁରକ୍ଷା ଅଧିକାରୀଙ୍କ ସହିତ ମିଶି କାମ କରିବା ପାଇଁ ଆର୍‌ପିଏଫ୍ କର୍ମଚାରୀଙ୍କୁ ସଚେତନ ଓ ତାଲିମ୍ ମଧ୍ୟ ଦିଆଯାଇଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମାନବ ଚାଲାଣ ମୁକାବିଲାପାଇଁ ଏକ ସମନ୍ୱିତ ରାଜ୍ୟସ୍ତରୀୟ ପ୍ରତିକ୍ରିୟାକୁ ପ୍ରତିଫଳିତ କରୁଅଛି।

## ଭାରସାମ୍ୟ ହରାଇ ଟ୍ରକ ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଏକ ୪୦୭( ମିନି ଟ୍ରକ) ଭାରସାମ୍ୟ ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶଯେ କୁଆଖିଆରୁ ଏକ ଖାଲି ୪୦୭ (ଓଡି ୦୫ ପି ୪୫୬୬) ଜାତୀୟ ରାଜପଥରେ ଯାଜପୁରରୋଡ ଅଭିମୁଖେ ଯାଉଥିଲା। ସାହାପୁର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଚାଳକ କୁଆଖିଆର ଅଜୟ ମଲିକ ଆହତ ହୋଇଥିଲେ। ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ସେଠାରେ ପହଂଚି ଚାଳକୁ ଉଦ୍ଧାର କରି ମସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରିଛନ୍ତି। ପରେ ପୁଲିସ ପହଂଚି ଗାଡି ଜବତ କରି ତଦନ୍ତ ଚଳାଇଛି।

# ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ନୂତନ ଜିଲ୍ଲାପାଳ

ପୁରୀ, (ସବ୍ୟୁ): ଶୁକ୍ରବାର ସକାଳେ ନୂତନ ଜିଲ୍ଲାପାଳ ଭାବେ ଦିବ୍ୟ ଜ୍ୟୋତି ପରିଡା କାର୍ଯ୍ୟରେ ଯୋଗ ଦାନ କରିବା ପରେ ଜିଲ୍ଲାର ବିଭିନ୍ନ ସରକାରୀ ଯୋଜନା, ଉନ୍ନୟନ ମୂଳକ କାର୍ଯ୍ୟ ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀ, ତହସିଲଦାର , ବିଡିଓ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଜିଲ୍ଲାପାଳ ଶ୍ରୀ ପରିଡା। ବିଶେଷ କରି ମେଗା ପ୍ରକଳ୍ପ, ଉନ୍ନୟନ ମୂଳକ କାର୍ଯ୍ୟ, ଜନ ହିତକାରୀ ଯୋଜନା ଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ବର୍ତ୍ତମାନ ବର୍ଷା ଋତୁ। ତେଣୁ ଯେଉଁ ଅଞ୍ଚଳ ଗୁଡିକ ଜଳ ପ୍ଲାବିତ ହେବାର ସମ୍ଭାବନା ରହିଛି ତାହା ପାଇଁ ପ୍ରସ୍ତୁତ ରହିବା, ପ୍ରସ୍ତୁତ ହୋଇ ରହିଥିବା ଆଶ୍ରୟ ସ୍ଥଳ ଗୁଡିକର ପୁନଃ ନିରୀକ୍ଷଣ ସହ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା,



ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଔଷଧ ବିଶେଷ କରି ସାପ କାମୁଡ଼ାର ଅଧିକ ଆଶଙ୍କା ଥିବାରୁ ଆଣ୍ଟି ଭେନମ ଔଷଧ ମହଯୁଦ ରଖିବା, ସହରାଞ୍ଚଳରେ ଯେଉଁ ଠାରେ ଜଳ ବନ୍ଦିର ଆଶଙ୍କା ରହୁଛି ସେଠାରେ ଜଳ ନିଷ୍କାସନ ପାଇଁ ପମ୍ପ ସେଟର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।କାର୍ଯ୍ୟ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରିବା, ନିଜ ଅଞ୍ଚଳର ଦୈନିକ ସାମାଜିକ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ତାହାର ନିରାକରଣ ପାଇଁ ପଦକ୍ଷେପ ନେବା,ଆବଶ୍ୟକ ସ୍ଥଳେ ବରିଷ୍ଠ ଅଧିକାରୀ ମାନଙ୍କ ସହଯୋଗ ନେଇ ସମସ୍ୟାର ସମାଧାନ ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ପୁରୀ ଜିଲ୍ଲା କୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ପ୍ରମୁଖ ଯୋଗ ଦେଇ ସେମାନଙ୍କ ଅଞ୍ଚଳ ଓ ବିଭାଗର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ।

# ଶିଳ୍ପବିକାଶ ଏବଂ ରାଷ୍ଟ୍ରନିର୍ମାଣରେ ନାଲ୍‌କୋ ର ଭୂମିକାକୁ ରାଜ୍ୟପାଳଙ୍କ ପ୍ରଶଂସା





ଭୁବନେଶ୍ୱର (ସବ୍ୟୁ): ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଶୁକ୍ରବାର ଭୁବନେଶ୍ୱରସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେସେ ପରିବେଶଗତ ସ୍ଥାୟୀତ୍ୱ ଏବଂ ସବୁଜ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ଜରିଆରେ ଏକ ବୃକ୍ଷରୋପଣ କରିଥିଲେ। ନାଲକୋର ଅଧ୍ୟକ୍ଷ ସହ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କମ୍ପାନୀର ନିର୍ଦ୍ଦେଶକ ଏବଂବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ଗସ୍ତ ସମୟରେ, ଡକ୍ଟର କମ୍ଭମପତି ନାଲକୋର ବରିଷ୍ଠ ଆଧିକାରୀଙ୍କ ସହିତ କମ୍ପାନୀର ପରିଚାଳନା ପ୍ରସଙ୍ଗରେ ଆଲୋଚନା କରିଥିଲେ।ଓଡ଼ିଶାରେ ମୁଖ୍ୟାଳୟ ଥିବା ଏକମାତ୍ର କେନ୍ଦ୍ରୀୟ ନବରତ୍ନ ଲୋକ ଉଦ୍ୟୋଗ ଭାବରେ ନାଲକୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାରେ ଏହାର ଅବଦାନ ପାଇଁ ସେ ପ୍ରଶଂସା କରିଥିଲେ।' ବିକଶିତ ଭାରତ' ଦିଗରେ କମ୍ପାନୀର ପ୍ରୟାସ ଏବଂ ଅବଦାନ ନିମନ୍ତେ ସେ ଅଭିବାଦନ ଜଣାଇଥିଲେ ।

## ଏ. ଡି. ରତ୍ନ ତେଜା ଭାରତୀୟ ଷ୍ଟେଟ ବ୍ୟାଙ୍କ

# ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ



ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ରତ୍ନତେଜା ଦିନକର ଅକେଲ୍ଲାଙ୍କୁ ଏହାର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ(ଚିଫ୍ ଜେନେରାଲ ମ୍ୟାନେଜର ) ଭାବେ ନିଯୁକ୍ତ କରିଛନ୍ତି । ଶ୍ରୀ ତେଜା ୧୯୯୪ ମସିହାରେ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବରେ ଯୋଗ ଦେଇଥିଲେ। ତାଙ୍କର ୩୧ ବର୍ଷ ବ୍ୟାଙ୍କିଂ କ୍ୟାରିଅର ମଧ୍ୟରେ ସେ ରିଟେଲ ଅପେରସନ, କର୍ପୋରେଟକ୍ରେଡିଟ,ଫୋରେକ୍ସ, ଏମଏସଏମଇ ଆଦି କ୍ଷେତ୍ରରେ ଦେଶ ବିଦେଶ ରେ ଅଭିଜ୍ଞତା ଅର୍ଜନ କରିଛନ୍ତି ଓ ଏହା ପୂର୍ବରୁ ସେ ମୁମ୍ବାଇ ସ୍ଥିତ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ପଦବୀରେ କାର୍ଯ୍ୟରତ ଥିଲେ । ଭାରତୀୟ ଷ୍ଟେଟ ବ୍ୟାଙ୍କର ଓଡିଶାରେ ଥିବା ସମସ୍ତ ୯୧୭ଟି ଶାଖା ତାଙ୍କର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟ କରିବେ ।

## ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ ୨୦୨୫ ଜୁନ ୩୦ ସୁଦ୍ଧା

# ପ୍ରଥମ ତ୍ରୟମାସିକ ରେ ୭୦୧ କୋଟି ଟଙ୍କାର କନ୍‌ସୋଲିଡେଟେଡ ଲାଭ

ଭୁବନେଶ୍ୱର (ସବ୍ୟୁ): ଭାରତରେ ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ୍) ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୭୦୧ କୋଟି ଟଙ୍କାର କନ୍‌ସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ପୂର୍ବ ତ୍ରୟମାସିକ ତୁଳନାରେ (କ୍ୟୁଓକ୍ୟୁ) ୧୦ ପ୍ରତିଶତ ଏବଂ ପ୍ରଥମ ତ୍ରୟମାସିକରେପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ୨ ପ୍ରତିଶତ ଅଧିକ ହୋଇଛି। ଏହି ତ୍ରୟମାସିକରେ ଏଲଟିଏଫ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ଏପର୍ଯ୍ୟନ୍ତ ସର୍ବାଧିକ କନ୍‌ସୋଲିଡେଟେଡ ବୁକ୍ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ଏହି ତ୍ରୟମାସିକରେ ରିଟେଲ୍ ବୁକ୍‌ପ ରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। କମ୍ପାନୀ ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୟମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୟମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ରିଟେଲକରଣ ୯୮ ପ୍ରତିଶତ ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି।

# ପୁରୀ ଜିଲ୍ଲାପାଳ ଭାବେ ଯୋଗ ଦେଲେ ଦିବ୍ୟ ଜ୍ୟୋତି ପରିଡା

ପୁରୀ (ସବ୍ୟୁ): ସମସ୍ତ ସହିତ ସମନ୍ୱୋୟ ଓ ସହଯୋଗ ରକ୍ଷା କରି କାର୍ଯ୍ୟ କରିବେ ବୋଲି କହିଛନ୍ତି ପୁରୀ ଜିଲ୍ଲାର ନୂତନ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଶୁକ୍ରବାର ସକାଳେ ପୁରୀରେ ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦାନ କରିଛନ୍ତି ଦିବ୍ୟ ଜ୍ୟୋତି ପରିଡା। କାର୍ଯ୍ୟରେ ଯୋଗ ଦାନ ପୂର୍ବରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଥିଲେ । ଏହା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ



ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ।ଜିଲ୍ଲାପାଳ ଶ୍ରୀ ପରିଡା ନିଜ ପ୍ରତିକ୍ରିୟା ରେ ଜିଲ୍ଲା କୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହା ପୂର୍ବରୁ ଶ୍ରୀ ପରିଡା ଗଞ୍ଜାମର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ପୁରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଚଞ୍ଚଳ ରାଣାଙ୍କର ବିଏମସି ର କମିଶନର ଭାବେ ବଦଳି ହୋଇଛି।

## ପେଭର ବ୍ଲକ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

# ନିର୍ମାଣର ଏକ ବର୍ଷ ମଧ୍ୟରେ ଉଠିଯାଉଛି ଇଟା

ଖୋର୍ଦ୍ଧା, (ସବ୍ୟୁ) ଓଡିଶା ସରକାର ଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖୋର୍ଦ୍ଧା ପୌର ପରିଷଦ ଅଧିନସ୍ଥ ୨୨ ଗୋଟି ୱାର୍ଡ ର ଅଧିକାଂଶ ସ୍ଥାନ ରେ ୨୦୨୪ ମସିହାରେ ଜନ ସାଧାରଣ ଙ୍କର ଗମନା ଗମନ ର ସୁବିଧା ନିମନ୍ତେ ପେଭର ବ୍ଲକ ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ଦ୍ଦିଷ୍ଟ କିଛି ହାତ ଗଣତି ଠିକାଦାର ଏହି ପେଭର ବ୍ଲକ ରାସ୍ତା ନିର୍ମାଣ କରିଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାର ଏକ ବର୍ଷ ମଧ୍ୟରେ ରାସ୍ତାସବୁ ରୁ ଇଟା ସବୁ ଉଠିଗଲାଣି। ଖୋର୍ଦ୍ଧା ପୌରପରିଷ ଅଧିନସ୍ଥ ୧୪ ନମ୍ବର ୱାର୍ଡ ବରୁଣେଇ ସାହି ରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେହି ସ୍ଥାନରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଏକ ସୂଚନା ଫଳକ ଯେଉଁଥିରେ ପ୍ରକଳ୍ପ ର ନାମ ଓ ବିବରଣୀ, ୱାର୍ଡ ନଂ, ପ୍ରକଳ୍ପ ଆରମ୍ଭ ଓ ଶେଷ ତାରିଖ, ରାସ୍ତା ର ଦୈର୍ଘ୍ୟ ଏବଂ ପ୍ରସ୍ଥ, ପ୍ରକଳ୍ପ ର ଚୁକ୍ତି ମୂଲ୍ୟ, ଠିକାଦାର ଙ୍କ ନାମ, ରାସ୍ତା ର ରକ୍ଷଣାବେକ୍ଷଣ ର ଅବଧି ପ୍ରଭୃତି ଉଲ୍ଲେଖ କରିବାର ନିୟମ ଥିବାବେଳେ ଅତି ଚତୁରତାର ସହିତ ସମ୍ପୃକ୍ତ ଠିକାଦାର କାର୍ଯ୍ୟଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇ ପରବର୍ତ୍ତୀ ସମୟ ରେ ସେଠାରୁ ସୂଚନା ଫଳକ ଟିକୁ କାଢି ନେଇଛନ୍ତି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ଦିନ ଠାରୁ ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଓ ମରାମତି



ପାଇଁ ସମ୍ପୃକ୍ତ ଠିକାଦାର ଉତରଦାୟୀ ହେବା ନେଇ ଚୁକ୍ତି ନାମା ରେ ସ୍ୱାକ୍ଷର କରିଥିବାବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ୧୪ ନମ୍ବର ୱାର୍ଡ ରେ। ଏହି ପେଭର ବ୍ଲକ ରାସ୍ତା ନିର୍ମାଣ ରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିବା ବେଳେ ଏଥିପ୍ରତି ସମ୍ପୃକ୍ତ ଠିକାଦାର ଏବଂ ପୌରପରିଷଦ କର୍ତ୍ତୃପକ୍ଷଙ୍କ ଉଦାସୀନ ମନଭାବ ଯୋଗୁଁ ସାଧାରଣ ରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଖୋର୍ଦ୍ଧା ପୌର ପରିଷଦ ଅଧୀନରେ ଥିବା ୨୨ ଗୋଟି ୱାର୍ଡ ରେ ପେଭର ବ୍ଲକ ରାସ୍ତା ନିର୍ମାଣ ରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜୈନକ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଆଇନ ଅନୁଯାୟୀ ପେଭର ବ୍ଲକ ରାସ୍ତା ନିର୍ମାଣ ବିଷୟରେ ସୂଚନା ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇନଥିଲା। ପରବର୍ତ୍ତୀ ମୁହୂର୍ତ୍ତ ରେ ସେ ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ଙ୍କ ନିକଟରେ ଅପିଲ କରିଥିଲେ ମଧ୍ୟ ନିର୍ବାହୀ ଅଧିକାରୀ ତାଙ୍କ ଅପିଲ ଦରଖାସ୍ତ ଉପରେ କୌଣସି ଶୁଣାଣି କରିନଥିଲେ। ଫଳରେ ସେ ବାଧ୍ୟ ହୋଇ ସବିଶେଷ ତଥ୍ୟ ପାଇବା ପାଇଁ ରାଜ୍ୟ ସୂଚନା ଆୟୋଗ ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଖୋର୍ଦ୍ଧା ପୌର ପରିଷଦ ରେ ପେଭର ବ୍ଲକ ରାସ୍ତା ନିର୍ମାଣ ହୋଇଥିବା ଦୁର୍ନୀତି ସମ୍ପର୍କ ରେ ତଦନ୍ତ କରାଗଲେ ପ୍ରକୃତ ସତ ପଦାକୁ ଆସି ପାରିବ ବୋଲି ସହର ରେ ଆଲୋଚନା ହେଉଛି।

# ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ପ୍ରେରଣାଦାୟୀ : ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଜୀନବରେ କିଛି ହାସଲ କରିବା ପାଇଁ ସମ୍ବଳ ଅପେକ୍ଷା ଇଚ୍ଛାଶକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଜନହିତକର କାର୍ଯ୍ୟ କରିବାର ଲକ୍ଷ୍ୟ ନେଇ ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ମହାନ କାର୍ଯ୍ୟ ହାସଲ କରିପାରିବେ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ କହିଛନ୍ତି । ଗତ ୫ ତାରିଖରେ ଛତିଶଗଡ଼ ନବନିର୍ବାଚିତ ଗ୍ରାମ ପଞ୍ଚାୟତ ପ୍ରତିନିଧିଙ୍କ ୩ଦିନିଆ ସରକାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା ପ୍ରକାଶ କରିଥିଲେ । ଏହି ଅବସରରେ ସେ ଉଦାହରଣ ଦେଇ କହିଥିଲେ, ଯେଉଁ ପ୍ରେରଣାଦାୟକ ଲୋକଙ୍କର ଜନସେବା କାର୍ଯ୍ୟକୁ ସେ ନିକଟରୁ ଦେଖିବାର ସୁଯୋଗ ପାଇଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ଡ ଅଚ୍ୟୁତ ସାମନ୍ତ ଏବଂ ନାନାଜୀ ଦେଶମୁଖ । ପିଲାଦିନରୁ ଦାରିଦ୍ର୍ୟରେ ବଢ଼ିଥିବା ଅଚ୍ୟୁତ ସାମନ୍ତ ଜୀବନସାରା ଲୋକଙ୍କ ସେବା କରିବାର ପ୍ରତିଜ୍ଞା ନେଇ ଭୁବନେଶ୍ୱରରେ ଏକ ବଡ଼



ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନରେ ସେ ପ୍ରାୟ ୨୫ ହଜାର (ଏବେ ୪୦ ହଜାର) ଆଦିବାସୀ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ କରୁଛନ୍ତି। ଏଥିରୁ ବୁଝାପଡ଼େ ଯେ, ଜଣେ ବ୍ୟକ୍ତିର ଇଚ୍ଛା ଶକ୍ତି ଥିଲେ ସମାଜରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଶ୍ରୀ ସାଏ କହିଥିଲେ। ଏମାନେ ଆମ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଜଣେ ବ୍ୟକ୍ତିଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି । ଶ୍ରୀ ସାମନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି ମୋର ଅନୁପସ୍ଥିତିରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ମୋ ପାଇଁ ଶ୍ରେଷ୍ଠ ସମ୍ମାନ ।

# ବ୍ୟାଙ୍କ ଅଫ୍ ବରୋଦାର ପ୍ରଥମ ତ୍ରୈମାସରେ ୪,୫୪୧ କୋଟିର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ଏହି ପ୍ରଥମ ତ୍ରୟମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୫୪୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ଜୁନ୍ ମାସ ଶେଷ ସୁଦ୍ଧା ଶତକଡା ୧୫ ପ୍ରତିଶତ ଅଭିବୃଦ୍ଧି ହାରରେ ୮,୨୩୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟରେ ୨,୨୨୬ କୋଟି ଟଙ୍କା ବୃଦ୍ଧି ଘଟିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାରରେ ଶତକଡା ୧୭.୬୧ ପ୍ରତିଶତ ବୃଦ୍ଧି ଘଟିଛି। ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ଶତକଡା ୯୩.୧୮ ପ୍ରତିଶତ ରହିଛି। ବ୍ୟାଙ୍କର ଦେଶ ମଧ୍ୟରେ ଜମା ଶତକଡା ୫.୫ ପ୍ରତିଶତ ବୃଦ୍ଧି ପାଇ ୪,୭୩,୬୩୭ରେ ପହଞ୍ଚିଛି। ସେହିପରି ଆନ୍ତର୍ଜାତୀୟ ଜମାରେ ଶତକଡା ୧୪.୮ ପ୍ରତିଶତ ବୃଦ୍ଧି ଘଟି ଏହା ୨,୩୧,୩୫୧ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ଶତକଡା ୨.୨୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ନେଟ୍ ଏନ୍‌ପିଏ ହାରରେ ଶତକଡା ୦.୬୦ ପ୍ରତିଶତ ହ୍ରାସ ପାଇଥିବା କଥା ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।

# କିମ୍ସରେ ବିଶ୍ୱ ଆଇଭିଏଫ୍ ଦିବସ

ଭୁବନେଶ୍ୱର, (ସୁବ୍ୟ): କୃତ୍ରିମ ପ୍ରଜନନ କ୍ଷେତ୍ରରେ ନିରନ୍ତର ସଫଳତା ପାଇଁ ଜଣାଶୁଣା କିମ୍ସ ସେଣ୍ଟର ଫର୍ ରିପ୍ରଡକ୍ଟିଭ୍ ମେଡିସିନ୍ (ସିଆରଏମ)



ରେ ପ୍ରଜନନ ସଚେତନତା ବାର୍ତ୍ତା ସହିତ ବିଶ୍ୱ ଆଇଭିଏଫ ଦିବସ ପାଳିତ ହୋଇଯାଇଛି। ୨୦୧୭ରେ ପ୍ରତିଷ୍ଠା ହେବା ପରଠାରୁ କିମ୍ସ ର ଏହି କେନ୍ଦ୍ରରେ ୫୮ପ୍ରତିଶତ ସଫଳତା ସହ ୫୦୦୦ରୁ ଅଧିକ ବନ୍ଧ୍ୟାତ୍ୱ ଚିକିତ୍ସା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ସିଆରଏମର ମୁଖ୍ୟ ପରାମର୍ଶଦାତା ଡା ମୌସୁମୀ ଆଚାର୍ଯ୍ୟ କେନ୍ଦ୍ରର ସଫଳ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏବେ ଏଠାରେ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରଦାନ କରାଯିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଜରିଆରେ ବନ୍ଧ୍ୟାକରଣ ଚିକିତ୍ସା କରାଯାଉଛି ବୋଲି ଡା. ଆଚାର୍ଯ୍ୟ କହିଥିଲେ। କିମ୍‌ସର ଏହି ସିଆରଏମ ଦଳ ପ୍ରଜନନ ଔଷଧରେ ଏକ ଫେଲୋସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଘୋଷଣା କରିଛି। ପରବର୍ତ୍ତୀ ପିଢ଼ିର ପ୍ରଜନନ ବିଶେଷଜ୍ଞମାନଙ୍କୁ ତାଲିମ ଦେବା ଏହାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। କିମସର ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡା ଆର.ସି. ଦାସ କହିଲେ, ଏଠାରେ ଆମେ କେବଳ ବନ୍ଧ୍ୟାକରଣର ଚିକିତ୍ସା କରୁନାହିଁ ବରଂ ଜୀବନ ସୃଷ୍ଟି କରୁଛୁ।

କିମ୍ସ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତ୍ସ୍ନାମୟୀ ପଣ୍ଡା କହିଲେ, ପ୍ରଜନନ ବିଜ୍ଞାନ ଦ୍ରୁତ ଗତିରେ ବିକଶିତ ହେଉଛି। ଆମେ ବର୍ତ୍ତମାନ ଆଇଭିଏଫରୁ ଆଇଭିଜି ଆଡକୁ ଅଗ୍ରଗତି କରୁଛୁ। କିମ୍ସ ସ୍କୁଲ୍ ଅଫ୍ ନର୍ସିଂ (କିନସ) ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିନସ ଅଧ୍ୟକ୍ଷା ପ୍ରଫେସର ନିୟତି ଦାସ ବନ୍ଧ୍ୟାକରଣ ଚିକିତ୍ସାରେ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ଲେଖିକା ଓ ଉଦ୍‌ଘୋଷିକା କଳ୍ପନା ମିଶ୍ର 'ଜଣେ ମାଆ ଦ୍ୱାରା ଜଣେ ମାଆଙ୍କୁ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ବନ୍ଧ୍ୟାତ୍ୱ ବିଷୟରେ ଲିଙ୍ଗଗତ ଷ୍ଟେରିଓଟାଇପ୍ ଭାଙ୍ଗିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଏସ୍‌ସିବି ବଡ଼ ମେଡିକାଲରେ ଏମ୍.ଆର୍.ଆଇ ମେସିନ୍ ଅଚଳ

# କଂଗ୍ରେସର ଅଭିନବ ପ୍ରତିବାଦ, ମରାମତି ପାଇଁ କର୍ମୀ ଦେଲେ ସ୍ୱ-ସଞ୍ଚିତ ମୁଦ୍ରା

କଟକ, (ସବ୍ୟୁ): କଟକ ବଡ଼ ମେଡିକାଲ କୁ ବିଶ୍ୱସ୍ତରୀୟ ତଥା ଏମ୍ସ ପ୍ଲସ ମେଡିକାଲ ରେ ପରିଣତ କରିବା ପାଇଁ ପୂର୍ବ ସରକାର ଓ ବର୍ତ୍ତମାନ ର ସରକାର ପଦକ୍ଷେପ ନେବା ସହ ଭିତ୍ତି ଭୂମି ରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେଉଛନ୍ତି । ପ୍ରତ୍ୟେହ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ରୋଗୀ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଆସିଥାନ୍ତି । କିନ୍ତୁ ଗତ ଦୁଇଦିନ ପୂର୍ବେ ହଠାତ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଧର୍ମପତ୍ନୀ କଟକ ବଡ଼ମେଡ଼ିକାଲ କୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ । ଏବଂ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଡ଼ାକ୍ତର ଏମଆରଆଇ କରିବାକୁ ଉପଦେଶ ଦେଇଥିଲେ । କିନ୍ତୁ ଦେଖା ଯାଇଥିଲା କି ବଡ଼ ଡାକ୍ତର ଖାନାରେ ଏମଆରଆଇ ମେସିନ୍ ଅଚଳ ରହିଛି । ଯେତେବେଳେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀଙ୍କ ବଡ଼ ମେଡିକାଲ ରେ ସ୍ୱାସ୍ଥ୍ୟ ସେବା ପାଇ ପାରୁ ନାହାଁନ୍ତି ତେବେ ସାଧାରଣ ଲୋକ କି ସେବା ପାଉଥିବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି ।

କେବଳ ବଡ଼ ବଡ଼ କୋଠା ଘର କରିଦେଲେ ସ୍ୱାସ୍ଥ୍ୟ ସେବାର ଉନ୍ନତି ଆସିବ



ନାହିଁ ,ସ୍ୱାସ୍ଥ୍ୟ ସେବା ରେ ଉନ୍ନତି ଆଣିବାକୁ ହେଲେ ଉନ୍ନତ ଚିକିତ୍ସା ପାଇବା ଦରକାର । ଅଧିକାଂଶ ସମୟରେ ବଡ଼ ମେଡିକାଲ ରେ ପରୀକ୍ଷା ନିରୀକ୍ଷା ପାଇଁ ଥିବା କୋଟି କୋଟି ଟଙ୍କାର ଯନ୍ତ୍ରପାତି ଅଚଳ ରହିବା ଦ୍ୱାରା ଗରିବଗୁରୁବା ଲୋକ ବାଧ୍ୟ ହୋଇ ମେଡିକାଲ ବାହାରେ ଘରୋଇ ଭାବେ ପରୀକ୍ଷା ନିରୀକ୍ଷା କରି ଶୋଷିତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ବଡ଼ ମେଡିକାଲ ର କର୍ତ୍ତୃପକ୍ଷ ଙ୍କ ଅବହେଳାକୁ ପ୍ରତିବାଦ କରି କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ୍ ନେତା ମାନସ ଚୌଧୁରୀ ଙ୍କ ନେତୃତ୍ୱରେ କଂଗ୍ରେସ୍ କର୍ମୀମାନେ କଟକ ବଡ଼ ମେଡିକାଲ ର ଅଧିକ୍ଷକ ଙ୍କ କାର୍ଯ୍ୟାଳୟକୁ ଯାଇ ଅଭିନବ ଉପାୟରେ ସମାଲୋଚନା ଓ ପ୍ରତିବାଦ କରିବା ସହ ପାଞ୍ଚ ହଜାର ଟଙ୍କାର ରେଜା ପଇସା ଦେଇ ତୁରନ୍ତ ଅଚଳ ପଡ଼ିଥିବା ଏମଆରଆଇ ମେସିନ କୁ ତୁରନ୍ତ ସଚଳ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଦାବୀ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଚୌଧୁରୀ ଙ୍କ ସହିତ ଜିଲ୍ଲା କଂଗ୍ରେସ୍ ର ବରିଷ୍ଠ ଉପସଭାପତି ଶିଶିର ରଥ,ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ,ପିସିସି ର ପ୍ରାକ୍ତନ ସମ୍ପାଦକ ପ୍ରୀୟଜିତ୍ ରାୟ,ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଛାୟତ,କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଭାରତକୁ ବିକଶିତ ରାଷ୍ଟ୍ର କରିବାକୁ ହେଲେ ପ୍ରଧାନମନ୍ତ୍ରୀଙ୍କ ରୂପାନ୍ତରୀକରଣ ଜରୁରୀ

## ଭାବା ଆଣବିକ ଗବେଷଣା କେନ୍ଦ୍ର ସ୍ନାତକୋତ୍ତର ସମାରୋହରେ ଡଃ ପି. କେ ମିଶ୍ରଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର ଆଜି ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆରସି) ତାଲିମ ବିଦ୍ୟାଳୟରେ ୬୮ତମ ସ୍ନାତକୋତ୍ତର ସମାରୋହରେ ବୈଜ୍ଞାନିକ ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ, ଯାହା ଏହି ଅନୁଷ୍ଠାନ ଏବଂ ଭାରତର ବୈଜ୍ଞାନିକ ସମ୍ପ୍ରଦାୟର ପରବର୍ତ୍ତୀ ପିଢ଼ି ପାଇଁ ଏକ ମାଇଲଖୁଣ୍ଟ । ଡକ୍ଟର ମିଶ୍ର ବିଏଆରସିର ଐତିହ୍ୟ ଏବଂ ଡକ୍ଟର ହୋମି ଜାହାଙ୍ଗୀର ଭାବାଙ୍କ ଦୃଷ୍ଟିକୋଣ ଉପରେ ସୂଚନା ପ୍ରଦାନ କରିବା ସହିତ ଅନୁଷ୍ଠାନର ତାଲିମ ଉତ୍କର୍ଷତା ଏବଂ ଭାରତର ବିକାଶରେ ଅବଦାନ ପାଇଁ ପ୍ରଶଂସା କରିଥିଲେ। ସେ ଆଭ୍ୟନ୍ତରୀଣ ପରିବର୍ତ୍ତନ ଏବଂ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ଗତିଶୀଳତା ଦ୍ୱାରା ଚାଳିତ ଭାରତର ବିଶ୍ୱସ୍ତରୀୟ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ ଏବଂ ଯୁବ ଜନସଂଖ୍ୟା, ଭିତ୍ତିଭୂମି ବିସ୍ତାର ତଥା ପ୍ରଯୁକ୍ତିବିଦ୍ୟା ସଫଳତା ବିଷୟରେ ଉଲ୍ଲେଖ କରିଥିଲେ। ଡକ୍ଟର ମିଶ୍ର ୨୦୪୭ ମସିହାରେ ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ 'ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତରଣ'ର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ । ଡକ୍ଟର ମିଶ୍ର ବହୁବିଧ ଜାତୀୟ ସଫଳତାର ଉଦାହରଣ ଦେଇଥିଲେ ଯେପରିକି ୧୦୦ ରୁ ଅଧିକ ୟୁନିକର୍ଣ୍ଣ ସହିତ ଭାରତର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍, ୨୦୨୪-୨୫ରେ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ହେତୁ ୧୮୫ ବିଲିୟନରୁ ଅଧିକ କାରବାର ୟୁପିଆଇରେ କରାଯାଇଛି ଏବଂ ୨୦୩୦ ସୁଦ୍ଧା ୫୦୦ ଜିଡବ୍ଲୁ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ସମେତ ଜଳବାୟୁ ପ୍ରତିବଦ୍ଧତା ଏବଂ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଭଳି ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ମହାକାଶ କ୍ଷେତ୍ରର ସଫଳ ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରି ଶ୍ରୀ ମିଶ୍ର କହିଥିଲେ ଯେ ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀ ମିଶ୍ର ୨୦୨୪-୨୫ ବଜେଟର ପ୍ରମୁଖ ବଜେଟ ଘୋଷଣାଗୁଡ଼ିକୁ ମଧ୍ୟ ଆଲୋକପାତ କରିଥିଲେ ଯେପରିକି ଭାରତ କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ଏବଂ ଉନ୍ନତ ପରମାଣୁ ପ୍ରଯୁକ୍ତିବିଦ୍ୟା ପାଇଁ ଗବେଷଣା ଏବଂ ବିକାଶ ସହାୟତା ତଥା ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ କ୍ଷମତାକୁ ଲକ୍ଷ୍ୟ ରଖାଯାଇଥିବା ସମ୍ପ୍ରସାରଣ, ଯାହା ଦ୍ୱାରା ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ସକ୍ଷମ କରିବା ପାଇଁ ପ୍ରାସଙ୍ଗିକ ଆଇନରେ ସଂଶୋଧନ ପ୍ରସ୍ତାବିତ ହୋଇଛି।

ପରମାଣୁ ଶକ୍ତିର ସାମାଜିକ ପ୍ରଭାବକୁ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କର୍କଟ ଚିକିତ୍ସା ପାଇଁ ରେଡିଓ ଆଇସୋଟୋପ୍ ବ୍ୟବହାର ଏବଂ ବର୍ଜ୍ୟଜଳ ଉପଚାର ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ ପ୍ରଯୁକ୍ତିବିଦ୍ୟାର ଉଲ୍ଲେଖ କରିଥିଲେ। ଖାଦ୍ୟ ବିକିରଣ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସାମ୍ପ୍ରତିକ ବଜେଟ ବ୍ୟବସ୍ଥା ଉପରେ ଆଲୋକପାତ କରି, ଶ୍ରୀ ମିଶ୍ର ୨୦୨୪-୨୫ କେନ୍ଦ୍ର ବଜେଟ୍ ଅଧୀନରେ ଏମଏସଏମଇ କ୍ଷେତ୍ର ପାଇଁ ୫୦ଟି ବହୁ-ଉତ୍ପାଦ ଖାଦ୍ୟ ବିକିରଣ ୟୁନିଟ୍ ମଞ୍ଜୁର କରିବା ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକର ସଫଳତା ଉପରେ ସୂଚନା ଦେଇଥିଲେ। ସେ



ଉଲ୍ଲେଖ କରିଛନ୍ତି ଯେ ୨୦୦୮ ମସିହାରୁ, ୧୬ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି, ଯେଉଁଥିରେ ୯ଟି କାର୍ଯ୍ୟକ୍ଷମ ଏବଂ ୨୦୦୦ ମସିହାରୁ ୧୯ଟି କାର୍ଯ୍ୟକ୍ଷମ ସୁବିଧା ରହିଛି। ପରମାଣୁ ଶକ୍ତି ନିୟାମକ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସହାୟତା ପ୍ରଦାନ କରିଆସୁଛି। ସେ ଜୋର ଦେଇ କହିଛନ୍ତି ଯେ ୧୨ଟି ରାଜ୍ୟରେ ବିକିରଣ ସୁବିଧାଗୁଡ଼ିକ ସେଲ୍ଫ-ଲାଇଫ୍ ବୃଦ୍ଧି କରୁଛି ଏବଂ ଫଳ, ମସଲା, ଡାଲି ଏବଂ ଜଡ଼ିବୁଟି ଭଳି ଉତ୍ପାଦ ପାଇଁ ଆନ୍ତର୍ଜାତୀୟ ଫାଇଟୋସାନିଟାରୀ ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରୁଛି । ଡକ୍ଟର ମିଶ୍ର ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଭା ହେଉଥିବା ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକ କରିବା ପାଇଁ ଅନୁରୋଧ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ କୋଭିଡ୍ ପରବର୍ତ୍ତୀ ବିଶ୍ୱରେ ମୌଳିକ ପରିବର୍ତ୍ତନ ଆସିଛି, ଜାରି ରହିଥିବା ବିଶ୍ୱ ସଂଘର୍ଷ ଭୂରାଜନୈତିକ ସମନ୍ୱୟ ଏବଂ ଆର୍ଥିକ ସ୍ଥିରତାକୁ ପୁନଃଆକାର ଦେଇଛି। ଭାରତର ସ୍ୱାଧୀନ ପରମାଣୁ ଯାତ୍ରା ଏବଂ ବୈଜ୍ଞାନିକ ତଥା କୂଟନୈତିକ ମହଲରେ ଏହାର ସ୍ୱୀକୃତିକୁ ରେଖାଙ୍କିତ କରି, ପ୍ରମୁଖ ସଚିବ ଆମେରିକା ସହିତ ଚୁକ୍ତି, ଏନଏସଜି ଛାଡ଼ ଏବଂ ଆଇଟିଇଆରରେ ଅଂଶଗ୍ରହଣ ଭଳି ପ୍ରମୁଖ ମାଇଲଖୁଣ୍ଟ ଉଲ୍ଲେଖ କରିଛନ୍ତି, ଯାହା ବିଶ୍ୱ ପରମାଣୁ ସହଯୋଗରେ ଭାରତର ପ୍ରତିଷ୍ଠାକୁ ରେଖାଙ୍କିତ କରୁଛି। ସେ ଜୋର ଦେଇ କହିଛନ୍ତି ଯେ ପରମାଣୁ ଶକ୍ତି ଜଳବାୟୁ ଆହ୍ୱାନର ପ୍ରତିକ୍ରିୟାରେ ସ୍ଥାୟୀ ଅଭିବୃଦ୍ଧି ଏବଂ ସ୍ୱଚ୍ଛ ଶକ୍ତି ପାଇଁ ଏକ ପ୍ରମୁଖ ସୁଯୋଗ ଉପସ୍ଥାପନ କରେ। ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକ ପାଇଁ ଅତ୍ୟଧିକ ପୁଞ୍ଜି ଆବଶ୍ୟକତାକୁ ସ୍ୱୀକାର କରି ଡକ୍ଟର ମିଶ୍ର ମନ୍ତବ୍ୟ ଦେଇଥିଲେ ଯେ ସମୟସୀମା ମଧ୍ୟରେ ସମାପ୍ତି, କମ୍ ମୂଲ୍ୟର ଆର୍ଥିକ ସହାୟତା ଏବଂ ଘରୋଇ କ୍ଷେତ୍ରର କ୍ଷମତାକୁ ଉପଯୋଗ କରିବା ହେଉଛି ଶୁଳ୍କ ହ୍ରାସ ଏବଂ ଏହାର ଉପଯୋଗୀତାକୁ ଉନ୍ନତ କରିବାର ପ୍ରମୁଖ ଉପାୟ। ସେ ପରମାଣୁ ଶକ୍ତିକୁ ଭାରତର ପସନ୍ଦର ଶକ୍ତି ଉତ୍ସ କରିବା ପାଇଁ ଖର୍ଚ୍ଚ ହ୍ରାସ ରଣନୀତିରେ ନବସୃଜନ କରିବାକୁ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ। ଡକ୍ଟର ମିଶ୍ର ପରମାଣୁ ଶକ୍ତି ନିୟାମକ ବୋର୍ଡ ଏବଂ ବିଏଆରସି ସୁରକ୍ଷା ପରିଷଦର ଭୂମିକା ଉଲ୍ଲେଖ କରି ସୁରକ୍ଷା ଶାସନକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବୃଦ୍ଧି ପାଉଥିବାରୁ ସେ ନିୟାମକ ପ୍ରଣାଳୀକୁ ଧ୍ୟାନରେ ରଖି ଅଧିକ ସୁରକ୍ଷା-ସମ୍ବନ୍ଧୀୟ ଗବେଷଣାରେ ନିବେଶ କରିବାକୁ ଆହ୍ୱାନ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେଯେ, ସୁରକ୍ଷା ମାନଦଣ୍ଡ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ତାଙ୍କ ଅଭିଭାଷଣ ସମାପ୍ତ କରି, ଡକ୍ଟର ମିଶ୍ର ସ୍ନାତକମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ଗ୍ରହଣ କରିବାକୁ, ପରିବର୍ତ୍ତନ ସହିତ ଖାପ ଖୁଆଇବାକୁ ଏବଂ ସହଯୋଗୀ ପରିବେଶରେ ଉତ୍କୃଷ୍ଟତା, ସମ୍ମାନ ଏବଂ ନମ୍ରତାକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଅଂଶୀଦାରମାନଙ୍କ ସହିତ ଆଲୋଚନା ସମୟରେ ବୈଷୟିକ ଦକ୍ଷତା ମନୋଭାବ ଏବଂ ଆଭିମୁଖ୍ୟ ସହିତ ମେଳ ଖାଇବା ଆବଶ୍ୟକ । ସେ ନୂତନ ବୈଜ୍ଞାନିକ ଅଧିକାରୀମାନଙ୍କୁ ଏହି ସମୟର ସୁଯୋଗକୁ ଗ୍ରହଣ କରିବାକୁ ଏବଂ ଆଗକୁ ଆସୁଥିବା ଆହ୍ୱାନ ତଥା ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରହିବା ନିମନ୍ତେ ମଧ୍ୟ ଉତ୍ସାହିତ କରିଥିଲେ।

### ୫୩ନଂ ୱାର୍ଡରେ ଚାରାରୋପଣ

କଟକ, (ସ୍ୱପ୍ର): ସ୍ଥାନୀୟ ୫୩ନଂ ୱାର୍ଡରେ ବନମହୋତ୍ସବ ସପ୍ତାହ ଅବସରରେ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପରିବେଶକୁ ସନ୍ତୁଳିତ କରିବା ଦିଗରେ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ପରିବେଶର ସୁରକ୍ଷା ପାଇଁ ଆସନ୍ତୁ ଆମେ ସମସ୍ତେ ମିଳିମିଶି ବୃକ୍ଷ ରୋପଣ କରିବା ବୋଲି କର୍ପୋରେଟର ଅରବିନ୍ଦ ୱାର୍ଡବାସୀଙ୍କୁ ନିବେଦନ କରିଥିଲେ । ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ବ୍ୟୋମକେଶ କାନୁନଗୋ, ଚିତ୍ତ ରଂଜନ ଦାସ, ସୁଧାରଞ୍ଜନ ନାୟକ, ପ୍ରମୋଦ ସାହୁ, ବିଦୁଲତା ସ୍ୱାଇଁ, ସୁଜାତା ସ୍ୱାଇଁ, ସ୍ୱଚ୍ଛ ସାଥୀ, ସଫେଇ ନିରୀକ୍ଷକଙ୍କ ସମେତ ସିଏମସିର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।


**AFFIDAVIT**

By virtue of this affidavit before the Executive Magistrate Cuttack. Date-**08.07.2025.** I, **Sek Musab,** son of Sek Munshab of Baunsgali, near Sachidananda Matha, Po-Buxi Bazar, P.S.-Dargabazar, Dist.- Cuttack. I declare that **Sek Musab** and **Sk.Musab** is one and the same person.


### ଏମକେସିଜିରୁ ପୁଣି ଖସିଲା ସିଲିଂ

ବ୍ରହ୍ମପୁର, (ସବ୍ୟୁ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ଇ)ରେ ନିର୍ମିତ ସୁପରସ୍ପେଶାଲିଟି କୋଠାରୁ ପୁଣି ଖସିଛି ସିଲିଂ। ଚତୁର୍ଥ ମହଲାରେ ଆଜି ସକାଳ ୮ଟାରେ ସିଲିଂ ଖସିଥିବା କିଛି କର୍ମଚାରୀ ଦେଖିଥିଲେ। ଏଥିରେ କେହି ଆହତ ହୋଇନଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ତେବେ ଚତୁର୍ଥ ମହଲାରେ ସିଲିଂ ଦୁର୍ବଳ ଅବସ୍ଥାରେ ଥିବା ବେଳେ ତାହା ମଧ୍ୟ କେତେବେଳେ ଖସିବ କହିହେବ ନାହିଁ । ଏହି ମହଲାରେ ରୋଗୀ ରହୁନଥିବା ବେଳେ ବିଶେଷ ବ୍ୟବହାର ମଧ୍ୟ ହେଉନାହିଁ । ସମ୍ପୂର୍ଣ୍ଣ କୋଠା ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ କୋଠାରେ ଆର୍ଦ୍ରତା ରହୁଛି। ଫଳରେ କୋଠାରୁ ନିୟମିତ ସିଲିଂ ଖସୁଥିବା ଉପସ୍ଥିତ କିଛି କର୍ମଚାରୀ କହିଛନ୍ତି। ୧୪୦ କୋଟି ଟଙ୍କା ବିନିମୟରେ ଏହି କୋଠା ନିର୍ମିତ ହୋଇଥିଲା । କୋଠା କାର୍ଯ୍ୟକ୍ଷମ ହେବା ପରଠୁ କିଛି ନା କିଛି ସମସ୍ୟା ଏଠାରେ ଦେଖିବାକୁ ମିଳୁଛି । କେତେବେଳେ ଛାତରୁ ପାଣି ଗଳୁଛି ତ ଆଉ କେତେବେଳେ ସିଲିଂ ଖସୁଛି । କୋଠାରେ ସିଲିଂ ମରାମତି କରିବାକୁ ବିଭାଗକୁ ଚିଠି କରାଯିବ ବୋଲି କହିଛନ୍ତି ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି । ସିଲିଂ ଖସିବା ସମସ୍ୟା ଆଗକୁ ଯେମିତି ନରହିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି ।

# ଭୁଲ ଚିକିତ୍ସାରୁ ହାତ ହରାଇଲେ ନାବାଳକ ଛାତ୍ର

## ସରକାରୀ ଡ଼ାକ୍ତର ଘରୋଇ କ୍ଲିନିକରେ କରିଥିଲେ ଚିକିତ୍ସା

ଭଦ୍ରକ,(ସବ୍ୟୁ):ବାଇକରେ ବସି ଯାଉଥିବାବେଳେ ସାମ୍ନାକୁ ଆସିଗଲା ଗାଈ। ଭାରସାମ୍ୟ ହରାଇ ବାଇକରୁ ପଡିଗଲେ ଛାତ୍ର। ସରକାରୀ ଡାକ୍ତରଖାନାରେ ଥିବା ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇବା ପାଇଁ ଘରୋଇ କ୍ଲିନିକକୁ ନେଇଗଲେ ପରିବାର ଲୋକେ। ଚିକିତ୍ସାରେ ଅବହେଳା ସହ ପୁଣି ଅପରେସନ ପାଇଁ ଆଉ ଏକ ନର୍ସିଂହୋମକୁ ନେବାବେଳକୁ ହାତ ପଚି ଯାଇ କଳା ପଡ଼ି ଯାଇଥିଲା। ଶେଷରେ ହାତ କଟା ଗଲା। ଏମିତି ଏକ ସଙ୍ଗୀନ ଘଟଣାକୁ ନେଇ ସବୁଠି ଚର୍ଚ୍ଚା ହେଉଥିବାବେଳେ ଟାଉନ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ବହୁ ଦିନ ଅନ୍ତରରେ ମାମଲା ରୁଜୁ ହୋଇଛି। ଡାକ୍ତର ନିଜ ଅବହେଳାକୁ ସ୍ୱୀକାର କରୁନଥିବାବେଳେ ହାତ ହରାଇଥିବା ଛାତ୍ରର ପରିବାର ଲୋକେ ମଧ୍ୟ ଚୁପ୍ ରହିଥିବା ଘଟଣାକୁ ଅଧିକ ରହସ୍ୟବୃତ୍ତ କରିଛି। ସୂଚନାଯୋଗ୍ୟ ଯେ,ଭଦ୍ରକ ଜିଲ୍ଲାର ଏକ ଛାତ୍ର,ଯାହାଙ୍କ ଘର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ତଳବନ୍ଧ ଅଂଚଳରେ। ତାଙ୍କ ବାପା ଶରତ ଚନ୍ଦ୍ର ରାଉତଙ୍କ ଏତଲା ଅନୁଯାୟୀ ୨୦୨୫ ମସିହା ଜୁନ୧୫ରେ ତାଙ୍କ ପୁଅକୁ ସେ ବାଇକରେ ନେଇ ଯାଉଥିବାବେଳେ ଏକ ଗାଈ ଗାଡ଼ି ସାମ୍ନାକୁ ଆସିଥିବା ଯୋଗୁଁ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ସହ ବାଇକ ପୁଅର ବାମ ହାତରେ ପଡ଼ିଥିଲା। ପୁଅକୁ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ଭଦ୍ରକ ଆଣିଥିବାବେଳେ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଥିବା ଡ଼ା.ଏମ.ମନୋଜ ନୂଆବଜାର ସ୍ଥିତ ମାଆ ତାରିଣୀ କ୍ଲିନିକକୁ ଆଣିଥିଲେ। ସେଠାରେ ତାଙ୍କ ପୁଅକୁ ଦେଖାଇଥିଲେ। ସେଠାରେ ଏକ୍ସରେ ରିପୋର୍ଟ ଦେଖି ଡ.ଏମ୍ ମନୋଜ କହିଥିଲେ ଯେ,ବାମ ହାତ ଭାଙ୍ଗିଛି ଏବଂ ଅପରେସନର ଆବଶ୍ୟକତା ଅଛି। ୧୭ଜୁନରେ ଡ.ଏମ୍.ମନୋଜ ପ୍ରାଇଭେଟରେ ଅପରେସନ କରିଥିବା ଭଦ୍ରକ ଟାଉନ୍ ଥାନା ଅଧୀନ ମଠସାହିସ୍ଥିତ ସାଇ ଭରଦ୍ୱାଜ ନର୍ସିଂ ହୋମକୁ ରୋଗୀଙ୍କୁ ଡ଼ାକି ଥିଲେ। ଏତଲାରେ ଅଭିଯୋଗ ଅନୁଯାୟୀ,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଥିବା କାର୍ଡ ବ୍ୟବହାର କରି ସନ୍ଧ୍ୟା ୬ଟା ରେ ଅପରେସନ ଥିଏଟରକୁ ନାବାଳକ ପୁତ୍ରକୁ ନିଆଯାଇଥିଲା। କିନ୍ତୁ ରାତି ୧.୧୫ପର୍ଯ୍ୟନ୍ତ ପୁଅ ଅପରେସନ ଥିଏଟରରୁ ନଫେରିବାରୁ ଡାକ୍ତରଙ୍କ ଡାକରାରେ ଛାତ୍ରଙ୍କ ପରିବାର ଲୋକେ ଅପରେସନ ଥିଏଟରକୁ ଯାଇଥିଲେ। କିନ୍ତୁ ପୁଅର ବ୍ୟାଣ୍ଡେଜ ହୋଇଥିବା ସ୍ଥାନଟି ସମ୍ପୂର୍ଣ ପଚି ଯାଇଥିବା ଡ଼ାକ୍ତର ପରିବାର ଲୋକଙ୍କୁ ଡ଼ାକି କହିବା ସହ ଦେଖାଇ ଥିଲେ। ଚିକିତ୍ସା କରୁଥିବା ଡାକ୍ତର ଏମ୍ ମନୋଜ ପୁଅକୁ ବଡ଼ ମେଡିକାଲ କିମ୍ବା ଏକ ଘରୋଇ ହସ୍ପିଟାଲକୁ ନେବା ପାଇଁ କହିଥିଲେ। କିନ୍ତୁ ଅନ୍ୟ ମେଡିକାଲକୁ ନେବା ପାଇଁ ନର୍ସିଂହୋମକୁ ଡିସ୍ଚାର୍ଜ୍ ରିପୋର୍ଟ ନଦେବାରୁ ପରିବାର ଲୋକେ ପ୍ରବଳ ପ୍ରତିବାଦ କରିବା ପରେ ନର୍ସିଂହୋମ ୧୮ତାରିଖ ଜୁନ ରାତି ୧ଟା୩୦ରେ ପରିବାର ଲୋକେ ପୁଅକୁ ନେଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ନେଇ ଯାଇଥିଲେ। ସେଠାରେ ପରୀକ୍ଷା ପରେ ଭଦ୍ରକ ଡ଼ାକ୍ତର ଏମ.ମନୋଜ ପ୍ରଥମେ ଭୁଲ ଚିକିତ୍ସା କରିଛନ୍ତି ବୋଲି କହିବା ସହ ହାତର ସ୍ନାୟୁ ସବୁ ନଷ୍ଟ ହୋଇଯାଇଛି। ଯାହାଲାଗି ହାତଟି ସମ୍ପୂର୍ଣ୍ଣ ପଚି ଯାଇଛି ବୋଲି କହିଥିଲେ। ଏ କ୍ଷେତ୍ରରେ ହାତ କାଟିବା ଛଡ଼ା ଅଲଗା କିଛି ବିକଳ୍ପ ନାହିଁ ବୋଲି ଭୁବନେଶ୍ୱର ଘରୋଇ ଡ଼ାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତେଣୁ ବାଧ୍ୟ ହୋଇ ୨୧ ମେ ରେ ଅପରେସନ କରି ବାମ ହାତ କହୁଣି ଠାରୁ ଭୁବନେଶ୍ୱର ଡ଼ାକ୍ତର କାଟି ଦେଇଥିଲେ। ତେଣୁ ଡାକ୍ତର ଏମ୍.ମନୋଜଙ୍କ ତ୍ରୁଟିପୂର୍ଣ୍ଣ ଓ ଖାମଖିଆଲି ମନୋଭାବ ପାଇଁ ତାଙ୍କ ପୁଅର ହାତ ହରାଇଥିବାନେଇ ରୋଗୀଙ୍କ ବାପା ଭଦ୍ରକ ଟାଉନଥାନାରେ ଲିଖିତ ଏତଲା ଦେଇଛନ୍ତି। ତେଣୁ ଡାକ୍ତର ଏମ୍.ମନୋଜଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ଷତିପୂରଣ ପାଇଁ ପୋଲିସକୁ ଅନୁରୋଧ କରିଛନ୍ତି ନାବାଳକର ପରିବାର ଲୋକ। ତେବେ ଘଟଣାକୁ ନେଇ ସମସ୍ତେ ଦୋଷ ଝାଡୁଥିବା ବେଳେ ମୃତକଙ୍କ ସମ୍ପର୍କୀୟମାନେ ମଧ୍ୟଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଉନଥିବା ଘଟଣାକୁ ଅଧିକ ରହସ୍ୟବୃତ୍ କରିଛି। କିନ୍ତୁ ଡକ୍ଟର ଏମ୍.ମନୋଜ ପ୍ରତିକ୍ରିୟାରେ କହିଛନ୍ତି ଯେ,ଆମେ ଭଦ୍ରକ ଘରୋଇ କ୍ଲିନିକ ଏବଂ ଘରୋଇ ନର୍ସିଂହୋମରେ ସବୁ ପ୍ରକାର ଚିକିତ୍ସା ଦିଆଯାଇଛି। ସବୁ ଚିକିତ୍ସା ଓ ମେଡିକାଲ ଚିକିତ୍ସା ବିଷୟରେ ପରିବାର ଲୋକେ ଅବଗତ ହୋଇନାହାଁନ୍ତି। ତେଣୁ ସେମାନେ ଥାନାରେ ଏତଲା ଦେଇଛନ୍ତି। ଚିକିତ୍ସା ଭୁଲ ହୋଇନାହିଁ ବୋଲି ଡାକ୍ତର ଏମ.ମନୋଜ ଦୃଢୋକ୍ତି ପ୍ରକାଶ କରିଛନ୍ତି।

### ସମାନ ଢଙ୍ଗରେ ୩ ଜଣଙ୍କ ୪୨ ଲକ୍ଷ ଚଳୁ, ଥାନାରେ ମାମଲା

ବ୍ରହ୍ମପୁର, (ସବ୍ୟୁ): ସମାନ ଢଙ୍ଗରେ ତିନି ପରିଚିତ ବ୍ୟକ୍ତିଙ୍କ ଠାରୁ ୪୨ ଲକ୍ଷ ଟଙ୍କା ନେଇ ସେମାନଙ୍କୁ ଠକେଇ କରାଯାଇଛି। ସେମାନଙ୍କ ଅଭିଯୋଗ ଆଧାରରେ ପୋଲିସ ପୃଥକ ଭାବେ ୩ଟି ମାମଲା ରୁଜୁ କରିଛି। ପ୍ରକାଶ ଯେ, ପଞ୍ଚଦେଉଳ ସାହିର କିଶୋର କୁମାର ପାତ୍ର ନାମକ ଜଣେ ବ୍ୟବସାୟୀଙ୍କ ସହ ଗଣେଷନଗରରେ ରହୁଥିବା ବ୍ୟକ୍ତିଙ୍କ ସହ ଚିହ୍ନା ପରିଚିତ ରହିଥିଲା। କୌଣସି କାର୍ଯ୍ୟ ପାଇଁ ୨୦୨୫ ଫେବୃଆରୀରେ କିଶୋରଙ୍କ ଠାରୁ ସେ ୨୫ ଲକ୍ଷ ଟଙ୍କା ଧାର ନେଇଥିଲେ। ୨ ରୁ ୩ ମାସ ଭିତରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଛ ଏପରିକି ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ହେବା ସହ ସଂପୃକ୍ତ ବ୍ୟକ୍ତି ଜଣଙ୍କ ବ୍ୟାଙ୍କ ଚେକ ମଧ୍ୟ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୀମା ସରିବା ପରବି ସେ ଧାର ନେଇଥିବା ଟଙ୍କା ଫେରାଇ ନଥିଲେ। ଏ ବିଷୟରେ ତାଙ୍କୁ ପଚାରିବାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ନାନାପ୍ରକାର ଧମକ ଦେଇଥିଲେ। ସେହିପରି ପ୍ରେମନଗର ୭ମ ଲାଇନର ମହିଳା ଏମ କ୍ରିଷ୍ଣା ପ୍ରିୟାଙ୍କ ଠାରୁ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଫେବୃଆରୀରେ ୫ ଲକ୍ଷ ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ବ୍ୟାଙ୍କ ଚେକ ଦେଇଥିଲେ । ଟଙ୍କା ନଫେରାଇବାରୁ ମହିଳା ଜଣଙ୍କ ଉକ୍ତ ଚେକ ବ୍ୟାଙ୍କରେ ଜମା କରିବା ପରେ ସେଥିରେ ଟଙ୍କା ନଥିବା ଜଣାପଡିଥିଲା। ମହିଳା ଜଣଙ୍କ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ । ସେହିପରି କ୍ରିଷ୍ଟାପେଟା ସାହିର ବ୍ୟବସାୟୀ ପ୍ରଶାନ୍ତ କୁମାର ଦାସ ଓ ସଂପୃକ୍ତ ବ୍ୟକ୍ତି ମଧ୍ୟରେ ପୂର୍ବରୁ ପରିଚୟ ରହିଥିଲା । ସେହିକ୍ରମରେ ଗତ ଫେବୃଆରୀ ମାସରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ୧୨ ଲକ୍ଷ ଟଙ୍କା ଧାର ନେଇଥିଲେ। ସମୟ ଅବଧୀ ସରିବା ପରେ ଟଙ୍କା ଫେରସ୍ତ କରିନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରଶାନ୍ତ ମଧ୍ୟ ବଡବଜାର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।


**WORKS DEPARTMENT : OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B) BALASORE**

e-mail: - seec bls@rediffmail.com

B-327

**Government of Odisha "e" Procurement Notice**

**Bid Identification No. CCEEC- 04/ 2025-26**

**No : 2904 Dt : 19.7.25**

Nature of work : Building Works.
Number of works : 3 Nos Building.
Amount put to Tender : Rs.182.88 lakh to 334.37 lakh
Class of Contractor : "B" & "A" Class.
Date & Time of availability of bid document in the portal : Dt. 29.07.2025 at 10:00 AM
Last Date / Time of receipt of bid in the portal : Dt. 12.08.2025 up to 05:00 PM
Date of opening of bid : Dt. 13.08.2025 at 11:00 AM
Name & address of the Office inviting bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-Procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**Sd/- Chief Construction Engineer**
**Eastern Circle (R&B) Balasore**

**OIPR : 34026/11/0014/2526**



**OFFICE OF THE SR. GENERAL MANAGER (ELECTRICAL)**

**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com**

**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**

**NOTICE INVITING TENDER No. UIHEP- 19/2025-26 DATED 16.07.2025**

**CAD-1170 :** Sealed tenders are invited in two parts ie. (i) Techno commercial bid (ii) Price bid in separate sealed envelopes from the registered travel agencies / vehicle owners/service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only in Rs. | Period of sale/ download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a new light vehicle (Mahindra Bolero) for SDOs, Utility Division of UIHEP, Mukhiguda for 04 Years". | 7,080/- (inclusive of GST) | 01% of quoted price | From 28.07.2025 to 08.08.2025 up to 13.00 Hrs. | 08.08.2025 (up to 13.30 Hrs) | 08.08.2025 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com.**

**Sd/- C&P Head**
**UIHEP, Mukhiguda**

**OIPR : 04008/11/0035/2526**



**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**

**Email ID:- seec2chandikhole@gmail.com**

A-427

**"e" Procurement Notice No. ACE, EC-II 05 of 2025-26 (On-line)**

| | | | |
|---|---|---|---|
| 1 | Name of work | : | Work list attached in the Technical Bid Document |
| 2. | Total No. of package | : | 18 nos. individual package. |
| 3. | Tender Cost of Packages varies from | : | Rs. 227.73 Lakhs to Rs. 640.29 Lakhs. |
| 4. | Cost of Bid Document | : | Rs. 10,000/- (On-line Payment) |
| 5. | Bid security varies from | : | Rs. 2,27,800/- to Rs. 6,40,300/- |
| 6. list | Class of Contractor | : | "B" & "A" Class for Sl. No. 1 to 16, A Class for Sl.No. 17 & A & Special Class Sl. No. 18 Work attached in the Bid Document. |
| 7. 18 | Period of Completion | : | 06 (Six) Calendar Months for sl No. 1 to 16 and 09 (Nine) Calendar months for Sl.No. 17 & |
| 8. | Other details are as follows. | | |

| Procurement Officer | Availability to Tender On-line for bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II, Chandikhole | 28/07/2025 at 10 AM | 11/08/2025 up to 5.00 PM | 12/08/2025 at 11.30 AM |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website **www.tendersorissa.gov.in**
11. Any corrigendum/addendum/cancellation of tender to the above notice if any can be seen from the above website.

**Sd/- Additional Chief Engineer**
**Eastern Circle-II, Chandikhole**

**OIPR : 32322/11/0020/2526**



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**

**'e' Procurement Notice**

**Email : eemijharsuguda@gmail.com**

A-437

**Bid Identification No. SE MID JSD 03/2025-26**

**eemijharsuguda@gmail.com**
**No. 1991 // MID // date. 21.07.2025**

The Superintending Engineer, M.I Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 01 (One) Nos.
3. Estimated Cost (Detail list of work annexed) : Rs.52.00 Lakh
4. Class of Contractor : As mentioned against work
5 Period of completion : As mentioned against work
6. Date & time of Availability of Bid Document in the Portal : 28.07.2025 to 11.08.2025 during office hours
7. Last date/Time for receipt of Bid in the Portal : 11.08.2025 during office hours
8. Date/Time of Opening of Technical Bid : 12.08.2025 at 10.00 AM at Office of the S.E., MI Divn. Jharsuguda.
9. Date/Time of Opening of Financial Bid : 13.08.2025 at 10.00 AM
10. Lottery Date : 14.08.2025 at 11.30 A.M. at O/o the Superintending Engineer M.I. Division, Jharsuguda
11. Name & Address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid Cost & Bid Security : Online

**Sd/- Superintending Engineer**
**M.I. Division, Jharsuguda**

**OIPR : 32291/11/0012/2526**



**GOVERNMENT OF ODISHA : PANCHAYAT SAMITI, PADMAPUR**

**E-Mail - ori-rpadmapur@nic.in**

i-239

**INVITATION FOR BIDS (IFB)**

**e-Procurement Notice**

**IDENTIFICATION NO. 01/2025-26 of PANCHAYAT SAMITI. PADMAPUR**

**No. 2020 / IX - 74/2025. (S&ME. Tender) Dev Dated 19.07.2025**

1. The Panchayat Samiti, Padmapur Invites Percentage Rate Bids in Single Cover system in on ONLINE MODE for construction of Building works (Civil + Electrification) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works : 03 (Three) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "D" & "C" Class
5. Date & Time of available in web site & receipt online : 11:30 Hrs of 31.07.2025 to 17.00 Hrs. of 14.08.2025.
6. Date of Opening of Technical Bid : 19.08.2025 at 11:30 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8. Any corrigendum / Addendum will be displayed in the website **https://tendersodisha.gov.in** only.

**Sd/- Kuresh Chandra Jani, OAS-A (JB)**
**Block Development Officer**
**Padmapur**

**OIPR : 19430/11/0003/2526**



**AFFIDAVIT**

I, Syed Ibrahim Sarif, S/o-Sayed Raheman Sarif, resident of At-Jaipura, Po-Kendrapara, Ps-Kendrapara Town, Dist-Kendrapara, Pin-754211, Odisha declare by this affidavit No-1639 Dtd.24.07.2025 that now onwards I shall be known as **Sayed Ibrahim Sarif** for all future purposes



**AFFIDAVIT**

By virtue of an affidavit sworn before Executive Magistrate Telkoi on Dated 12th December 2024, I, Mr.Kalandi Charan Patra, Address At-Kulanga,Po-Birabarpur Nugaon,PS/Sub Dist-Telkoi,Dist-Kendujhar,Pin Code-758076,Odisha, declare that I have changed the name of my Daughter from Rojalin Patra to Kajol Patra.Henceforth,she shall be known as **Kajol Patra** for all purposes.

**Kalandi Charan Patra**



**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 08.07.2025. I Sk Samir Ali Address At-Plot No. 1034, Cenal Road, Jena Sahi, Jharpada, Bhubaneswar, Dist-Khordha, Odisha-751006 declare that I have changed my son's name from Shaikh Sabir Ali to S.K SABIR ALI Henceforth, he shall be known as S.K SABIR ALI for all purposes.

**S.K Samir Ali**



**ଘୋଷଣାନାମା**

ମୁଁ ଦୁଷ୍ମନ୍ତ କୁମାର ମଲ୍ଲ, ବୟସ (55), ପି- ଦୈତାରୀ ମଲ୍ଲ, ସା/ପୋ-ପାଟପୁର, ଥାନା-କାକଟପୁର, ଜିଲ୍ଲା-ପୁରୀ (ଓଡ଼ିଶା) ଜଣାଉଅଛି କି ମୋର ପୂର୍ବ ନାମ ଦୁଷ୍ମନ୍ତ ମଲ୍ଲ ଥିଲା, ବର୍ତ୍ତମାନ ମୁଁ କାକଟପୁର ତହସିଲଦାରଙ୍କ ଇଜିଲାସରେ ମୋର ନୂତନ ନାମ ଦୁଷ୍ମନ୍ତ କୁମାର ମଲ୍ଲ (Dusmanta Kumar Malla), ପି- ଦୈତାରୀ ମଲ୍ଲ (Daitari Malla), ସା/ପୋ - ପାଟପୁର, ଥାନା-କାକଟପୁର, ଜିଲ୍ଲା-ପୁରୀ (ଓଡ଼ିଶା) ନାମରେ ସମସ୍ତ ସରକାରୀ, ବେସରକାରୀ କାଗଜପତ୍ରରେ ପରିଚିତ ହେଲି ।

**Dusmanta Kumar Malla**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1275 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୪୯ **ବିଜ୍ଞାପନ** ତା : ୧୭.୭.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଲ.ବି-୭୫ (LB-75), ଜୟଦେବ ନଗର, ଲୁଇସରୋଡ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ରମଣୀ ରଞ୍ଜନ ସାହୁ, ପିତା-ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ, ୨. ଶକୁନ୍ତଳା ସାହୁ, ସ୍ୱାମୀ- ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ, ସା-ମାନସିଂ ପାଟଣା, ପୋ-ତୁଳସୀପୁର, ଥାନା-ଲାଲବାଗ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ତୁଷାର ନାୟକ, ପିତା-ସୁଧୀର କୁମାର ନାୟକ, ସା-ଘର ନଂ ଏଲ.ବି-୪୪, ଲୁଇସରୋଡ, ହାଉସିଂ ବୋର୍ଡ, ପୋ-ଲୁଇସରୋଡ, ଥାନା-ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **୧୫ ଦିନ** ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

**ସ୍ୱା/- ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**OIPR : 13030/11/0769/2526**



**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର, ୭୬୮୦୦୫**

**ସୂଚନା**

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସାଲିଆ ବଗିଚା ହାଉସିଂ ସ୍କିମ, କୁମ୍ଭାରପଡା, ସମ୍ବଲପୁର ଘର ନମ୍ବର **MIG-11 (FIRST FLOOR)** ଟିକୁ ଶ୍ରୀମତୀ ଗାୟତ୍ରୀ ଦେବୀ ରତୱା, ସ୍ୱାମୀ- ଶ୍ରୀ ଭବରଲାଲ ରତବା, ନିବାସୀ-ଶାସନ, ପୋ-ଶାସନ, ଥାନା-ଶାସନ, ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଘରଟିକୁ ତୃତୀୟ ପକ୍ଷ ଆଧାରରେ ଶ୍ରୀ ରାମେଶ୍ୱର ହୋତା, ପିତା- ସ୍ୱର୍ଗତ ଦୟାନିଧି ହୋତାଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀ ରାମେଶ୍ୱର ହୋତା ଏକ ଚୁକ୍ତିନାମା ହୋଇଥିବା ନଥି ଦାଖଲ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇଅଛନ୍ତି କିନ୍ତୁ ମୂଳ ଆବେଦନକାରୀଙ୍କ ନିକଟରୁ କୌଣସି ପ୍ରତିଉତ୍ତର ବର୍ତ୍ତମାନ ପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇନାହିଁ । ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀ ରାମେଶ୍ୱର ହୋତାଙ୍କ ଠାରୁ ପ୍ରାପ୍ତ ହୋଇଅଛି । ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର



**OFFICE OF THE PRINCIPAL-CUM-SECRETARY, G.B.**
**INDRAVATI HIGHER SECONDARY SCHOOL, JAIPATNA**

**At/Po/Ps/Via : Jaipatna, Dist. Kalahandi, Pin-766018**
**Email : principaivmjpt@gmail.com, Mob : 8249881814**
**Notice No. 374 Date : 25.07.2025**

**WALK-IN-INTERVIEW**

A Walk-in-interview for Guest faculties for the session **2025-26** in **Mathematics & Geography** will be held on **Dt. 07.08.2025 at 10.30 A.M.** in **Indravati Higher Secondary School,** Jaipatna, Dist-Kalahandi, Candidates having Master Degree with minimum 55% marks shall attend the walk-in-interview with C.V. & Original Documents (Certificates & Marksheets) with one Xerox copy of each. The authority reserves the right to cancel the above Walk-in-Interview without assigning any reason thereof.

**No T.A / D.A** is admissible to the candidates for this purpose.

**Sd/- Principal-Cum-Secretary, G.B.**
**Indravati H.S. School, Jaipatna**

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା

# ୯୪୪ ଜଣଙ୍କୁ ମିଳିଲା ଅତ୍ୟାଧୁନିକ ଚିକିତ୍ସା ସୁବିଧା

ନୂଆପଡ଼ା, (ସବ୍ୟୁ): ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସଫଳ ରୂପାୟନ ସ୍ୱରୂପ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଦୂରଦୂରାନ୍ତ ଅଞ୍ଚଳ ଅଧିବାସୀଙ୍କ ନିମନ୍ତେ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଚଳିତ ମାସ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସପିଟାଲରୁ ୧୧ ଜଣ ବିଶେଷଜ୍ଞ ଏହି ଶିବିରରେ ଅବସ୍ଥାନ କରି ଉଚ୍ଚତର ଚିକିତ୍ସା ନିମନ୍ତେ ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇଦେଇଛନ୍ତି । ଶିବିର ପାଇଁ ନୂଆପଡ଼ା ଜିଲ୍ଲା ହସପିଟାଲକୁ ଅତ୍ୟାଧୁନିକ ରୋଗ ନିରୂପଣ ଯନ୍ତ୍ରପାତି ମଧ ପଠାଯାଇଥିଲା । ଚାରି ଦିନ ଧରି ଚାଲିଥିବା ଏହି ଶିବିରରେ ୯୪୪ ଜଣ ରୋଗୀ ଉଚ୍ଚତର ଚିକିତ୍ସା ସୁବିଧା ଲାଭ କରିଥିଲେ । ଏମାନଙ୍କ ମଧ୍ୟରେୟୁରୋଲୋଜି ବିଭାଗରେ ୬୯ ଜଣ, ସ୍ନାୟୁରୋଗ ବିଭାଗରେ ୩୭୪ ଜଣ, ନେଫ୍ରୋଲୋଜିରେ ୧୧୨ ଜଣ, ହୃଦରୋଗରେ ୧୬୪, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିରେ ୧୫୩, ଏଣ୍ଡୋକ୍ରାଇନୋଲୋଜିରେ ୭୨ ଜଣଙ୍କର ସଫଳ ଚିକିତ୍ସା କରାଯାଇଥିଲା ।ଏହାସହ ୬୧ ଜଣଙ୍କର ଇକୋକାର୍ଡିଓଗ୍ରାଫି, ୧୩୬ ଜଣଙ୍କର ଇସିଜି, ୧୨ ଜଣଙ୍କର ଏଣ୍ଡୋସ୍କୋପି, ୨୪ ଜଣଙ୍କର ଅଲଟ୍ରାସାଉଣ୍ଡ, ୮୯ ଜଣଙ୍କର ଏକ୍ସରେ ଏବଂ ୫୨୧ ଜଣଙ୍କର ବିଭିନ୍ନ ପ୍ରକାର ଖର୍ଚ୍ଚ ବହୁଳ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷା କରାଯାଇଥିଲା ।

କଟକ ଏସ୍‌ସିବିୟୁରୋଲୋଜି ବିଭାଗର ଡାକ୍ତର ପ୍ରମୋଦ, ହୃଦରୋଗ ଡାକ୍ତର ସୁଚିସ୍ମିତା, ସ୍ନାୟୁ ରୋଗର ଡାକ୍ତର ଅଶ୍ୱିନୀ, ନେଫ୍ରୋଲୋଜି ବିଭାଗର ଡାକ୍ତର ରାକେଶ, ଏବଂ ହେପାଟୋଲୋଜି ଡାକ୍ତର ଜ୍ଞାନରଞ୍ଜନ ପ୍ରମୁଖ ବରିଷ୍ଠ ବିଶେଷଜ୍ଞମାନେ ଶିବିରରେ ରୋଗୀମାନଙ୍କୁ ସିଧାସଳଖ ଚିକିତ୍ସା କରିଥିଲେ । ଏହାଛଡ଼ା ଡାକ୍ତର ଭବାନୀ ଶଙ୍କର, ଡାକ୍ତର ବିଶ୍ୱଜିତ, ଡାକ୍ତର ଲିଙ୍କନ, ଡାକ୍ତର ସନନ୍ଦ, ଡାକ୍ତର ସୋନାଲିକା ଏବଂ ଡାକ୍ତର ପଙ୍କଜ କୁମାର ପ୍ରମୁଖ ବିଶେଷଜ୍ଞମାନେ ରୋଗୀସେବା ବେଳେ ନିଜ ନିଜ ବିଭାଗର ବରିଷ୍ଠ ବିଶେଷଜ୍ଞଙ୍କୁ ଚିକିତ୍ସା ସମ୍ବନ୍ଧିତ ସହାୟତା କରିଥିଲେ । ହାତ ପାଆନ୍ତାରେ ବିନା ଖର୍ଚ୍ଚରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମିଳିଥିବାରୁ ରୋଗୀମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶିତ ହୋଇଛି । ଗୁରୁତର ରୋଗର ଚିକିତ୍ସା ପାଇଁ ଉପାନ୍ତ ଅଞ୍ଚଳରୁ ଭୁବନେଶ୍ୱର, କଟକ ଆଦି ସ୍ଥାନକୁ ଯିବା ବହୁ ଲୋକଙ୍କ ପକ୍ଷେ କଷ୍ଟ ସାଧ ଓ ବ୍ୟୟବହୁଳ ହୋଇଥିବାରୁ, ନୂଆପଡ଼ା ଜିଲ୍ଲାର ବୁଦ୍ଧିଜିବୀମାନେ ରାଜ୍ୟ ସରକାରଙ୍କୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାର ଉତ୍ତମ କାର୍ଯ୍ୟାନ୍ୱୟନ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି ।

# ସବୁଜ ବଲାଙ୍ଗିର ପାଇଁ ୨ଟି ଲେଖାଏଁ ଗଛ ଲଗାନ୍ତୁ: ବିଧାୟକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରର ପରିବେଶକୁ ସୁରକ୍ଷିତ ରଖିବାକୁ ଅନେକ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷ କାମକରୁଛନ୍ତି । ତେବେ ସହରକୁ ସବୁଜ ସୁନ୍ଦର କରି ଗଢିତୋଳିବାକୁ ପ୍ରତ୍ୟେକ ପରିବାର ଅନ୍ୟୁନ ୨ଟି ଗଛ ରୋପଣକରନ୍ତୁ ବୋଲି ସ୍ଥାନୀୟ ସୁଦପଡାଠାରେ ଆୟୋଜିତ ଏକ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବଲାଙ୍ଗିର ସଦର ବିଧାୟକ କଲିକେଶ ନାରାୟଣ ସିଂଦେଓ ଆହ୍ୱାନ ଦେଇଛନ୍ତି । ସେ ଆହୁରି କହିଛନ୍ତି ଗତ ନିର୍ବାଚନ ସମୟରେ ଆମେ ସବୁଜ ବଲାଙ୍ଗିରର ଇସ୍ତାହାର ଦେଇଥିଲୁ । ସେହି କ୍ରମରେ ଆମେ ଆମର କାର୍ଯ୍ୟକ୍ରମ ଚାଲୁରଖିଛୁ । ବଲାଙ୍ଗିର ସହରବାସୀ ଏଥିରେ ସହଯୋଗ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜଣାଉଛୁ ବୋଲି ବିଧାୟକ ଶ୍ରୀ ସିଂହଦେଓ କହିଛନ୍ତି । ପୌରପାଳିକା ପକ୍ଷରୁ ଆୟୋଜିତ ବନୀକରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଧାୟକ ଶ୍ରୀ ସିଂଦେଓ,ପୌରାଧକ୍ଷା ଲିକା ସାହୁ, ବନବିଭାଗର ଏସିଏଫ ମାନସରଂଜନ ବେହେରା, ରେଞ୍ଜଅଫିସର ନବୀନକୁମାର ପଣ୍ଡା, ଡେପୁଟିରେଞ୍ଜର ସୁନୀଲକୁମାର ମିଶ୍ର,ସିଆରପିଏଫ ୧୮୯ ବାଟାଲିଅନର କମାଣ୍ଡାଣ୍ଡ, ଡେପୁଟି କମାଣ୍ଡେଣ୍ଟ ଓ ଜବାନମାନେ ଯୋଗଦେଇଥିଲେ। ସୁଦପଡା କଲ୍ୟାଣମଣ୍ଡପଠାରୁ ସୋନପୁର ରାସ୍ତାକଡେ କଡେ ହନୁମାନମନ୍ଦିର ଛକ ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ପୌର ପରିଷଦର କାଉନସିଲର କିଶୋର କୁମ୍ଭାର, ଶମ୍ଭୁ ନାଗ, ସତ୍ୟ ନାୟକ, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ , ମୁନା ଖାଁ ସହିତ ପୌର ପରିଷଦ କ୍ରମଚାରୀ ଓ ଜନସାଧାରଣ ସାମିଲ ଥିଲେ ।

# ବସ୍ ଡିପୋ ବିସ୍ତାରକୁ ଅଟୋ ଚାଳକ ସଂଘର ବିରୋଧ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଅଇଁଠାପାଲି ବସ୍ ଟର୍ମିନାଲର ଅଟୋ ଷ୍ଟାଣ୍ଡରେ ଅବୈଧ ଭାବେ ବସ୍ ବ୍ୟାଟେରୀ ଚାର୍ଜିଂୟୁନିଟ୍ ବିସ୍ତାରକୁ ଅଟୋ ଚାଳକ ସଂଘ ବିରୋଧ କରିଛି। ଏନେଇ ବୀର ସୁରେନ୍ଦ୍ର ସାଏ ଅଟୋ ଚାଳକ ସଂଘ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୫ ମସିହା ଠାରୁ ଅଇଁଠାପାଲି ବସ୍ ଟର୍ମିନାଲର ଭିତରେ ଅଟୋଷ୍ଟାଣ୍ଡ ରହିଛି। ଏଥିପାଇଁ ଅଟୋ ଚାଳକ ମାନେ ପାର୍କିଂ ଫି ପୈଠ କରୁଛନ୍ତି। ତେବେ ମୋ ବସ୍ ଗୁଡିକ ଏହି ପାର୍କ ସ୍ଥଳରେ ଅବୈଧ ପ୍ରବେଶ କରୁଥିବା ବେଳେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଅଟୋ ଷ୍ଟାଣ୍ଡ ଉପରେ ନିର୍ଭର କରୁଥିବା ଶତାଧିକ ଅଟୋ ଚାଳକ ଚିନ୍ତାରେ ପଡି ଯାଇଛନ୍ତି। ଏଥିରେ ସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତି, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ବୀରେନ୍ଦ୍ର ସାହୁ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ମହମ୍ମଦ ଅଫତାବ, ସେକ୍ ନୁରୁଦ୍ଦିନ, ଜୟପ୍ରକାଶ ସାହୁ, ସନ୍ତୋଷ ବିଭାର, ବିଭିଷଣ କାଣ୍ଡ, ପଞ୍ଚାନନ ମିଶ୍ର, ବିଷ୍ଣୁଚରଣ ସିଂ, ବସନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାପାଇଁ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,(ସବ୍ୟୁ): କମ୍ପାନୀର ଆଶ୍ ଓ କୋଇଲା ପରିବହନ ଯୋଗୁଁ ସ୍ୱପ୍ନେ ସେତୁକୁ ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏହାଦ୍ୱାରା ରେଙ୍ଗାଲି ବ୍ଲକର ସାଲଡ, କୁର୍ଲ୍ଲା, ଯୋଗିପାଲି, ବାରିକପାଲି, ସ୍ୱପ୍ନେ ଆଦି ଅଞ୍ଚଳବାସୀଙ୍କ ପାଇଁ ସମସ୍ୟା ଭାବେ ଛିଡା ହୋଇଛି। ରାସ୍ତାର ଦୁରାବସ୍ଥା ଯୋଗୁଁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଅନେକ ସମୟରେ ଧନଜୀବନ ହାନି ହେଉଛି। ଏହାର ପ୍ରତିକାର ପାଇଁ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କୌଣସି ସୁଫଳ ମିଳିନାହିଁ। ତୁରନ୍ତ ରାସ୍ତା ମରାମତି କରାନଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ରେଙ୍ଗାଲି ଜୋନ୍-୧ର ଜିଲ୍ଲା ପରିଷଦ ସଭ୍ୟା ଚେଲଶ୍ରୀ ମହାନନ୍ଦ ଶୁକ୍ରବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ସିଡିଏମ୍‌ଓ

ରାୟଗଡା,(ସବ୍ୟୁ): ରାଜ୍ୟ ସରକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ସିଡିଏମଓ । ଆଜିକୁ ଦୁଇ ମାସ ୧୬ ଦିନ ବିତିଗଲା କିନ୍ତୁ ତାଙ୍କ ଅଧିନସ୍ଥ କର୍ମଚାରୀଙ୍କୁ ରିଲିଫ କରୁନାହାନ୍ତି । ସରକାର ବିଭିନ୍ନ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ କର୍ମଚାରୀଙ୍କ ବଦଳି ସରକାର ଗଠନ ଠାରୁ ନିରନ୍ତନ କରିଆସୁଛନ୍ତି । କଣ୍ଟ୍ରାକଫଚୁଆଲ କର୍ମଚାରୀ ମାନେ ମଧ୍ୟ ବଦଳି କାର୍ଯ୍ୟାନୁଷ୍ଠାନରୁ ବାଦ ପଡିନଥିବା ଦେଖିବାକୁ ମିଳିଥିଲା । ଏପରିକି ନିକଟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିସନରେ କାର୍ଯ୍ୟ କରୁଥିବା ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଏମ)ମାନଙ୍କ ବଦଳି ହୋଇଥିଲା । ବଦଳି ପରେ ପ୍ରାୟ ସମସ୍ତ ଡିପିଏମ ନିଜ ନିଜ ବଦଳି ସ୍ଥାନକୁ ଯାଇ କର୍ମରେ ଯୋଗଦେଇ ସାରିଲେଣି । କିନ୍ତୁ ରାୟଗଡା ଜାତୀୟ ସ୍ୱାସ୍ଥ୍ୟ ମିଶନର ସହ ପରିଚାଳକ ଏଲ ଏ ଏଣ୍ଡ ଆଇ ଏସ ବିଭାଗରେ କାର୍ଯ୍ୟ କରୁଥିବା ଅମ୍ବିକା ପ୍ରସାଦ ପତିଙ୍କୁ ଏନଏଚଏମର ନିର୍ଦ୍ଦେଶକ ଗତ ମେ ମାସ ୯ ତାରିଖରେ ଅର୍ଡର ନମ୍ବର ୫୧୦୩ରେ ରାୟଗଡାରୁ କନ୍ଧମାଳ ପ୍ରଶାସନିକ ସୁବିଧା ପାଇଁ ବଦଳି କରିଥିଲେ । ଏହି ଆଦେଶ ନାମାରେ ଓଡିଶାର ୪ଜଣ ମେନେଜରଙ୍କୁ ବଦଳି ହୋଇଥିଲା ଏବଂ ସମସ୍ତଙ୍କୁ ଯଥା ଶୀଘ୍ର ରିଲିଭ୍ ହେବାକୁ କୁହାଯାଇଥିଲା । ଅନ୍ୟ ଜିଲାର ଅଧିକାରୀ ମାନେ ରିଲିଭ ହୋଇଯାଇଥିଲେ ମଧ ରାୟଗଡା ଜିଲ୍ଲାରେ ଅବସ୍ଥାପିତ ଅମ୍ବିକା ପତିଙ୍କୁ ରାୟଗଡା ମେଡିକାଲ କର୍ତ୍ତୃପକ୍ଷ ଆଜିଯାଏଁ ରିଲିଭ କରିନାହାନ୍ତି । କେଉଁ ସ୍ୱାର୍ଥ ପାଇଁ ମେଡିକାଲ କର୍ତ୍ତୃପକ୍ଷ ବଦଳି କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି । ଏନଏଚଏମ ନିର୍ଦ୍ଦେଶକଙ୍କ ଦ୍ୱାରା ହୋଇଥିବା ବଦଳି ଆଦେଶ ଦୁଇ ମାସ ପନ୍ଦର ଦିନ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ରିଲିଭ କରାଯାଉନାହିଁ । ଏନେଇ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡି. ସରୋଜିନୀ ଦେବୀଙ୍କୁ ପଚାରିବାରୁ ଏନ ଏଚ ଏମ୍ ତାଙ୍କ ସ୍ଥାନରେ ଅନ୍ୟ କେହି ନ ଆସିବାରୁ ରିଲିଫ କରାଯାଇ ନାହିଁ । ବର୍ତ୍ତମାନ ମୁଁ ଛୁଟିରେ ଅଛି ସୋମବାର ଫେରିବା ପରେ ରିଲିଫ କରାଯିବ ବୋଲି କହିଛନ୍ତି । ଏନେଇ ବିଧାୟକ କାଡ୍ରାକା ଆପାଲାସ୍ୱାମୀ କହିଛନ୍ତି ପ୍ରଶାସନିକ ଅଧିକାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ମଧ ଶୁଣୁନାହାନ୍ତି । ତେଣୁ ଅପାରଗତ ସରକାର ବୋଲି ଆମେ ଦାବି କରୁଛୁ । ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିବି ଯେଉଁ ଅଧିକାରୀ ଅବମାନନା କରିଛନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛନ୍ତି ବିଧାୟକ ।

## ବଢିଲା ହୀରାକୁଦ ଜଳସ୍ତର
## ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, (ସବ୍ୟୁ): ହୀରାକୁଦ ଡ୍ୟାମର ଜଳସ୍ତର ବଢିବାରେ ଲାଗିଛି। ଫଳରେ ଖୋଲା ଯାଇଥିବା ଗେଟ୍ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ୮ଟି ଗେଟ୍ ଖୋଲିଥିଲା। ଆଜି ଆଉ ୧୨ଟି ଗେଟ୍ ଖୋଲା ଯାଇଛି। ବାମପଟୁ ୧୩ଟି ଓ ଡାହାଣ ପଟୁ ୭ଟି ଗେଟ୍ ଖୋଲା ରହିଛି। ଶୁକ୍ରବାର ସଂନ୍ଧ୍ୟା ୬ଟାରେ ଜଳସ୍ତର ୬୦୯.୩୯ ଫୁଟରେ ପହଞ୍ଚିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ଲକ୍ଷ ୩୫ହଜାର ୧୬୬ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସମପରିମାଣର ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ସ୍ପିଲେଓ୍ୱକୁ ୨ଲକ୍ଷ ୯୬ହଜାର ୨୨୦ଘନଫୁଟ, ପାଓ୍ୱାର ଚେନାଲକୁ ୩୪ହଜାର ୫୧୨ଘନଫୁଟ, କେନାଲକୁ ୪ହଜାର ୨୦୦ଘନଫୁଟ ଓ କଳକାରଖାନାକୁ ୨୩୪ଘନଫୁଟ ଜଳ ଛଡା ଯାଉଛି। ଗେଟ୍ ଖୋଲାଥିବାରୁ ମହାନଦୀର ବେଲଗାଁରେ ୧୫ହଜାର୬୦୦, ପର୍ଥଲାରେ ୩୮ହଜାର ୪୫୨, ଖଇରମାଳରେ ୨ଲକ୍ଷ ୮୨ହଜାର, ବାରମୂଳରେ ୧ଲକ୍ଷ ୪୧ହଜାର ଓ ମୁଣ୍ଡଳିରେ ୧ଲକ୍ଷ ୮୪ହଜାର୨୩୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଲଘୁଚାପ ଯୋଗୁଁ ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ଗତ ୨୪ଘଣ୍ଟା ମଧ୍ୟରେ ୩୯.୩୭ ମିମି ଓ ତଳମୁଣ୍ଡରେ ୨୦.୬୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଓ ବନ୍ୟାଜଳ ନିଷ୍କାସନ ଯୋଗୁଁ ତଳିଆ ଜିଲ୍ଲାଗୁଡିକୁ ହାଇଆଲର୍ଟ ଜାରି କରାଯାଇଛି।

# ବ୍ଲକସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ




କୋକସରା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ "ସ୍ଥାୟୀ ଜୀବନଶୈଳୀ' ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତେଜେଶ୍ୱର ସାହୁ, ମଙ୍ଗୁ ଚରଣ ମୁଦୁଲି, ସଞ୍ଜୟ ନାରାୟଣ ଖଡ଼ଙ୍ଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକର ୨୨ ପଞ୍ଚାୟତର ୨୫ଟି ସ୍କୁଲର ୫୦ଜଣ ଛାତ୍ରଛାତ୍ରୀ ୩୬ଟି ପ୍ରକଳ୍ପ ପ୍ରଦର୍ଶନ କରିବା ସହ ଉପସ୍ଥାପନା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଦେଖି ଅତିଥି ମାନେ ଖୁସି ପ୍ରକାଶ କରିଥିଲେ । ଦିତୀୟ ଅଧିବେଶନ ତଥା ଉଦଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସଭାପତିତ୍ୱ କରିଥିଲେ । ଏଥିରେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରଓ୍ୱାଲ ମୁଖ୍ୟ ଅତିଥି, ଆମେରିକେନ୍ ୟୁନିଭରସିଟି କେମେଷ୍ଟ୍ରୀ ବିଭାଗର ପ୍ରଫେସର୍ ଡ଼ା. ଦିଗାମ୍ବର ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, ଲଦୁଗାଁ କଲେଜ ଅଧ୍ୟକ୍ଷ ଡ଼ା. ନିହାରକାନ୍ତ ପଣ୍ଡା, ଡିଏସ୍‌ଏସ୍ ଦୁଷ୍ମନ୍ତ ପାଢ଼ୀ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରଏନଗୁଡାର ଓମ୍ ତାଣ୍ଡି ଏହି ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଜବାହର ଉଚ୍ଚ ବିଦ୍ୟାଳୟର ଅଙ୍କିତା ପଟ୍ଟନାୟକ ଏବଂ ତୃତୀୟ ସ୍ଥାନ ଓଡିଶା ଆଦର୍ଶ ବିଦ୍ୟାଳୟର ଆନ୍ୟା ଅଗ୍ରଓ୍ୱାଲ ହାସଲ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ହେମନ୍ତ ମାଝୀ, ଶିକ୍ଷୟତ୍ରୀ ବନିତା ରାଣୀ ଦତ୍ତ, ସୀମାରାଣୀ ସିଂ, ରଶ୍ମିତା ନିଆଲ, ଏନସିସି ଏଏନ୍‌ଓ ଅମିତ କୁମାର ମହାନ୍ତି, ଶିକ୍ଷକ ସୁନୀଲ କୁମାର ବିଷୋୟୀ, ଟଙ୍କଧର ଶବର, ଦେବାଶିଷ ସାହୁ, ତୁଳସି ରାମ ଚଳାନ, ପ୍ରତ୍ୟୁଷ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାଉଡୋଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ସଭାପତିଙ୍କୁ ରିପୋର୍ଟ କାର୍ଡ ଦେଲେ ବିଧାୟକ ଟଙ୍କଧର

ଝାରସୁଗୁଡ଼ା,(ସବ୍ୟୁ):ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର ନୂଆଦିଲ୍ଲୀ ଠାରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କୁ ସାକ୍ଷାତ କରି ବିଗତ ବର୍ଷକ ମଧ୍ୟରେ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ଉନ୍ନୟନମୂଳକ କାର୍ଯର ଏକ ରିପୋର୍ଟକାର୍ଡ ପ୍ରଦାନ କରିଛନ୍ତି। ରାଜରେ ବିଜେପି ସରକାର ଗଠନ ପରେ ବିଧାୟକ ହିସାବରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀ ପାଇଁ କି କି କାର୍ଯ କରିଛନ୍ତି ତାହା ଏହି ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ରିପୋର୍ଟକାର୍ଡ ପୁସ୍ତକ ପାଇ ଶ୍ରୀ ନଡ୍ଡା ଖୁସିବକ୍ତ କରିବା ସହିତ ଏଥିପାଇଁ ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ଧନବାଦ ପ୍ରଦାନ କରିଥିଲେ। ଏଥି ସହିତ ବିଜେପି ଉପରେ ଥିବା ଲୋକଙ୍କର ଆଶା ଭରସାକୁ ବଜାୟ ରଖି ଉନ୍ନୟନମୂଳକ କାର୍ଯ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ମଧ ଦଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି.ଏଲ. ସନ୍ତୋଷଙ୍କୁ ସାକ୍ଷାତ କରିଥିଲେ। ସାକ୍ଷାତ ସମୟରେ ଶ୍ରୀ ତ୍ରିପାଠୀ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ବିଭିନ୍ନ କାର୍ଯ ସଂକ୍ରାନ୍ତରେ ସୂଚନା ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ସାର୍ବଜନୀନ ଗଣେଶ ମେଳା କମିଟି କର୍ମକର୍ତ୍ତା ନିର୍ବାଚନ ହେବ

ଦେବଗଡ଼,(ସବ୍ୟୁ): ଚଳିତ ବର୍ଷ ଦେବଗଡ଼ର ପ୍ରସିଦ୍ଧ ସାର୍ବଜନୀନ ଗଣେଶ ପୂଜା ଆୟୋଜନ ପାଇଁ କମିଟି ଗଠନ ସମ୍ପର୍କିତ ଏକ ବୈଠକ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଷ୍ପତି ଅନୁଯାୟୀ ଚଳିତ ବର୍ଷ ସାର୍ବଜନୀନ ଗଣେଶ ମେଳା କମିଟିର ସଭାପତି ଓ ସମ୍ପାଦକ ସାର୍ବଜନୀନ ଗଣେଶ ମେଳା କମିଟିର ପଞ୍ଜୀକୃତ ସଭ୍ୟମାନଙ୍କ ଦ୍ୱାରା, ସମସ୍ତଙ୍କ ସହମତିରେ କିମ୍ବା ନିର୍ବାଚନ ମାଧ୍ୟମରେ ଚୟନ ଚୟନ କରାଯିବ ଛ ଏଥି ପାଇଁ ଆସନ୍ତା -୨୮.୦୭.୨୦୨୫ (ସୋମବାର) ଅପରାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏହି ଚୟନ / ନିର୍ବାଚନ ଅନୁଷ୍ଠିତ ହେବ । ସମସ୍ତ ପଞ୍ଜୀକୃତ ସଦସ୍ୟ ଉପସ୍ଥିତ ରହି ଏହି ଚୟନ / ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ସଭାପତି ଓ ସମ୍ପାଦକ ପାଇଁ ଇଚ୍ଛୁକପ୍ରାର୍ଥୀ ମାନଙ୍କ ମଧ୍ୟରୁ ନିଜ ମନ ପସନ୍ଦ କର୍ମକର୍ତ୍ତା ଚୟନ ସକାଶେ ମତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ପୂର୍ବରୁ ସାର୍ବଜନୀନ ଗଣେଶ ପୂଜାର କର୍ମକର୍ତ୍ତା ଚୟନ ପାଇଁ ବହୁଥର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କୌଣସି ପ୍ରକାର ନିଷ୍କର୍ଷ ନବାହାରିବା ଯୋଗୁଁ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏଭଳି ନିଷ୍ପତ୍ତି ନେଇଛି ।

# ୧୧ ମାସର ଜିଲ୍ଲାପାଳ : କେତେ ଉପକୃତ ଜିଲ୍ଲାବାସୀ

ରାୟଗଡା,(ସବ୍ୟୁ): ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ଜିଲ୍ଲାରୁ ବଦଳି କରାଯାଇଛି । ତାଙ୍କ ୧୧ମାସ ରହଣୀ କାଳରେ ଜିଲ୍ଲାର ଉତଥାନ ପତନ ଓ ବିକାଶର ହିସାବ ନିକାଶ ବର୍ତ୍ତମାନ ଜିଲ୍ଲାରେ ଆଲୋଚନା ଚାଲିଛି । ତାଙ୍କ ଶାସନ କାଳରେ ଜିଲ୍ଲାବାସୀ କଣ ପାଇଛନ୍ତି କଣ ହରାଇଛନ୍ତି ତାହାର ତର୍ଜମା କରୁଛନ୍ତି ଜିଲ୍ଲାବାସୀ । ମାତ୍ର ୧୧ ମାସର ରହଣି କାଳରେ ସେ ଜିଲାରେ ଅନେକ କାର୍ଯ୍ୟରେ ବିବାଦୀୟ ହୋଇ ପଡିଥିଲେ । ଏହି ଦିନ ମାନଙ୍କରେ କୋର୍ଟଙ୍କ ଶକ୍ତ ଝଟକା ବାଜିଛି । ୨୦୨୪ ମସିହା ଅଗଷ୍ଟ ୧୨ତାରିଖରେ ସେ ଜିଲ୍ଲାରେ ଜିଲ୍ଲାପାଳ ରୂପେ ଆସି ଦାୟୀତ୍ୱ ନେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଚୟନରେ ଦେଶର ୭ଗାଁ ମଧ୍ୟରୁ ରାୟଗଡା ଜିଲ୍ଲା ଆଦିମ ଜନଜାତି ଗାଁ ଶକଟା ଗ୍ରାମକୁ ପ୍ରଧାନମନ୍ତ୍ରୀ ପୋଷ୍ୟ ଗ୍ରାମ ଘୋଷଣା । କିନ୍ତୁ କେବେ ଗଲେନାହିଁ ନିୟମଗିରି ପାହାଡ ଉପର ବସ୍ତିକୁ । ଜିଲ୍ଲାରେ ବୃହତ କାରଖାନା ପ୍ରତିଷ୍ଠା ପାଇଁ ଆଦାନୀଙ୍କ ଘୋଷଣା । ରାୟଗଡା ରେଳ ଡିଭିଜନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ତିନୋଟି ବଡ଼ କାର୍ଯ୍ୟ ହିଁ ହୋଇଥିଲା । କିନ୍ତୁ ଅଧିନସ୍ଥ କର୍ମଚାରୀ ବେନିୟମ କଥା ନଶୁଣିଲେ ତୁରନ୍ତ ବଦଳି କିମ୍ବା ରିଲିଫ କରାଯାଇଥିଲା । ଜିଲ୍ଲା ପରିଷଦର ଜଣେ ମହିଳା କିରାଣୀଙ୍କୁ ଗୋଟିଏ ବର୍ଷରେ ଉଦ୍ଦେଶ୍ୟମୂଳକ ଭାବେ ୪ଥର ବଦଳି କରାଯାଇଛି । ଏହି ତାଲିକାରେ ଗଣମାଧ୍ୟମର ପ୍ରତିନିଧି ମାନେ ମଧ ଜଡିତ ବୋଲି ଚର୍ଚ୍ଚା ହୁଏ । ପୁଲାପୁଲା ବିବାଦର ଫର୍ଦ୍ଦ ତାଙ୍କ ନାମସହ ଯୋଡି ହୋଇପଡିଛି । ଜିଲ୍ଲାରେ ଦୁଇ ଦୁଇଟି ଶିଶୁ ବେଆଇନ ପୋଷ୍ୟ ଗ୍ରହଣ ଭଳି ସାଙ୍ଘାତିକ ଘଟଣା ଏହି ଜିଲ୍ଲାପାଳଙ୍କ ଅମଳରେ ଜିଲ୍ଲାକୁ ଦେଖିବାକୁ ପଡିଛି । ସବୁଠାରୁ ବିଡମ୍ବନାର ବିଷୟ ଯେ ଗୁଣପୁର ଉପଖଣ୍ଡ ଭୁଲୁସୁଣ୍ଡାରେ ହୋଇଥିବା ବେଆଇନ ପୋଷ୍ୟ ଗ୍ରହଣ ବା ଶିଶୁ ବିକ୍ରୀ ଅଭିଯୋଗ ସମ୍ପର୍କରେ ଏକ ଅନୁଷ୍ଠାନ ଗୋପନୀୟ ଚିଠିଲେଖି ଜଣାଇବାର ୨୪ ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଜିଲ୍ଲାପାଳଙ୍କ ଆଉ ଏକ ଅପାରଗତା । ଅପରପକ୍ଷରେ ଜଣେ ମହିଳା ହୋଇ ମହିଳା କର୍ମଚାରୀଙ୍କ ଉପରେ ଅହେତୁକ ନିର୍ଯାତନା ମ୍ୟାଡମଙ୍କ କାର୍ଯ୍ୟଶୈଳୀ ଉପରେ ଚିନ୍ତା କରିବାକୁ ବାଧ କରିଛି । ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ଅଭିଯୋଗ ସାରା ରାଜ୍ୟରେ ଅଲୋଡନ ସୃଷ୍ଟି କରିଥିଲା । ପ୍ରକ୍ୟୁରମେଣ୍ଟରେ ଜିଲ୍ଲାପଳଙ୍କ ସ୍ୱାମୀଙ୍କ ଛାୟା ସମ୍ପୃକ୍ତି, ଅଭ୍ୟର୍ଥନା ଗୃହର କେୟାର ଟେକର ଦ୍ୱାରା ଟଙ୍କା ଆଦାୟ ଭଳି ସଙ୍ଗିନ ଅଭିଯୋଗ ବିଦାୟୀ ଜିଲ୍ଲାପାଳଙ୍କ ନାମରେ ଆସିଥିଲା । ଆଉ ଅଭିଯୋଗ ଆଣିଥିଲେ ଅସୀମା । ପ୍ରତିହିଂସା ପରାୟଣ ହୋଇ ଅସୀମାଙ୍କୁ ନିଜ କାର୍ଯ୍ୟରୁ ଅନ୍ତର କରିଦେଇଥିଲେ ତତକାଳୀନ ଜିଲ୍ଲାପାଳ । ଡିଇପିଏମ ଦର ଠାରୁ ପ୍ରାୟ ଦୁଇଗୁଣ ଦରରେ କିଣିବା ପାଇଁ ରହିଥିଲା ପ୍ରକ୍ୟୁରମେଣ୍ଟ ଚିଠା । ଇପିଏମ ଦର ଠାରୁ ପ୍ରାୟ ଦୁଇଗୁଣ ଦରରେ ୧କୋଟି ୩୧ଲକ୍ଷ ୪୪ହଜାର ୪ଶହ ଟଙ୍କାର ସାମଗ୍ରୀ କିଣା ସମ୍ପର୍କିତ ଫାଇଲକୁ ନେଇ ଡିଡବ୍ଲୁଓଙ୍କ ଉପରେ ଚାପ ପରେ କାର୍ଯ୍ୟରୁ ଅନ୍ତର ଭଳି ବେଆଇନ କାର୍ଯ୍ୟ କରି ସେ ନିନ୍ଦିତ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟକୁ ଚାଲେଞ୍ଜ କରି ଡିଡବ୍ଲୁଓ ଅସୀମା କୋର୍ଟର ଆଶ୍ରୟ ନେଇ ପୁଣି ଆସି ଚୌକିରେ ବସିବା ଜିଲ୍ଲାପାଳଙ୍କୁ ପ୍ରଥମ ଝଟକା ବାଜିଥିଲା । ଅପରପକ୍ଷରେ ସମାନ ଅଭିଯୋଗରେ ସମାଜ ମଙ୍ଗଳ ଅଧିକାରୀଙ୍କୁ ମଧ କାର୍ଯ୍ୟରୁ ଅନ୍ତର କରିଥିଲେ ଏହି ଜିଲ୍ଲାପାଳ । ଜିଲାରେ ଥିବା ଉଦ୍ୟୋଗ ସଂସ୍ଥା ମଧ ସ୍ୱର ଉଠାଇଥିଲେ । ଏହି ସମୟରେ ରାଜ୍ୟର କୌଣସି ଠିକାଦାର/ଉଦ୍ୟୋଗପତି ଗୋଟିଏ ମଧ ଟେଣ୍ଡର ପାଇନଥିବା ଅଭିଯୋଗ ସରକାରଙ୍କ ପାଖରେ ପହଞ୍ଚିଥିଲା । କେବଳ ବାହାର ରାଜ୍ୟର କମ୍ପାନୀକୁ ହିଁ ଟେଣ୍ଡର ଦିଆଯାଉଥିଲା । ଏନେଇ ରାଜ୍ୟ ଉଦ୍ୟୋଗୀ ପ୍ରତିନିଧି ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଭଳି ଅନେକ ଅଭିଯୋଗ ଆସିଥିଲା ମ୍ୟାଡମ ପଟାଓ୍ୱାରୀଙ୍କ ନାମରେ । ଯାହାକୁ ନେଇ ସରକାର ହରଡଘଣାରେ ପଡିଯାଇଥିଲେ । ଶେଷରେ ତାଙ୍କୁ ବଦଳୀ କରି ଦିଆଯାଇଛି ।

## ବିକାଶ ମଞ୍ଚ ପକ୍ଷରୁ ବୃକ୍ଷରୋପଣ

ମୁରିବାହାଲ,(ସବ୍ୟୁ): ମୁରିବାହାଲ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବିଭିନ୍ନ ଜନହିତକର କାର୍ଯ୍ୟକରି ଆସୁଥିବା ମୁରିବାହାଲ ବ୍ଲକର ଅଗ୍ରଣୀ ସଂଗଠନ ବ୍ଲକ ବିକାଶ ମଞ୍ଚ ପକ୍ଷରୁ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବିକାଶ ମଞ୍ଚ କାର୍ଯ୍ୟାଳୟ ପରିସରରେ ବ୍ଲକ ବିକାଶ ମଞ୍ଚର ସମସ୍ତ କର୍ମକର୍ତ୍ତା ତଥା ବହୁ ସ୍ୱେଚ୍ଛାସେବୀ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ବିକାଶ ମଞ୍ଚର ସଭାପତି ଫାଲଗୁନୀ ହାତୀ, କାର୍ଯ୍ୟକାରୀ ସମ୍ପାଦକ ଥବିର ସା,ସମ୍ପାଦକ ଅମରେଶ ମାଝୀ, କୋଷଧକ୍ଷ ହରିଦାସ ତାଣ୍ଡି, ଉପସଭାପତି ଅଶୋକ ପଧାନ, ବଜରଙ୍ଗ ଶା,,, ରବି ବାଗ, ସୁଶୀଲ ବାଗଙ୍କ ସହ ବନ ବିଭାଗ ପକ୍ଷରୁ ଫରେଷ୍ଟଗାର୍ଡ ଅଜିତ ବେହେରା, କୁବେର ଠେଲା, ଲିଙ୍ଗେଶ୍ୱର ମହାନନ୍ଦ, କୁବେର ମାଝୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ । ପରିବେଶ ସୁରକ୍ଷା ଦୃଷ୍ଟିରୁ ବୃକ୍ଷରୋପଣ ତଥା ବନୀକରଣର ଗୁରୁତ୍ୱକୁ ହୃଦୟଙ୍ଗମ କରି ଏପରି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ମୁରିବାହାଲ ବ୍ଲକ ବିକାଶ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଗ୍ନିବୀର ବାୟୁ ସେନା ଭର୍ତ୍ତି ନିମନ୍ତେ ସଚେତନତା

ଦେବଗଡ଼,(ସବ୍ୟୁ): ଦେବଗଡ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ନବମ ଏୟାର ମ୍ୟାନ ସର୍ଭିସ୍ ସେଣ୍ଟରଙ୍କ ମିଳିତ ଉଦ୍ୟମରେ ଶୁକ୍ରବାର ଦିନ ଦେବଗଡ଼ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼ ମହାବିଦ୍ୟାଳୟ, ସ୍ନାତକ ମହିଳା ମହାବିଦ୍ୟାଳୟ ଏବଂ ବାରକୋଟ ସରକାରୀ ଆଇ ଟି ଆଇ ଠାରେ ଭାରତୀୟ ବାୟୁ ସେନାରେ ଅଗ୍ନିବୀର ବାୟୁ ସେନା ଭାବେ ନିଯୁକ୍ତି ନିମନ୍ତେ ଏକ ପରାମର୍ଶ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ କେ. ରୋଜା ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାୟୁସେନା ସର୍ଜେଣ୍ଟ ଆର କେ ସିଂହ ଓ ରବି ସିଂହ ପ୍ରମୁଖ ଯୋଗଦେଇ ଅଗ୍ନିବୀର ବାୟୁ ସେନାରେ ବିଭିନ୍ନ ସୁଯୋଗ, ଯୋଗ୍ୟତା ମାନଦଣ୍ଡ ଏବଂ ଆବଶ୍ୟକୀୟ ପରୀକ୍ଷା ବିଷୟରେ ପିଲାମାନଙ୍କୁ ସଚେତନ କରିଥିଲେ । ଶେଷରେ ଶ୍ରୀମତୀ ଦୋରା ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଦାୟିତ୍ୱବାନ ନାଗରିକ ହେବା ନିମନ୍ତେ ଏକ ଉପଯୁକ୍ତ ବୃତ୍ତି ଚୟନ କରି କିଭଳି ଦେଶ ମାତୃକାର ସେବାରେ ନିୟୋଜିତ ହୋଇପାରିବେ ସେ ବିଷୟରେ ପ୍ରେରଣା ଦେଇଥିଲେ । ବାୟୁ ସେନା ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ କୁଇଜ୍ ପ୍ରତିଯୋଗିତା ମଧ କରିଥିଲେ । କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ମହାରଣା, ଦେବଗଡ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦାମ ପରିଡ଼ା, ସ୍ନାତକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତି ଏବଂ ସରକାରୀ ଆଇ ଟି ଆଇ ଅଧ୍ୟକ୍ଷ ସୁରେଶ କୁମାର ତଥା ଅନୁଷ୍ଠାନ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।

## ଲକ୍ଷାଧିକ ଟଙ୍କାର ମହୁଲ ପୋଚ୍, ରନ୍ଧା ମଦ ଜବତ

ମ.ରାମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଅବକାରୀ ବିଭାଗ ଚୋରା ରନ୍ଧା ଦେଶୀ ମଦ ତିଆରି ଭାଟିକୁ ସିଲ୍ କରିଛି । ଅବକାରୀ ବିଭାଗର ସୂଚନାରୁ ପ୍ରକାଶ ଯେ ଗୁରୁବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ସଦଳବଳେ ମ.ରାମପୁର ଥାନା ଅନ୍ତର୍ଗତ ସିଂହପୁର ପଞ୍ଚାୟତ ଜଙ୍ଗଲ ଭିତରେ ଥିବା ଏକ ମଦ ଭାଟିକୁ ସିଲ କରିଛନ୍ତି। ଅବକାରୀ ବିଭାଗ ରେଡ କରିଆସୁଥିବା ଖବର ପାଇ ମଦ ପ୍ରସ୍ତୁତ କାରୀ ଦଳ ସେଠାରୁ ଫେରାର ମାରିଥିଲେ। ଫଳରେ ବିଭାଗ ସେମାନଙ୍କୁ ଧରିବାରେ ସକ୍ଷମ ହୋଇ ପାରିନଥିଲା। ଚଢାଉରେ ୪ହଜାରରୁ ଉର୍ଦ୍ଧ୍ୱ ଦେଶୀ ମହୁଲ ପୋଚ ୮୦ ଲିଟରରୁ ଉର୍ଦ୍ଧ୍ୱ ବିଷାକ୍ତ ରନ୍ଧା ମଦ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏ ନେଇ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଏ ନେଇ ମ. ରାମପୁର ଅବକାରୀ ଅଧିକାରୀ ଦେବାଶିଷ ସିରଦାର୍ କହିଛନ୍ତି ଏଥିରେ ସଂପୃକ୍ତ ଥିବା ଦଳଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ।

## ଅଙ୍ଗନବାଡ଼ି କର୍ମିଙ୍କୁ ଅସଦାଚରଣ, ଭିଡିଓ ଭାଏରାଲ ୮ ଜଣଙ୍କ ନାମରେ ମାମଲା, ଗିରଫ ହେଉନାହାଁନ୍ତି ଅଭିଯୁକ୍ତ

ନୂଆପଡା,(ସବ୍ୟୁ): ବର୍ତ୍ତମାନ ରାଜ୍ୟରେ ମହିଳା ଅସୁରକ୍ଷିତ, ଧର୍ଷଣ, ନାରୀ ନିର୍ଯାତନା, ଆତ୍ମାହୁତି,ମାରପିଟ କଙ୍ଗାରୁ କୋର୍ଟ ପରି ଅନେକ ଘଟଣା ଆଖିରୁ ନଲିଭିଣୁ ଆଉ ଏକ ଘଟଣା ନୂଆପଡା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଥୁଠୀବର ଗ୍ରାମରେ ଦେଖିବାକୁ ମିଳିଛି । ଅସହାୟ ବିଧବା ଅଙ୍ଗନବାଡ଼ି କର୍ମୀଙ୍କୁ ଗ୍ରାମର କିଛି ବ୍ୟକ୍ତି ମିଶି ଅସଦାଚରଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଚାପୁଡା ମାରି ଗାଁ ସାରା ବୁଲାଉଥିବା ଭିଡିଓ ଭାଇରାଲ ହେଉଛି। ଅସହାୟ ବିଧବା ମହିଳା ଜଣକ ଥୁଠୀବର ଗାଁର ଜଣେ ଯୁବକଙ୍କୁ ବିବାହ କରିଥିଲେ । ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି । ଏବେ ୧୭ ବର୍ଷର ଏକ ପୁଅ ସହିତ ଅଙ୍ଗନୱାଡ଼ି କାମ କରି ଅନ୍ୟ ଜଣକ ଘରେ ଆଶ୍ରୟ ନେଇ ଗୁଜୁରାଣ ମେଣ୍ଟାଉଛନ୍ତି। ମହିଳାଙ୍କ ପୈତୃକ ଘର ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପିପେଲବାହାଲ ଗ୍ରାମ ବୋଲି ଜଣା ପଡିଛି।

ଅଭିଯୋଗ ଅନୁସାରେ ଗ୍ରାମର ଅଜୁକ ଲାଲ ବେମୋଲ ବିଧବା ମହିଳାଙ୍କ ମୋବାଇଲକୁ ଛଡାଇ ନେବା ସହ ଫୋନ ପେ ରୁ ୭୫ ହଜାର ଟଙ୍କା ଟ୍ରାନସ୍ଫର କରିଥିବା ଅଭିଯୋଗ କରିଛନ୍ତି ମହିଳା। ତାଙ୍କ ଠାରୁ ମୋବାଇଲ ଟାଣିନେବା ପରେ ମହିଳା ବିରୋଧ କରିବାରୁ ଗତ ୨୦ ତାରିଖରେ ମୋବାଇଲ ଫେରାଇଛନ୍ତି । କିନ୍ତୁ ମହିଳାଙ୍କୁ ବିନା ଦୋଷରେ ଗ୍ରାମରେ ବୁଲାଉଥିବା ବେଳେ ଭିଡିଓ ଭାଇରାଲ ହେଉଛି । ମହିଳାଙ୍କୁ ଭିଡିଓରେ କିଛି ଲୋକ ଗାଳିଗୁଲଜ କରୁଥିବା ଶୁଣାଯାଉଛି। ସେହିପରି ଜଣେ ଲୋକ ଅଙ୍ଗନବାଡ଼ି କେନ୍ଦ୍ର ଗେଟ ସମ୍ମୁଖରେ ଟଣା ଓଟରା କରି ମହିଳାଙ୍କୁ ଚାପୁଡ଼ା ମାରିବାର ଦୃଶ୍ୟ ଭାଏରାଲ ହେଉଛି। ଅସହାୟ ମହିଳା ଜଣକ କାକୁତିମିନତି ନେହୁରା ହେଉଥିଲେ ବି ଜୁଲୁମ୍ ବନ୍ଦ ହେଉନାହିଁ। କାକୁତି ହୋଇ ମୋବାଇଲ ମାଗୁଛନ୍ତି ହେଲେ ମୋବାଇଲ ଦେଲେ ନାହିଁ ବୋଲି ଅଭିଯୋଗ ହେଉଛି କୋମନା ଥାନାରେ ଉପରୋକ୍ତ ଘଟଣାଟି ଚଳିତ ମାସ ୧୪ ଜୁଲାଇ ୨୦୨୫ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଭିଡ଼ିଓ ଭାଏରାଲ ପରେ ମହିଳା ଜଣକ ନିଜକୁ ଅପମାନିତବୋଧ କରି ୨୧ ତାରିଖ ରେ କୋମନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୋମନା ଥାନାରେ ମହିଳାଙ୍କ ଅଭିଯୋଗକୁ ଆଧାର କରି ୮ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଅସଦାଚରଣ କରିଥିବା ବ୍ୟକ୍ତି ମାନଙ୍କ ନାମରେ ବି.ଏନ.ଏସ.ର ବିଭିନ୍ନ ଧାରା ଲାଗୁ କରାଯାଇଛି । ଅଜୁକ ଲାଲ ବେମାଲ, ଗୋଲାପୀ ବେମାଲ,ନାରାୟଣ ବେମାଲ,ନରେଶ ବେମାଲ,ଜଗବନ୍ଧୁ ବେମାଲ, ଅଚ୍ୟୁତ ବିଶ୍ୱାଳ,ଘନଶ୍ୟାମ ସୁନା,ହିମାଂଶୁ ମାଝୀ ଏମାନେ ସମସ୍ତେ ଥୁଟିବର ଗ୍ରାମର ବୋଲି ଜଣାପଡିଛି । ଏ ସମ୍ପର୍କରେ କୋମନା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦେବକୀ ମଲ୍ଲିକଙ୍କ ସହ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ଥୁଠୀବର ଗାଁ ଘଟଣା ସମ୍ପୂର୍ଣ୍ଣ ସତ୍ୟ ବୋଲି ପ୍ରକାଶ କରିଥିଲେ । ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଗ୍ରହଣ କରି ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ

ବଲାଙ୍ଗିର,(ସବ୍ୟୁ): ଆଧୁନିକତାର ପ୍ରଭାବରେ ହଜି ଯାଉଥିବା ପଶ୍ଚିମାଞ୍ଚଳର ପ୍ରାଚୀନ କାର୍ତ୍ତିରାଜି, ବିଭିନ୍ନ ବ୍ୟବହୃତ ଜିନିଷ ସଂଗ୍ରହ କରି କୋସଲି ସଂଗ୍ରହାଳୟ ପ୍ରତିଷ୍ଠା କରିଥିବା ସ୍ୱର୍ଗତ ନିମାଇଁଚରଣ ପାଣିଗ୍ରାହଙ୍କ ଲୋକ ସାହିତ୍ୟର ସଂଗ୍ରହ,ସମ୍ପାଦନା ଓ ପ୍ରକାଶନ ଧାରାରେ କୋସଲି ଲୋକ ସାହିତ୍ୟ ବର୍ଗରେ ଲିଖିତ ପୁସ୍ତକ ଛୁଆକର ଗୀତ ଲୋକାର୍ପିତ ହୋଇଯାଇଛି। ଶୁକ୍ରବାର ଥିଲା ଲୋକ ସଂସ୍କୃତି ଗବେଷକ, କବି, ପ୍ରାବନ୍ଧିକ, ଅନୁବାଦକ, ମଞ୍ଚ ଅଭିନେତା,କୋସଲି ସଂଗ୍ରହାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ପାଣିଗ୍ରାହଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ମୀନା ଟେଣ୍ଟ ହାଉସ ଠାରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଓ ସ୍ମୃତି ସଭାରେ ସ୍ରୋତସ୍ୱତୀ ପ୍ରକାଶନୀର ମୁଖ୍ୟ ସନ୍ଦୀପ କୁମାର କୁଅଁର ସଭା ପରିଚାଳନା କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କବି ମଧୁସୂଦନ ଦାଶ, କବି ସୁଶାନ୍ତ ବାଗ, ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର, ସୁବାଷ ଚିନ୍ତନ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୋଶଳ ପ୍ରବାହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ପଶୁକବି ସୁଶୀଲ ମିଶ୍ର, କବି ହୃଷିକେଶ ପୁରୋହିତ, ନିହାରିକା ପାଣିଗ୍ରାହୀ,ରୁଚିମନ୍ତା ନାଏକ, ସୁରେନ୍ଦ୍ର ଦାଶ,ପୁରୁଷମ ଯୁଆଦି ପ୍ରମୁଖ ବିଶିଷ୍ଟ ସାରସ୍ୱତ ସାଧକ, ସଂସ୍କୃତି ଗବେଷକ, ସଂଗ୍ରାହକ ନିମାଇଁ ଚରଣ ପାଣିଗ୍ରାହୀଙ୍କର ସାହିତ୍ୟର ବିଭିନ୍ନ ଦିଗ, ସଂସ୍କୃତି ଗବେଷଣା ଓ ସମର୍ପିତ ଭାବର ଆଲୋଚନା କରି ଆଗାମୀ ପିଢୀ ସଚେତନ ଭାବରେ ତାଙ୍କର ସଂଗ୍ରହାଳୟକୁ ସଂରକ୍ଷଣ କରି ରଖି ପାରିଲେ, ପ୍ରସ୍ତାବିତ କୋଶଳେଶ୍ୱରୀ ମନ୍ଦିର ତିଆରି କରାଯାଇ ପାରିଲେ ଓ ସଂଗୃହିତ ବିଷୟର ପ୍ରକାଶନ ହେଲେ ଆଗାମୀ ପିଢ଼ୀ ପାଇଁ ତାହା ହେବ ଏକ ମହାର୍ଘ ସମ୍ପଦ ବୋଲି ମତ ଦେଇଥିଲେ। ତାଙ୍କର ଗବେଷଣା ଓ ସଂଗ୍ରହ କାର୍ଯ୍ୟ ଏକ ବିଶ୍ୱବିଦ୍ୟାଳୟ ସ୍ତରର ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ସ୍ରୋତସ୍ୱତୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଛୁଆକର ଗୀତ ଲୋକାର୍ପଣ ସମାରୋହ ପ୍ରାରମ୍ଭରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପୁସ୍ତକ ଛୁଆକର ଗୀତକୁ ଲୋକାର୍ପିତ କରାଯାଇଥିଲା । ଲୋକାର୍ପଣ ଅବସରରେ ସ୍ୱର୍ଗତ ନିମାଇଁଚରଣଙ୍କ ଧର୍ମପତ୍ନୀ ସୁଲକ୍ଷଣୀ ପାଣିଗ୍ରାହୀ, ଚାରି ଝିଅ ସାଗରିକା, ନିହାରିକା,ଅନାମିକା,ସ୍ୱାଗତିକା ମଞ୍ଚରେ ଉପସ୍ଥିତ ଥିଲେ। ସଭାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ନିମାଇଁଙ୍କ ବଡଭାଇ କହ୍ନାଇ ଚରଣ ପାଣିଗ୍ରାହୀ, ରମାଇ ଚରଣ ପାଣିଗ୍ରାହୀ, ଧନମତ ପାଣିଗ୍ରାହୀ, ପ୍ରଦୀପ ପାଣିଗ୍ରାହୀ,ସ୍ୱାଗତ ମିଶ୍ର, ରାମରାଜ ପଣ୍ଡା,ଅନୁପମ ମିଶ୍ର, ଆଲୋକ ଦାଶ ପ୍ରମୁଖ। ସ୍ମୃତିଚାରଣ ସଭା ଓ ପ୍ରଥମ ବାର୍ଷିକ ଶ୍ରାଦ୍ଧରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ବହୁ କବି ଲେଖକ ବୁଦ୍ଧିଜୀବୀ ଯୋଗଦେଇଥିଲେ।



## ଦୁଇ ଦିନରେ ୬୬ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,(ସବ୍ୟୁ): ଜୁଲାଇ ୨୮ ଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ଲାଗି ଆହ୍ୱାନ ଦିଆଯାଇଥିବା ବେଳେ ଏହା ପୂର୍ବରୁ ଲାଲ୍ ବାହିନୀକୁ ଲାଗିଛି ଶକ୍ତ ଝଟକା । ଗତ ୨୭ ତାରିଖରେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବସ୍ତର ଜିଲ୍ଲାରେ ୫୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଆଜି କାଙ୍କେର ଜିଲ୍ଲାରେ ପୁଣି ୧୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଦୁଇ ଦିନରେ ମୋଟ ୬୬ ଜଣ ମାଓବାଦୀ ଲାଲ୍ ବାହିନୀର ହିଂସାର ରାସ୍ତା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି । ସୁକୁମା ଜିଲ୍ଲାରେ ୫ ଜଣ ଓ ନାରାୟଣପୁର ଜିଲ୍ଲାରେ ୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଦନ୍ତେୱାଡା ଜିଲ୍ଲାରେ ୧୫ ଜଣ ଓ ବିଜାପୁର ଜିଲ୍ଲାରେ ୨୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଗତ ୨୦ ବର୍ଷ ଧରି ଏମାନେ ମାଓ ସଂଗଠନ ରେ କାର୍ଯ୍ୟ କରିବା ସହ ବିଭିନ୍ନ ହିଂସା କାଣ୍ଡରେ ସଂପୃକ୍ତ ଥିଲେ । ସୁରକ୍ଷା କର୍ମୀଙ୍କ ଜୋରଦାର ଅପରେସନ ଯୋଗୁଁ ମାଓ ଗଡ ଏବେ ଭୁଶୁଡିବାରେ ଲାଗିଛି । ଯବାନଙ୍କ ଘନ ଘନ ଅପରେସନ ଯୋଗୁଁ ଭୟଭିତ ମାଓବାଦୀମାନେ ବର୍ତ୍ତମାନ ପୋଲିସ ପାଖରେ ଆତ୍ମସମର୍ପଣ କରିଥିବାକୁ ବାଧ ହୋଇଛନ୍ତି। ଅନ୍ୟ ପକ୍ଷରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି କହିଛନ୍ତି । ଛତିଶଗଡ ସରକାର ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କ ମୁଣ୍ଡ ଉପରେ ଦୁଇ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ଘୋଷଣା କରିଥିଲେ ।

## କଲେଜ ଛକରେ ଯାତ୍ରୀ ବିଶ୍ରାମ ଗୃହ, ଶୌଚାଳୟ ନିର୍ମାଣ ଦାବି

ଭବାନୀପାଟଣା, (ସବ୍ୟୁ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଖ କଲେଜ ଛକ ଠାରେ ଦୁଇଟି ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ସହ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ର ନେତା ମାନେ ଭବାନୀପାଟଣା ନଗରପାଳ ବିଷ୍ଣୁ ପ୍ରଧାନଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ପୌରାଧକ୍ଷଙ୍କୁ ସାକ୍ଷାତ କରି ବସ ଷ୍ଟପ ବା ଯାତ୍ରୀ ଗୃହ ନଥିବା ଯୋଗୁଁ ଛାତ୍ର ଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ବର୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪ହଜାର ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ପ୍ରତିଦିନ ଶତାଧିକ ଛାତ୍ର ଛାତ୍ରୀ ବସରେ ଯିବା ଆସିବା କରିଥାନ୍ତି। ବସ ବିଳମ୍ବ ଯୋଗୁଁ ସେମାନେ ଖରା ଓ ବର୍ଷା ଉଭୟର ପ୍ରକୋପ ସହି ଘଣ୍ଟା ଘଣ୍ଟା ଧରି ଜାତୀୟ ରାଜପଥ ଉପରେ ଛିଡା ହୋଇ ବସ କୁ ଅପେକ୍ଷା କରୁଛନ୍ତି। ଏଣୁ ଭବାନୀପାଟଣା ପୌରପାଳିକା ତରଫରୁ କଲେଜ ଛକ ଠାରେ ଦୁଇଟି ବସ ଷ୍ଟପ ନିର୍ମାଣ ସହ ଏକ ଶୌଚାଳୟ ନିର୍ମାଣ କରାଗଲେ ଛାତ୍ର ଛାତ୍ରୀ ସହ ସାଧାରଣ ନାଗରିକ ମଧ୍ୟ ଆଶ୍ୱସ୍ତି ଅନୁଭବ କରିବେ ବୋଲି ଛାତ୍ର ନେତା ମାନେ କହିଛନ୍ତି। ଏହି ସମାନ ଦାବୀପତ୍ର ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଆଗାମୀ ୧୫ ମଧ୍ୟରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଉଭୟ ପୌରାଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଚୈତନ୍ୟ ବାଗ, ମାନସ ସିନ୍ଦୂର, ଦୁଷ୍ମନ୍ତ ରଣା, ରୋହନ ମହାପାତ୍ର, ଆଦିତ୍ୟ ରାଉତ, ଅଂଶୁମାନ ନାଗ, ପିନାକୀ ଆଚାର୍ଯ୍ୟ, କମଳେନ୍ଦ୍ର ତାଣ୍ଡି, କୋଶଳ ରାଉତ, ଆଦର୍ଶ ସୁନ୍ଦର, ସୁରଜ ହରପାଲ ଯୋଗ ଦେଇଥିଲେ। ଏହି ଆଲୋଚନାରେ ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, କାଉନସିଲର କ୍ଷୀରସିନ୍ଧୁ ନାଏକ, ଶିବା ସାହୁ, ରଞ୍ଜୁକ୍ତା ପ୍ରଧାନ, ଯୁବନେତା ନବୀନ ନାୟକ, ମିଲନ ମୁଣ୍ଡ, ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳିତ




ଭବାନୀପାଟଣା, (ସବ୍ୟୁ): ଭାରତୀୟ ମଜଦୂର ସଂଘ ଦେଶରେ ତାର ୭୧ ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ସଂଘ ଶାଖା ପକ୍ଷରୁ ସ୍ଥାନୀୟ ଅମଲା ଭବନ ଠାରେ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶ୍ରମିକ ସଂଗଠନର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ଅଙ୍ଗନବାଡି ସଂଘ, ପାଚିକା ସଂଘ, ଆଶାକର୍ମୀ ସଂଘ,ବିଶ୍ୱକର୍ମା ମଜଦୂର ସଂଘ ଭଳି ବିଭିନ୍ନ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ଏଥିରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରଏସଏସର ବିଭାଗ ସଂଘଚାଳକ ଜୟ ନାରାୟଣ ବାବୁ, ମୁଖ୍ୟବକ୍ତା ଭାରତୀୟ ମଜଦୂର ସଂଘ ଓଡିଶା ରାଜ୍ୟ ପ୍ରଭାରୀ, ବିରଞ୍ଚି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କୃଷି ଗ୍ରାମୀଣ ମଜଦୂର ସଂଘ ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ ବିଶ୍ୱ ରଞ୍ଜନ ସାହା,ଭାରତୀୟ ମଜଦୂର ସଂଘ କଳାହାଣ୍ଡିର ଜିଲ୍ଲା ସଭାପତି ଡୋଲାମଣି ସାହୁ,ଜିଲ୍ଲା ସଂପାଦକ ଲୋଚନ ସାହୁ ଉପସ୍ଥିତ ଥିଲାବେଳେ ଅନ୍ୟତମ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅଖିଳ ଭାରତୀୟ ମଧ୍ୟାହ୍ନ ଭୋଜନ କମିଟିର ସଦସ୍ୟ ତପସ୍ୱିନୀ ମହାରଣା ମଧ୍ୟ ଉପସ୍ଥିତ ଥିଲେ। ଅତିଥି ମାନେ ଭାରତୀୟ ମଜଦୂର ସଂଘର ଐତିହ୍ୟ, ସମ୍ମାନ ତଥା କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ଦେଶର ସର୍ବବୃହତ ସଂଘ ହୋଇଥିବାରୁ ଏହାର ସଦସ୍ୟମାନେ ଗର୍ବ କରିବା ଉଚିତ ଓ ନିଷ୍ଠାର ସହ କାମ କରିଯିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଘ ତଥା ସମାଜ ନିମନ୍ତେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିବାରୁ କଳାହାଣ୍ଡି ଜିଲ୍ଲା ଅଙ୍ଗନବାଡି ଜିଲ୍ଲା ସଭାପତି ସଂଜୀବନୀ ପାଢୀ, ପାଚିକା ସଂଘ ସଭାପତି,ପାଚିକା ସଂଘ ସଭାପତି ବିମଳା ଗଉଡ, କୃଷି ଗ୍ରାମୀଣ ମଜଦୂର ମହାସଂଘର ଜିଲ୍ଲା ସଭାପତି ସୁରେନ୍ଦ୍ର ମୋହନ କର, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୂର ସଂଘର ଜିଲ୍ଲା ସଭାପତି ଭବାନୀ ଶଙ୍କର ରାଉତ,ସି ଆର୍ ସି. ସଭାପତି ଝରଣା ସାହୁ ଓ ଇ ସି.ସଭାପତି ନଳିନୀ ବାଗଙ୍କୁ ଜିଲ୍ଲା ମଜଦୂର ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କଳାହାଣ୍ଡି ବିଶ୍ୱକର୍ମା ମଜଦୂର ସଂଘର ଜିଲ୍ଲା ସମ୍ପାଦକ ନବୀନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମନକିରାରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସଚେତନତା

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ଫାଶିମାଳ ସିଏଚସି ପକ୍ଷରୁ ଶୁକ୍ରବାର ଜମନକିରା ପଞ୍ଚାୟତରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମ ଆଗାମୀ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଆଜି ଜମନକିରା ପଞ୍ଚାୟତ ସ୍ତରରେ ଶିକ୍ଷା ବିଭାଗ, କୃଷି ବିଭାଗ, ସ୍କୁଲ, ବ୍ୟାଙ୍କ, କଲେଜ ଆଦି ବିଭିନ୍ନ ଅନୁଷ୍ଠାନକୁ ଯାଇ ସଚେତନ କରାଯାଇଥିଲା। ଫାଇଲେରିଆ ରୋଗ କିପରି ନହେବ ସେଥିପାଇଁ ସାମୁହିକ ଔଷଧ ସେବନ କରିବା, ଯିଏ ରୋଗରେ ଆକ୍ରାନ୍ତ ହୋଇଛନ୍ତି ତାଙ୍କର କିପରି ଯତ୍ନ ନେବା, ବଡ ଲୋକଙ୍କୁ ଔଷଧର ପ୍ରୟୋଗ, ଛୋଟ ଛୁଆଙ୍କୁ ଔଷଧ ଖୁଆଇବା ଆଦି ସମ୍ପର୍କରେ ପଞ୍ଚାୟତସ୍ତରୀୟ ସହଯୋଗୀ ମାନେ ସଚେତନତା ବାର୍ତ୍ତା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସାମୁହିକ ଔଷଧ ସେବନରେ ଯେପରି ସମସ୍ତେ ଔଷଧ ଖାଇବେ ସେ ଦିଗରେ ସଚେତନ କରେଇଥିଲେ। କାର୍ଯ୍ୟକ୍ରମରେ ଜମନକିରା, କୁଲୁଣ୍ଡୀ ଓ ବଡରମା ଦାୟିତ୍ୱରେ ଥିବା ପଞ୍ଚାୟତସ୍ତରୀୟ ମୋବିଲାଇଜର ରଞ୍ଜିତା ପଟେଲ ବିଭିନ୍ନ ଅନୁଷ୍ଠାନ ବୁଲି ସଚେତନ କରେଇଥିଲେ।

## ସାର ଦୋକାନରେ ଚଢାଉ

ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରେ ସାରର ସଙ୍କଟ ଓ କଳାବଜାରୀ ଖବର ପ୍ରସାରଣ ପରେ କୃଷି ବିଭାଗ ତତ୍ପରତା ଦେଖାଇଛି । ପଦ୍ମପୁର କୃଷି ଜିଲ୍ଲା ଅଧିକାରୀ ପ୍ରଭାସ ଚନ୍ଦ୍ର ପାଣ୍ଡାଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ ଦିପ୍ତିପୁରର ଚନ୍ଦନ ବିହନ ଭଣ୍ଡାର, ସର୍ଗିବାହାଲର ବେହେରା ଫର୍ଟିଲାଇଜର, ସର୍ଗିବାହାଲର ସୁବର୍ଣ୍ଣଗ୍ରାହୀ ଫର୍ଟିଲାଇଜର, ମହୁଲପାଲିର ଇଶ୍ୱର ଫର୍ଟିଲାଇଜର, ପଦ୍ମପୁରର ମାଧବ ବିହନ ଭଣ୍ଡାର, ଦହିତାର ରାହୁଲ ଫର୍ଟିଲାଇଜର ଉପରେ ଚଢାଉ କରିଥିଲେ । ଚାଷୀଙ୍କ ଅଭିଯୋଗ ଅନୁସାରେ ପଦ୍ମପୁର ଅଞ୍ଚଳରେ କୃଷି ସମବାୟ ସମିତି ଗୁଡ଼ିକରେ ଚାଷୀଙ୍କ ଦରକାର ପରିମାଣର ସାର ଉପଲବ୍ଧ ହେଉନାହିଁ । ଫଳରେ ଚାଷୀ ମାନେ ବାଧ ହୋଇ ଦୋକାନରୁ କିଣୁଛନ୍ତି । କିନ୍ତୁ ଦୋକାନୀ ସରକାରୀ ମୂଲ୍ୟରେ ବିକ୍ରି ନ କରି ସରକାରୀ ମୂଲ୍ୟର ଦୁଇ ରୁ ତିନି ଗୁଣା ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଚାଷୀ ମାନେ ଅଭିଯୋଗ କରୁଛନ୍ତି । ବିଲ ମାଗିଲେ ଚାଷୀଙ୍କୁ ସରକାରୀ ଦରର ବିଲ ପ୍ରଦାନ କରୁଥିବା ଚାଷୀ ଅଭିଯୋଗ କରୁଛନ୍ତି । ପରିବାର ପୋଷଣ ପାଇଁ ନିଜର ଫସଲ ବଞ୍ଚାଇବା ଆଶାରେ ଚାଷୀ ବାଧ ହୋଇ ଦୋକାନୀର କଳାବଜାରୀର ଶିକାର ହୋଇ ମଧ୍ୟ ସାର କିଣୁଛନ୍ତି । ଯାହାକୁ କୃଷି ବିଭାଗ ଗୁରୁତ୍ୱର ସହ ନ ନେଇ ଖାମଖିଆଲି ଭାବରେ ଚଢାଉ ନାଁ ରେ ପରିଦର୍ଶନ କରୁଛନ୍ତି । ଦୋକାନୀ ଓ କୃଷି ବିଭାଗ ଅଧିକାରୀଙ୍କ ମିଳିତରେ ସାରର କଳାବଜାରୀ ଚାଲୁନାହିଁ ତ ବୋଲି ଚାଷୀ ମାନେ ପ୍ରଶ୍ନ କରିଛନ୍ତି । କୃଷି ବିଭାଗ ଅଧିକାରୀଙ୍କ ଏଭଳି ଚଢାଉକୁ କୃଷକ ମାନେ ନିନ୍ଦା କରିବା ସହ ସାର ସଙ୍କଟ ଦୂର କରିବା ପାଇଁ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ଦାବୀ କରିଛନ୍ତି ।

## ଖୁବ୍ ଶୀଘ୍ର ଭିଏସ୍ଏସ୍ ଷ୍ଟାଡିୟମର ରୂପରେଖ ବଦଳିବ ଯୋଗିପାଲିରେ ନିର୍ମାଣ ହେବ ସ୍ପୋର୍ଟ୍ସ କମ୍ପ୍ଲେକ୍ସ



ସମ୍ବଲପୁର,(ସବ୍ୟୁ): ଦ୍ରୁତ ଶିଳ୍ପାୟନ ଯୋଗୁଁ ସମ୍ବଲପୁରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବୃହତ୍ତର ସମ୍ବଲପୁରରେ କ୍ରୀଡା ପାଇଁ ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟ ପକ୍ଷରେ ରାଜ୍ୟ ସରକାର କ୍ରୀଡାକୁ ଗୁରୁତ୍ୱ ଦେଉଛନ୍ତି । ପ୍ରତିଭାବାନ ଶିଶୁ ଓ ଯୁବକମାନଙ୍କର କ୍ରୀଡାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଆବଶ୍ୟକତା ରହିଛି । ସମ୍ବଲପୁର ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ଷ୍ଟାଡିୟମରେ ଜାଗାର ଘୋର ଅଭାବ ରହିଛି । ଏହାକୁ ଦୃଷ୍ଟିରେ ରଖି ଯୋଗିପାଲିରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ଏଥିପାଇଁ ଆବଶ୍ୟକ ଜାଗା ଚିହ୍ନଟ ହୋଇଛି । ତେବେ ଏହାର ଡିପିଆର ଓ ଡିଜାଇନ ପ୍ରସ୍ତୁତ ପରେ କାମ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି । ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହକି ପାଇଁ ଆଷ୍ଟ୍ରୋ ଟର୍ଫ ପଡିଆ, ଆଥଲେଟିକ୍ସ ପାଇଁ ସିନଥେଟିକ ଟ୍ରାକ, କ୍ରିକେଟ ଓ ଫୁଟବଲ ପାଇଁ ସ୍ୱତନ୍ତ୍ର ପଡିଆ, ସନ୍ତରଣାଗାର, ଅତ୍ୟାଧୁନିକ ବ୍ୟାୟାମଶାଳା, ଇନଡୋର ଷ୍ଟାଡିୟମରେ କବାଡି, ବାସ୍କେଟ ବଲ, ଭଲିବଲ, ଟେବୁଲ ଟେନିସ, ଲନ ଟେନିସ, ବ୍ୟାଡମିଣ୍ଟନର ସୁବିଧା, ଆର୍ଚେରୀ, ସୁଟିଙ୍ଗ, କରାଟେ, ଜୁଡୋ, କୁସ୍ତି, କିକ୍ ବକ୍ସିଙ୍ଗ ଆଦି ପାଇଁ ଉପଯୁକ୍ତ ପ୍ରଶିକ୍ଷଣର ବ୍ୟବସ୍ଥା, ଜିମନାଷ୍ଟିକ ପ୍ରଶିକ୍ଷଣ କେନ୍ଦ୍ର, ସ୍ପୋର୍ଟସ ଛାତ୍ରାବାସ, ଆଡଭେନଟର ଓ ସ୍ପୋର୍ଟସ କ୍ଲାଇମବିଙ୍ଗ ଆକାଡେମୀ, ପ୍ରଶିକ୍ଷକଙ୍କ ରହଣୀ ସ୍ଥଳ, ପର୍ଯ୍ୟାପ୍ତ ସବୁଜିମା ଆଦିର ବ୍ୟବସ୍ଥା କରାଯିବ । ଫଳରେ ଏହି କମ୍ପ୍ଲେକ୍ସରେ ଜାତୀୟ ଓ ଆର୍ନ୍ତଜାତୀୟ ଖେଳ ହୋଇପାରିବ । କ୍ରୀଡାବିତ୍ ମାନେ ମଧ୍ୟ ନିଜର ଅଭ୍ୟାସ ଠିକ୍ ଭାବେ କରିପାରିବେ । ଅନ୍ୟପଟେ ସହର ମଧ୍ୟରେ ଥିବା ଭିଏସ୍ଏସ୍ ଷ୍ଟାଡିୟମର ଉନ୍ନତିକରଣ କରାଯିବ । ଏଥିପାଇଁ ଡିପିଆର ଓ ଡିଜାଇନ ପ୍ରସ୍ତୁତ ହୋଇଛି । ଏହା ମଞ୍ଜୁର ହେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ ହେବ । ସ୍ପୋର୍ଟସ୍ ହଷ୍ଟେଲର ଉନ୍ନତିକରଣ, ଅଧିକ ଗ୍ୟାଲେରୀ ନିର୍ମାଣ, ଗ୍ୟାଲେରୀ ଉପରେ ଛାଉଣୀ, ପ୍ୟାଭେଲିୟନର ଉନ୍ନତିକରଣ, ଡ୍ରେସିଂରୁମ୍ ଓ ପ୍ରେସ୍ ବକ୍ସର ଆଧୁନିକରଣ, ଜଳ ନିଷ୍କାସନ ଆଦି ବ୍ୟବସ୍ଥା କରାଯିବ। ଏହା ଫଳରେ ଐତିହାସିକ ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମର ରୂପରେଖ ବଦଳିବ । ଗତ ୧ ଫେବୃଆରୀ, ୨୦୧୯ରେ ଏହି ଷ୍ଟାଡିୟମରେ ବିଜୁ ଯୁବ ବାହିନୀର ଆଞ୍ଚଳିକ ଯୁବ ସମାବେଶ ଆୟୋଜନ ହୋଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷ୍ଟାଡିୟମର ଉନ୍ନତି ପାଇଁ ୩କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୋତିଝରଣ ଅଞ୍ଚଳରେ ଥିବା ଏହି ପଡିଆକୁ କିଛି କ୍ରୀଡାବିତ୍ ନିଜସ୍ୱ ଉଦ୍ୟମରେ ସମତଳ କରିଥିଲେ । ପରେ ତାକୁ ପଡିଆ ଆକୃତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଭାବେ ପରିଚିତ ହୋଇଛି । ଏହି ପଡିଆରେ ୧୩ରୁ ଅଧିକ ରଣଜିତ୍ ଟ୍ରଫି, ୨ଟି ଦେଓଧର ଟ୍ରଫି, ୬ଟି ସିକେ ନାୟିଡୁ ଟ୍ରଫି, ୨ଟି ବିଜୟ ମାର୍ଚ୍ଚାଣ୍ଟ ଟ୍ରଫି ହୋଇଛି । ଏଥିସହ ରାୟ ବାହାଦୁର ଟ୍ରଫି, ସନ୍ତୋଷ ଟ୍ରଫି ଓ ସାହାଣୀ କପ୍ ଭଳି ଜାତୀୟସ୍ତରର ଫୁଟ୍‌ବଲ୍ ମ୍ୟାଚ ମଧ୍ୟ ଆୟୋଜିତ ହୋଇଛି । ଏହି ପରିସରରେ ଏକ ଇନ୍‌ଡୋର୍ ଷ୍ଟାଡିୟମ ରହିଛି । ଯେଉଁ ଠାରେ କି ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥାଏ । କ୍ରୀଡାବିତ୍ ଓ ଜନସାଧାରଣଙ୍କ ପାଇଁ ଜିମ୍‌ର ବ୍ୟବସ୍ଥା ଥିବାବେଳେ ଏହି ଷ୍ଟାଡିୟମରେ ଅଭ୍ୟାସ କରି ଅନେକ ଖେଳାଳୀ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି । ୨୦୧୨ମସିହାରେ ଓଡିଶା କ୍ରିକେଟ୍ ଆସୋସିଏସନ୍ ଏହି ଷ୍ଟାଡିୟମରେ ଜୋନାଲ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲା । ମାତ୍ର ୧୩ବର୍ଷ ପରେ ମଧ୍ୟ ତାହା ପ୍ରତିଷ୍ଠା ହୋଇପାରିନାହିଁ। ତେବେ ଷ୍ଟାଡିୟମରେ ଫ୍ଲଡ୍‌ଲାଇଟ୍ ବ୍ୟବସ୍ଥା ହୋଇଥିବା ବେଳେ ଆବଶ୍ୟକୀୟ ଉନ୍ନତି କରାଗଲେ ଏହା ଏକ ଉଚ୍ଚକୋଟୀର ଷ୍ଟାଡିୟମ ଭାବେ ପରିଗଣିତ ହେବ ।

## ଜାତୀୟ ପ୍ରି-ସୁବ୍ରତ କପ୍ ଫୁଟବଲ ଉଦଯାପିତ ନର୍ଥ ଇଣ୍ଡିଆ ଦଳ ଚାମ୍ପିଅନ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଓଏସଏପି ୨ୟ ବାଟାଲିୟନ ମିନି ଷ୍ଟାଡିୟମରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ସିଆଇଏସସିଇ ଜାତୀୟ ପ୍ରି-ସୁବ୍ରତ କପ୍ ଫୁଟବଲ ପ୍ରତିଯୋଗିତା ଅନ୍ତିମ ଦିବସରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ନର୍ଥ ଇଣ୍ଡିଆ ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ନର୍ଥ ଇଣ୍ଡିଆ ଦଳ ୧୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଝାଡ଼ଖଣ୍ଡ ଓ କେରଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ କେରଳ ଦଳ ୭-୦ ଗୋଲରେ ବିଜୟୀ ହୋଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲ ମ୍ୟାଚ ନର୍ଥ ଇଣ୍ଡିଆ ଓ କେରଳ ମଧ୍ୟରେ ହୋଇଥିଲା। ଯେଉଁ ମ୍ୟାଚରେ ନର୍ଥ ଇଣ୍ଡିଆ ଦଳ ୩-୦ ଗୋଲରେ ବିଜୟ ହୋଇ ୨୦୨୫ ମସିହା ପାଇଁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । କେରଳ ଦଳକୁ ରନର୍ସ ଅପ ଟ୍ରଫି ସହିତ ୨୫୦୦୦ ଟଙ୍କା ଓ ଚାମ୍ପିଆନ ନର୍ଥ ଇଣ୍ଡିଆ ଦଳକୁ ୩୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତା ସେଣ୍ଟ ଥୋମାସ ଇଂଲିଶ ମିଡିୟମ ବିଦ୍ୟାଳୟ ପକ୍ଷରୁ ଆୟୋଜିତ କରାଯାଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଓଏସଏପି ଦ୍ୱିତୀୟ ବାଟାଲିଆନର କମାଣ୍ଡେଣ୍ଟ ପ୍ରସାଦ ତମାଙ୍ଗ ଯୋଗଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହୋଇ ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ରିଜନ ଆଇସିଏସି ବିଦ୍ୟାଳୟ ସମୂହର ସ୍ପୋର୍ଟ୍ସ ସେକ୍ରେଟେରି ବ୍ରଦର ଥୋମାସ ଜୋନ, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳୀ ସଞ୍ଜିବ ଘୋଷ, ଏଓଆଇସିଏସି ସମ୍ପାଦକ ତଥା କୋଷାଧ୍ୟକ୍ଷ ସିଷ୍ଟର ସେଲଭି, ସେଣ୍ଟ ଥୋମାସ ବିଦ୍ୟାଳୟର ଡାଇରେକ୍ଟର ସାନି ଡାନିଏଲ, ଅଧକ୍ଷ ଶିବା ଡାନିଏଲ, ଉପାଧକ୍ଷ ନବୀନ ଡାନିଏଲ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ଅଫିସିଆଲ ଭାବରେ ମ୍ୟାଚ କମିଶନର କେ. ଜଗନ୍ନାଥ ରାଓ, ପି.ରାଜେଶ୍ୱର ରାଓ , କିଶନ ଦାସ,ଅରୁଣ ମିର୍ଦ୍ଧା, ଅଗସ୍ତି ହାତିପଦା,ଶିତଲ ଗୁରୁଙ୍ଗ ମ୍ୟାଚ ରେଫରି ଭାବରେ ଖେଳ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରତିଯୋଗିତାରେ ସଞ୍ଜୟ କୁମାର ପାଢୀ ,ହମିଦ କୁମାର ମହାପାତ୍ର, ଜୟନ୍ତ ଲାକ୍ରା, ସଞ୍ଜୟ ରାୟ ସହଯୋଗ କରିଥିଲେ।

## ନବଜାତକ ପାଇଁ ରେଡକ୍ରସ ପକ୍ଷରୁ ଶିଶୁଖାଦ୍ୟ ପ୍ରଦାନ



ସମ୍ବଲପୁର,(ସବ୍ୟୁ): ନବଜାତକ ଶିଶୁକନ୍ୟା ପାଇଁ ସମ୍ବଲପୁର ଜିଲ୍ଲା ରେଡକ୍ରସ ପକ୍ଷରୁ ଶିଶୁଖାଦ୍ୟ ପ୍ରଦାନ କରାଯାଇଛି । ଆଗାମୀ ୪ମାସ ପାଇଁ ଏହି ଖାଦ୍ୟ ଦିଆଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ରେଢାଖୋଲ ଏନ୍ଏସି ଅର୍ନ୍ତଗତ କଣ୍ଡଳ ଗ୍ରାମର ମହେଶ ବେହେରାଙ୍କ ପତ୍ନୀ ରିତା ଭୋଇ ଗତ ୧୬ମେ, ୨୦୨୫ରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ । ଏହାର କିଛି ସମୟରେ ପରେ ରିତାଙ୍କ ମୃତ୍ୟୁ ହୋଇଥିଲା । ଶିଶୁ ପାଇଁ ମାଆକ୍ଷୀର ଅତ୍ୟନ୍ତ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଶିଶୁଖାଦ୍ୟ ପ୍ରଦାନ କରାଯାଇଛି । ଏହି ସମୟରେ ଜିଲ୍ଲା ରେଡକ୍ରସ ସମ୍ପାଦକ ରୋଜାଲିନ ତିର୍କୀ, ଡିଏଓ୍ଡବ୍ଲୁ ରେଣୁବାଳା ନନ୍ଦ ଓ ପୋଗ୍ରାମ ଅଫିସର ପୂର୍ଣ୍ଣିମା ତ୍ରିପାଠୀ, ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**AFFIDAVIT**

I SRADHA KEDIA, D/O-KAILASH KEDIA, RESIDENT OF SARABAHAL ROAD, PO/PS/DIST-JHARSUGUDA, ODISHA, PIN-768201 DECLARE BY THIS AFFIDAVIT NO : 1740, DATED : 24.07.2025 THAT NOW ONWARDS I SHALL BE KNOWN AS **SHRADHA KEDIA** FOR ALL PURPOSES.

**SHRADHA KEDIA**
**SARABAHAL ROAD,**
**PO/PS/DIST-JHARSUGUDA**
**ODISHA**
**PIN-768201**

**AFFIDAVIT**

I MAMATA KEDIA, W/O- KAILASH KEDIA, RESIDENT OF SARABAHAL ROAD, PO/PS/DIST-JHARSUGUDA, ODISHA, PIN-768201 DECLARE BY THIS AFFIDAVIT NO : 1739, DATED : 24.07.2025 THAT NOW ONWARDS I SHALL BE KNOWN AS **MAMTA KEDIA** FOR ALL PURPOSES.

**MAMTA KEDIA**
**SARABAHAL ROAD,**
**PO/PS/DIST-JHARSUGUDA**
**ODISHA**
**PIN-768201**

(ଶ୍ରୀମଭଗବଦ୍ ଗୀତା ୧୭/୨୭)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ )

**ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ**
**କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ।।୨୭।।**

ଯଜ୍ଞେ ତପସି ଦାନେ ଚ (ଯା) ସ୍ଥିତିଃ ( ତାତ୍ପର୍ଯ୍ୟେଣ ଅବସ୍ଥିତି) ତତ୍ ଅପି ସତ୍ ଇତି ଉଚ୍ୟତେ, ତଦର୍ଥୀୟଂ (ବ୍ରାହ୍ମାର୍ପଣବୁଦ୍ଧ୍ୟା କ୍ରିୟମାଣଂ) କର୍ମ ଚ ସତ୍ ଇତି ଏବ ଅଭିଧୀୟତେ ।। ୨୭।।

# ଭାରତ-ବ୍ରିଟେନ ବାଣିଜ୍ୟିକ ରାଜିନାମା

ଦିନ ଥିଲା, ବାଣିଜ୍ୟିକ କାରବାର ପାଇଁ ବ୍ରିଟେନର ଇଷ୍ଟ ଇଣ୍ଡିଆ କମ୍ପାନୀ ଆସି ଭାରତରେ ପହଞ୍ଚିଥିଲା । ଏହା ପରେ ଏହି କମ୍ପାନୀ ଜରିଆରେ ବ୍ରିଟେନ ( ବ୍ରିଟିଶ) ସରକାର ଭାରତ ଅଧିକାର କରି ଭାରତରେ ଶାସନ କରିଥିଲେ । ସେମାନେ ତାଙ୍କ କୂଟନୀତିକ ବୁଦ୍ଧିରେ ଭାରତକୁ ଦୁଇ ଭାଗରେ ବିଭକ୍ତ କରି ଦେଇ ଚାଲିଗଲେ । ଫଳରେ ଭାରତ ଓ ପାକିସ୍ତାନ ଏହି ଦୁଇଟି ରାଷ୍ଟ୍ରରେ ବିଭାଜିତ ହେବା ପରେ ସେମାନଙ୍କ ମଧ୍ୟରେ ମତଭେଦ ଲାଗି ରହିଥିଲା । ଏପରିକି ଭାରତ ନିଜ ରାଷ୍ଟ୍ର ଗଠନ କରିବା ସହିତ ପାକିସ୍ତାନ ଗଠନ ଲାଗି ୫୦ କୋଟି ଟଙ୍କାର ଅର୍ଥରାଶି ଭାରତକୁ ଦେବାକୁ ପଡ଼ିଥିଲା । ଏହା ଥିଲା ଭାରତ ବିଭାଜନର ସର୍ତ୍ତ । ତେଣୁ ଦେଶ ସ୍ୱାଧୀନ ହେବା ପରେ ଭାରତ ତାହାର ଦୁର୍ବଳ ଅର୍ଥନୀତି ଯୋଗୁଁ ପଛରେ ପଡ଼ି ରହିଥିଲା । ତେଣୁ ଭାରତ ନିଜ ରାଷ୍ଟ୍ରକୁ ମଜଭୁତ କରିବା ପାଇଁ ଅନ୍ୟାନ୍ୟ ରାଷ୍ଟ୍ରର ସାମଗ୍ରୀ ଉପରେ ନିର୍ଭର କରିବାକୁ ପଡ଼ିଥିଲା । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ଯୋଗୁଁ ଏବେ ଦେଶ ଭିତରେ ଓ ବାହାରେ ଅର୍ଥାତ୍ ସମଗ୍ର ବିଶ୍ୱରେ ଭାରତ ମୁଣ୍ଡ ଟେକି ଦଣ୍ଡାୟମାନ ହୋଇ ପାରିଛି । ଭାରତ ମଧ୍ୟ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ସୁଦୃଢ଼ ହୋଇପାରିଛି ଓ ପ୍ରାୟ ଚାରି ବର୍ଷ ତଳେ ୨୦୨୧ରେ ୟୁ.କେ.(ୟୁନାଇଟେଡ କିଙ୍ଗଡମ୍)ର ଅର୍ଥନୀତିକୁ ପଛରେ ପକାଇ ପାରିଛି । ଏବେ ପୁଣି ଭାରତ-ୟୁକେ ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ଯେଉଁ ରାଜିନାମା ସ୍ୱାକ୍ଷରିତ ହୋଇଛି, ତାହା ଗୁରୁତ୍ୱପୂର୍ଣ୍ଣ ଐତିହାସିକ ରାଜିନାମା ବୋଲି ଜଣାଯାଇଛି ।

ଗତ ୨୪ ଜୁଲାଇ (୨୦୨୫)ରେ ଭାରତ ଓ ବ୍ରିଟେନ (ୟୁ.କେ) ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ବ୍ରିଟେନର ପ୍ରଧାନମନ୍ତ୍ରୀ ମିଷ୍ଟର କେୟର ଷ୍ଟାରମରଙ୍କର ସହମତିରେ ହୋଇଥିବା ଏହି ରାଜିନାମା ଉଭୟ ରାଷ୍ଟ୍ର ଭାରତ ଓ ୟୁ.କେ. ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଏହି ବାଣିଜ୍ୟିକ ରାଜିନାମାର ନାମ 'ବ୍ୟାପକ ଆର୍ଥନୀତିକ ଓ ବାଣିଜ୍ୟିକ ରାଜିନାମା' ବୋଲି କୁହାଯାଉଛି । ଦୀର୍ଘ ତିନି ବର୍ଷ ଧରି ଏ ବିଷୟରେ ଆଲୋଚନା ଚାଲିଥିଲା ଓ ପ୍ରାୟ ଦୁଇ ବର୍ଷ ତଳେ ଏହି ରାଜିନାମା ବିଷୟରେ ସହମତି ସମ୍ଭବ ହୋଇଥିଲା । ଏହି ଦ୍ୱିପାକ୍ଷିକ ରାଜିନାମା ଦ୍ୱିଗୁଣିତ ହୋଇ ଆସନ୍ତା ୨୦୩୦ ମସିହା ସୁଦ୍ଧା ୧୨୦ ବିଲିଅନ ଡଲାରରେ ଉପନୀତ ହେବ । (ଉଲ୍ଲେଖନୀୟ ଯେ ପ୍ରତି ହଜାରେ ଲକ୍ଷ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୮୬,୫୪୭,୭୯୦,୪୦୦,୦୦ ଟଙ୍କା ହେବ ବୋଲି ହିସାବ କରାଯାଇଛି ।)

ଏହି ରାଜିନାମା ଫଳରେ ବ୍ରିଟେନରୁ ଉତ୍ପାଦିତ ହଜାର ହଜାର ଦ୍ରବ୍ୟ ଓ ଭାରତରୁ ଉତ୍ପାଦିତ ସହସ୍ରାଧିକ ଦ୍ରବ୍ୟ ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ଉପକୃତ ହେବେ । କପଡା କ୍ଷେତ୍ରରେ ଭାରତ ଯେଉଁ ୧,୧୪୩ ପ୍ରକାରର କପଡା ରପ୍ତାନୀ କରିଥାଏ, ସେଥିରେ ପ୍ରାୟ ଶୁଳ୍କ ପଡ଼ିବ ନାହିଁ, ଯାହା ବାଂଗଲାଦେଶ, କାମ୍ବୋଡିଆ ଓ ପାକିସ୍ତାନ ରପ୍ତାନୀକାରୀମାନେ ଉପଭୋଗ କରି ଆସୁଛନ୍ତି । ବ୍ରିଟେନକୁ କପଡା ରପ୍ତାନୀ କରୁଥିବା କ୍ଷେତ୍ରରେ ଭାରତ ହେଉଛି ବିଶ୍ୱରେ ସର୍ବାପେକ୍ଷା ଚତୁର୍ଥ ରାଷ୍ଟ୍ର । ସେହିପରି ରେଡିମେଡ୍ ପୋଷାକପତ୍ର, ପଶ୍ମିନା ସାଲ, କାଂଚିପୁରମ ଓ ବାନ୍ଧିନୀ ଶାଢ଼ି ପ୍ରଭୃତି ବ୍ରିଟେନକୁ ରପ୍ତାନୀ କଲେ, ଭାରତୀୟ ରପ୍ତାନୀକାରୀମାନେ ମଧ୍ୟ ଲାଭବାନ ହେବେ । ସେହିପରି ବ୍ରିଟେନର ରାସାୟନିକ ଦ୍ରବ୍ୟ, ବୈଦ୍ୟୁତିକ ଉପକରଣ ଓ ଚମଡା ପ୍ରଭୃତି ବିନା ଶୁଳ୍କରେ ଭାରତକୁ ଆସି ପାରିବ । ଶ୍ରମଭିତ୍ତିକ ଦ୍ରବ୍ୟ କ୍ଷେତ୍ରରେ ଭାରତ ମଧ୍ୟ ଉପକୃତ ହୋଇପାରିବ ବୋଲି ଜଣାଯାଇଛି ।

ବ୍ରିଟେନକୁ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଭାରତରୁ ଯାଉଥିବା ବ୍ୟକ୍ତିମାନଙ୍କୁ ଯଥା କମ୍ପାନୀ ଏକଜ୍ୟୁକୁଟିଭ ଓ ପୁଞ୍ଜି ନିବେଶକାରୀ ପ୍ରଭୃତିଙ୍କୁ ଭିସା ପ୍ରଦାନ କ୍ଷେତ୍ରରେ ବ୍ରିଟେନ କୋହଳ ନୀତି ଗ୍ରହଣ କରିବ ବୋଲି ଜଣାଯାଇଛି । ବ୍ରିଟେନ ବା ଭାରତରେ ଯେଉଁ କମ୍ପାନୀର ଶାଖାମାନ ରହିଥିବ, ସେଥିରେ କାର୍ଯ୍ୟରତ ସିନିୟର ଏକଜ୍ୟୁକୁଟିଭମାନଙ୍କୁ ଓ କଣ୍ଟ୍ରାକ୍ଚ୍ୟୁଏଲ ସର୍ଭିସ ପ୍ରୋଭାଇଡରମାନଙ୍କ କ୍ଷେତ୍ରରେ ବ୍ୟବସାୟିକ ଭିସାକୁ ବାର ମାସ ଅବଧି କରାଯାଇଛି । ଏହା ବ୍ୟତୀତ ଭାରତୀୟ ମ୍ୟୁଜିସିଆନମାନଙ୍କୁ ବ୍ରିଟେନ ଗତଥର ପ୍ରାୟ ୧, ୮୦୦ ଭିସା ପ୍ରଦାନ କରିଥିଲା ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି । ଭାରତୀୟ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକ ବ୍ରିଟେନରେ ତାହାର ଶାଖା ଖୋଲିବା କ୍ଷେତ୍ରରେ ମଧ୍ୟ ଏହି ରାଜିନାମାରେ ସୁବିଧା କରାଯାଇଛି ।

## ଶୂନ୍ୟ ସାଧନା

**କୃଷକ ଜମିକୁ, ରସାୟନବିଦ୍ ରାସାୟନିକ ପଦାର୍ଥକୁ, ଲେଖକ କାଗଜ କଲମକୁ, ଶାସ୍ତ୍ରବିଦ୍ ଶାସ୍ତ୍ରକୁ ନିଜର ଭିତ୍ତିଭୂମି କରି ଫଳ ଆଶା କରିଥାନ୍ତି । କିନ୍ତୁ ପ୍ରକୃତ ସନ୍ନ୍ୟାସୀ, ସନ୍ଥ କିମ୍ବା ଭକ୍ତ କେବଳ ଶୂନ୍ୟକୁ ନିଜି ସାଧନାର ଭିତ୍ତିଭୂମି କରି ପୂର୍ଣ୍ଣଫଳ ପ୍ରାପ୍ତି କରିଥାନ୍ତି ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସତୋସ୍ତରୀ ବର୍ଷରେ ଓଡ଼ିଶା ହାଇକୋର୍ଟ



ସୌର ଚନ୍ଦ୍ର ମହାପାତ୍ର

ଆଜିକୁ ୭୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦ୍‌ଘାଟିତ ହୋଇଥିଲା । ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ବା ଇତିହାସ । ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥାଏ । ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ । ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା । ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇଥିବା କୁହାଯାଏ । ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଞ୍ଚ ବସିଥିଲା । ଏହି ସର୍କିଟ ବେଞ୍ଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ । ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି । ଏହି ବେଞ୍ଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ ।

୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦ୍‌ଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତ୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ । ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାଛୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍‌ଙ୍କୁ ଉଦ୍‌ଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ । ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ । ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା । ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଞ୍ଚଳ ଓଡ଼ିଶାରେ ସାମିଲ ହୋଇଥିଲା ।

**୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା । ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରିମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା । ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ । ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା । ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା ।**

୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା । ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବି କୁହୁଳିଲା ଏଇ ଦିନଠାରୁ । ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା । ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରିମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା । ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ । ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା । ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା ।

ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା । ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ । ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ । (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା)। **୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା। ସମସ୍ତେ ଆଡ଼ଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା। ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ ।** ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା ।

ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡ଼ଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କ ଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା । ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା । ଯେଉଁମାନେ ଲ ପାସ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ ।

ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ । ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ । ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ । ବିଭିନ୍ନ ପ୍ରକାର ମାଲି ମୋକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ । ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ । ଭବଷ୍ୟତକୁ ଆଖି ଆଗରେ ରଖି ବିଚାରପତି



ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ ବ୍ୟବସ୍ଥା ନିମନ୍ତେ ୨୦୦୮ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । **୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି । ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୬୯ଟି ମୋକଦ୍ଦମା ବିଚାର ଅପେକ୍ଷାରେ ।** ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ । ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୀଲତାନ ଅହମ୍ମଦ, ବଙ୍ଗଳାର ଆଡ଼ଭୋକେଟ ଜେନେରାଲ ସାର ଏସ.ଏସ.ବୋଷ ପ୍ରମୁଖ ଯୋଗ ଦେଇଥିଲେ। **ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।** ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତିମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ । ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା । ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା । **ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି ।**

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**କଟକ,ମୋ-୯୪୩୭୦୦୪୪୬୬**

# ଅବିସ୍ମରଣୀୟା ମାଳତୀ ଚୌଧୁରୀ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ । ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି । ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା 'ଭାରତ ଛାଡ଼' ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି । ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ । ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା ।

ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗୀରଥି ମହାପାତ୍ର, ସରଳା ଦେବୀ, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ବିପ୍ଳବିଣୀ ମାଳତୀ ଚୌଧୁରୀ ଥିଲେ ଅଗ୍ରଗଣ୍ୟା । ଯିଏ 'ନୁମା' ନାମରେ ପରିଚିତା ହୋଇଥିଲେ ।

ମାଳତୀ ଚୌଧୁରୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ । ସେ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ । ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯାଆ ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ପ୍ରେରଣା ଦେଇଥିଲା ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ, ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳାରେ ପରିଣତ ହୋଇଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ ।



କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା । ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପତ୍ତି ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥି ସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମ ସେ କର୍ମୀସଂଘକୁ ଦାନ କରିଦେଇଥିଲେ । ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ । ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର ସାରଥୀ ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧି ଲବଣ ସତ୍ୟାଗ୍ରହ ଡାକରା ଦେଲେ । ଓଡ଼ିଶାର ଇଞ୍ଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉତ୍ତରା ସହ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌ରେ ରହିଲେ । ୧୯୩୧ ମସିହା ଗାନ୍ଧି-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ସେତିକିବେଳେ ତାଙ୍କ ବଡଝିଅ ଉତ୍ତରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ ।

୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜି ରାଉତ ଛାତ୍ରାବାସ । ବାଜି ରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ 'ବାପି' ଓ 'ନୁମା' ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ ।

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜି ରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ ।

ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ ।

ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି । ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ - ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ ଦେଶୀକୋତ୍ତମ ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା।

୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ । ହେଲେ ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି । ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାରମର୍ମକୁ ବୁଝିବାର ଅଛି । ବଙ୍ଗୀୟ କନ୍ୟା ଓ ଓଡ଼ିଶାର ବୋହୂ ମାଳତୀ ଚୌଧୁରୀଙ୍କ ଜୀବନାଦର୍ଶ ଏ ଜାତିକୁ ଦିଗ୍ଦର୍ଶନ ଦେଉ ଏହା ହିଁ କାମନା ।

**୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜି ରାଉତ ଛାତ୍ରାବାସ । ବାଜି ରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ 'ବାପି' ଓ 'ନୁମା' ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ ।**

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ-୯୩୩୭୨୨୧୯୨୪**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲଘୁଚାପ...
କଳାହାଣ୍ଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ରୁ ୨୭ ତାରିଖ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିଲା ବେଳେ ସୁନ୍ଦରଗଡ଼, ଦେଓଗଡ଼, କେନ୍ଦୁଝର, ଅନୁଗୁଳ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖ ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ଏବଂ ଏହା ସଲଗ୍ନ ଅଫ୍ ଓଡ଼ିଶା ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ପବନର ବେଗ ଆଗାମୀ ୨୪ ଘଣ୍ଟା ମଧ୍ୟରେ ୩୦ରୁ ୪୦ କିଲୋମିଟର ହେବ ବୋଲି ଆକଳନ କରାଯାଇଥିଲା ବେଳେ ୨୯ ତାରିଖରେ ଉତ୍ତର ଓଡ଼ିଶାରେ ଏହାର ବେଗ ଘଣ୍ଟା ପ୍ରତି ୫୦ କିଲୋମିଟର ରହିବ ବୋଲି ଆକଳନ କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇ ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ରେଡ଼, ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲାପାଳମାନଙ୍କୁ ସ୍ୱରାଷ୍ଟ୍ରଙ୍କ ମାର୍ଗଦର୍ଶିକାରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଜିଲ୍ଲାଗୁଡ଼ିକୁ ରେଡ଼, ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଅଛି ପ୍ରଶାସନିକ ସ୍ତରକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଲୋକମାନେ ପାଣିପାଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ କୁହାଯିବା ସହ ଘଡ଼ ଘଡ଼ି ମାରିବା ସମୟରେ ନିରାପଦ ସ୍ଥାନରେ ରହିବାକୁ କୁହାଯାଇଛି। ଜଳବନ୍ଦୀ ସମସ୍ୟାକୁ ତୁରନ୍ତ ଦୂର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀ ମାନେ ଏହି ମାର୍ଗଦର୍ଶିକାକୁ ଅନୁସରଣ କରିବାକୁ କୁହାଯିବା ସହ ଯଦି କେଉଁଠି କ୍ଷୟକ୍ଷତି ହୁଏ ତୁରନ୍ତ ସରକାରଙ୍କୁ ସୂଚନା ଦେବାକୁ କୁହାଯାଇଛି।

### ସ୍କୁଲ...
ପଥିଲି ସ୍ଥାନରେ ନିର୍ମାଣ କରାଯାଇଥିଲା। ଘଟଣା ପରେ ୫ ଶିକ୍ଷକଙ୍କୁ ଅପରାଧିକ ଅବହେଳା ପାଇଁ ନିଲମ୍ବିତ କରାଯାଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ଗଭୀର ଶୋକବ୍ୟକ୍ତ କରିବା ସହ ମୃତ ଓ ଆହତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଯେତେବେଳେ ଛାତ୍ର ଓ ଶିକ୍ଷକମାନେ ଜଳଖିଆ ଖାଉଥିଲେ ଏହି ସମୟରେ ହଠାତ୍ ଛାତଟି ଭୁଶୁଡ଼ି ପଡ଼ିଥିଲା। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରମାନେ ଏକାଠି ହୋଇଥିଲେ। ସେମାନେ ପ୍ରାର୍ଥନା କରିସାରିଥିଲେ ଓ ଏହାପରେ ଜଳଖିଆ ଖାଉଥିଲେ। ଛାତ୍ରମାନଙ୍କୁ ଶ୍ରେଣୀ ଗୃହକୁ ଯିବାପାଇଁ ଶିକ୍ଷକମାନେ କହିଥିଲେ। କେତେକ ଛାତ୍ର ମଧ୍ୟ ଛାତ ଭୁଶୁଡ଼ି ପଡ଼ିବାର ଦେଖି ଦୌଡ଼ି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କର ଅଭିଯୋଗ ଅନୁଯାୟୀ ବହୁ ମାସଧରି ଛାତଟି ବିପଦଜନକ ସ୍ଥିତିରେ ଥିଲା। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଯେତେବେଳେ ଛାତ ଭୁଶୁଡ଼ିଲା ସେଠାରେ ପ୍ରାୟ ୫୦ ଛାତ୍ର ରହିଥିଲେ। ଶିକ୍ଷକମାନେ ମଧ୍ୟ ଏହାର ମରାମତି ପାଇଁ କୌଣସି ଧ୍ୟାନ ଦେଉନଥିଲେ। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ଏହି ସ୍କୁଲର କୋଠାଟି ଅସୁରକ୍ଷିତ ଥିବା ତାଲିକାଭୁକ୍ତ ହୋଇନାହିଁ। ରାଜସ୍ଥାନ ମାନବାଧିକାର କମିଶନ ଘଟଣାକୁ ନିଜଆଡୁ ଗ୍ରହଣ କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ନୋଟିସ ଇସୁ କରିଛନ୍ତି।

### ୩୩ ଏମ୍ଓୟୁ...
ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀ ମାନଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭ୍‌ରେ ମୋଟ୍ ୩୩ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହା ସହିତ ପ୍ରତିବର୍ଷ ଏହି କନକ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାର ବସ୍ତ୍ର ଶିଳ୍ପ ବହୁତ ପ୍ରାଚୀନ। ଆମ ସଂସ୍କୃତି ଏବଂ ପରମ୍ପରା ସହିତ ଆମ ପୋଷାକ ଓ ପରିଧାନ ଜଡିତ ହୋଇ ରହିଛି। ପଶ୍ଚିମ ଓଡିଶାର ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା, ବ୍ରହ୍ମପୁରର ରେଶମ, ଗଜପତି, କେନ୍ଦୁଝରର ଟସର ଏବଂ ମାଣିଆବନ୍ଧ ସୂକ୍ଷ୍ମକଳାର ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ସମସ୍ତ ପୋଷାକର ପ୍ରଚାର ପ୍ରସାର ମାଧ୍ୟମରେ ଓଡିଶାକୁ ଟେକ୍ସଟାଇଲ ହବ୍ କରିବା ପାଇଁ ଆମ ସରକାର ଉଦ୍ୟମ କରୁଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି କରିବା ସହିତ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ଆମ ସରକାର ଯୋଜନା କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ପୁଞ୍ଜିନିବେଶକାରୀ ମାନଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦ ପ୍ରତିଶତ ଓଡିଶାକୁ ଆସିଛି। ଏହା ବିଶ୍ୱର ଉଦ୍ୟୋଗ ଜଗତର ଆମ ସରକାରଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି। ଏହା ଭରସାକୁ ଅତୁଟ ରଖିବା ଦିଗରେ ଆମର ଉଦ୍ୟମ ଜାରି ରହିବ।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ "ଓଡିଶା ଟେକ୍ସ 2025 ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ।

### ନକଲି...
ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ରାଜ୍ୟର ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରୋଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତର ବିଶୁଦ୍ଧିକରଣ କରାଯାଉଛି। ପୂର୍ବବର୍ଷରେ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି।

ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଏଜେନ୍ସି କାର୍ଯ୍ୟ ସମାପ୍ତ ନ କରୁଛି, ତାହା ଉପରେ ପେନାଲଟି ଲଗାଯିବା ସେହିଭଳି ଦାୟିରେ ରହିଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ମଧ ଉତ୍ତରଦାୟିତ୍ୱ ସ୍ଥିର କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ...
ସୂଚନା ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଏଥର ଜୁଲାଇ ୨୮ ତାରିଖ ସୋମବାର ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ବ୍ୟବସ୍ଥା ରହିଛି।

### ଅଶ୍ଳୀଳ...
ବୋଲି ବର୍ଣ୍ଣନା କରାଯାଇଛି। ତେବେ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ନେଇ ସାଧାରଣରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏଭଳି ଅଶ୍ଳୀଳ ଭିଡ଼ିଓ ପୋଷ୍ଟ କରି କମ୍ପାନୀଗୁଡ଼ିକ ଦେଶର ପ୍ରଚଳିତ ଆଇଟି ନିୟମ ଓ ଅନ୍ୟ ପ୍ରଚଳିତ ଆଇନକୁ ଉଲ୍ଲଂଘନ କରିଛନ୍ତି। ଏରୋଟିକ୍ ୱେବ୍ ସିରିଜ୍ ନାମରେ ଆପ୍ ଗୁଡ଼ିକରେ ଅଶ୍ଳୀଳ ଭିଡ଼ିଓ ପ୍ରଚାର, ପ୍ରସାର କରୁଥିବା ଅଭିଯୋଗ ଦୀର୍ଘଦିନ ଧରି ହୋଇଥିଲା। ଲୋକଙ୍କ ପାଖରେ ବିଶେଷକରି ନାବାଳକ ଓ ନାବାଳିକାଙ୍କ ପାଖରେ ଯେମିତି ସହଜରେ ପର୍ଣ୍ଣଗ୍ରାଫି ବିଷୟବସ୍ତୁ ପହଞ୍ଚି ନ ପାରିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍, ଇଷ୍ଟାଗ୍ରାମ୍ ୟୁଟ୍ୟୁବ୍, ଫେସ୍‌ବୁକ୍, ଉଲ୍ଲୁ ଓ ଅଲ୍ଟ ଆଦିକୁ ମଧ ନୋଟିସ ଦିଆଯାଇଛି।

### ବଳଙ୍ଗା...
ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପ୍ରକାଶ ଥାଉକି ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଥିଲା। କିନ୍ତୁ ପୀଡ଼ିତାଙ୍କ ଅଧିକ ଚିକିତ୍ସା ପାଇଁ ଏମ୍ସ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଥିଲା।

### ସୋମବାରରୁ...
ଭୋଟର ତାଲିକା ଦେଇଥିଲେ। ପ୍ରାୟ ୫୨ ଲକ୍ଷ ଭୋଟରଙ୍କୁ ଏଥିରୁ ଜାଣିଶୁଣି ବାଦ୍ ଦିଆଯାଇଛି। ନିର୍ବାଚନ କମିଶନଙ୍କୁ ସରକାର ବ୍ୟବହାର କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ଡେପୁଟି...
ସମ୍ପତ୍ତିର ହିସାବ ଅଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ସହ ଜଡିତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ବାବୁଙ୍କର ଭୁବନେଶ୍ୱରରେ ଗୋଟିଏ ଓ ଜୟପୁରରେ ରହିଛି ୩ଟି ଫ୍ଲାଟ୍। ଜୟପୁରରେ ୨ଟି ଜମି ଓ ଆଲିସାନ୍ ଘର ମଧ୍ୟ ରହିଛି। କଳା ସମ୍ପତ୍ତିକୁ ରଖିବାକୁ ଘରେ ସିକ୍ରେଟ୍ ଚାମ୍ବର ତିଆରି କରିଥିଲେ ନେପାକ। ଆସନ୍ତା କିଛି ମାସ ପରେ ଚାକିରିରୁ ଅବସର ନେଇଥାନ୍ତେ। ହେଲେ ତା ପୂର୍ବରୁ ଆଜି ଭୁବନେଶ୍ୱର ସମେତ ୬ଟି ସ୍ଥାନରେ ଚଢ଼ାଉ କରି ବାବୁଙ୍କ କଳା ଟଙ୍କାର ହିସାବ କରୁଛି ଭିଜିଲାନ୍ସ।

ରାମଚନ୍ଦ୍ର ନେପାକଙ୍କର କୋରାପୁଟ ଜିଲ୍ଲା ଜୟପୁର ଟାଉନର ପିଆର ପେଟାର ଏନକେଟି ରୋଡରେ ପୈତୃକ ଜମିରେ ଅବସ୍ଥିତ। ସେହିପରି ଜୟପୁରର ପିଆର ପେଟାରେ ଥିବା ଗୋଲୋନ ହ୍ୱାଇଟ୍ ଆବାସିକ ଆପାର୍ଟମେଣ୍ଟରେ ତାଙ୍କର ଫ୍ଲାଟ୍ ନମ୍ବର ୫୧୦, ଜୟପୁରର ପିଆର ପେଟାରେ ଥିବା ଗୋଲୋନ ହାଇଟ୍ ଆବାସିକ ଆପାର୍ଟମେଣ୍ଟରେ ଥିବା ତାଙ୍କର ଅନ୍ୟ ଫ୍ଲାଟ୍ ନମ୍ବର ୫୧୧। ଭୁବନେଶ୍ୱରର ରଘୁନାଥପୁରୟୁଏମଏସ ଭାଗବତୀ ମାନ୍ସନରେ ତାଙ୍କ ଭାଇଙ୍କ ଫ୍ଲାଟ୍, ଜୟପୁର ଟାଉନର ସୋମ୍ବର ଟୋଟାରେ ଥିବା ତାଙ୍କ ଶ୍ୱଶୁର ଘରେ ଓ ଜୟପୁର ଫରେଷ୍ଟ ରେଞ୍ଜରେ ତାଙ୍କ ଅଫିସ ଚାମ୍ବରରେ ଏକକାଳୀନ ଚଢ଼ାଉ ହୋଇଥିଲା।

## ୨୦୪୭କୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେବ ନୂତନ ସିଡ଼ିପି

ସମ୍ବଲପୁର,(ସବ୍ୟ): ଐତିହାସିକ ସମ୍ବଲପୁର ସହରର ଜନସଂଖ୍ୟା ବୃଦ୍ଧି ପାଇଛି। ଏଥିସହ ଶିଳ୍ପ, ପର୍ଯ୍ୟଟନ, ଶିକ୍ଷା ଓ ବ୍ୟବସାୟିକ ଗତିବିଧି ମଧ୍ୟ ଚଳଚଞ୍ଚଳ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହର ପାଇଁ ସେହି ଗୁଣରେ ଆଧୁନିକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ଆବଶ୍ୟକତା ରହିଛି। ଆଗାମୀ ୨୦୪୭ ମସିହାକୁ ଦୃଷ୍ଟିରେ ଅବଲୋକନ କରି ସମ୍ବଲପୁର ପାଇଁ ଏକ ନୂତନ ସମନ୍ୱିତ ବିକାଶ ଯୋଜନା (ସିଡିପି) କାର୍ଯ୍ୟକାରୀ କରାଯିବାକୁ ନିଷ୍ପତି ନିଆଯାଇଛି। ଏସ୍‌ଡିଏ ଉପାଧ୍ୟକ୍ଷ ତଥା ସମ୍ବଲପୁର ମହାନଗର ନିଗମର କମିଶନର ବେଦଭୂଷଣ ଅଧ୍ୟକ୍ଷତା କରିଥିଲେ। ସହରକୁ ସୁନ୍ଦର ଓ ସନ୍ତୁଳିତ ଭାବେ ଗଢ଼ି ତୋଳିବାକୁ ଆବଶ୍ୟକ ସିଡ଼ିପି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ୧୯୮୨ରେ ସହର ଯୋଜନା ପାଇଁ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଗଠନ କରାଯାଇଥିଲା। ୧୯୯୫ ଅକ୍ଟୋବର ୨ ତାରିଖ ରାଜ୍ୟ ନଗର ଉନ୍ନୟନ ବିଭାଗ ଏହାକୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ) ମାନ୍ୟତା ପ୍ରଦାନ କରିଥିଲେ। ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହର ଏବଂ ପାଶ୍ୱର୍ବର୍ତ୍ତୀ ଧନକଉଡ଼ା, ରେଙ୍ଗାଲି ଓ ମାନେଶ୍ୱର ବ୍ଲକ୍‌ର ୯୫ଟି ରାଜସ୍ୱ ଗ୍ରାମ ଏସ୍‌ଡିଏରେ ସାମିଲ ହୋଇଛି। ଏସ୍‌ଡିଏର ବୈଠକରେ ଆଗାମୀ ୧୫ ଦିନ ପାଇଁ ସହରରେ ଜନସଂଖ୍ୟା, ସାମାଜିକ ଅର୍ଥନୈତିକ, ଗୃହ ଓ ବ୍ୟାପାର, ଜଳାଶୟ, ଉଦ୍ୟାନ, ଅନ୍ୟାନ୍ୟ ସମ୍ପଦ ଓ ସମ୍ବଳ ବିଷୟରେ ସର୍ବେକ୍ଷଣ କରାଯିବ। ଏହି ସର୍ବେକ୍ଷଣ ସମୟରେ ସହଯୋଗ କରିବାକୁ କମିଶନର ସହରବାସୀଙ୍କୁ ନିବେଦନ କରିଛନ୍ତି। ବୈଠକରେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ଅଜୟ କୁମାର ତିଓ୍ୱାରୀ, ସଭ୍ୟ (ଯୋଜନା) ଶୁଭଲକ୍ଷ୍ମୀ ଖମାରୀ, ଏସ୍‌ପିଏ ନୂଆଁଦିଲ୍ଲୀର ପ୍ରଫେସର ଅଶୋକ କୁମାର, ଡ. ବିଶ୍ୱାସ, ଆତିୟା ବନ୍ଦୋପାଧ୍ୟାୟ ରାଉତ, ପ୍ରଗତି ଚୌହାନ, ଲୋକମାନ୍ ଖାନ, ଭିସୁଟ୍‌ର ସହକାରୀ ପ୍ରଫେସର ଶାଶ୍ୱତ ଶେଖର ଷଡ଼ଙ୍ଗୀ ଓ ସ୍ଥାପତ୍ୟ ବିଭାଗର ୧୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ମହାନଦୀ ସମେତ ୩ଟି ନଦୀ ଓ ଅନେକ ସଂରକ୍ଷିତ ଜଙ୍ଗଲ ଓ ପାହାଡ଼, ଶହ ଶହ ପୋଖରୀ, ଏକାଧିକ ଝରଣା ଏସ୍‌ଡିଏ ପରିସୀମାରେ ରହିଛି।

## ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

ସୋନପୁର,(ସବ୍ୟ) : ସୋନପୁର ଜିଲ୍ଲା ତାଲିମୟୁନିଟ୍‌ରେ ରେଆର ସୋନପୁର ତରଫରୁ ଓ ବେସିକ ନିଡ୍ସ ଇଣ୍ଡିଆ ବାଙ୍ଗାଲୋର ସହାୟତାରେ ଜିଲ୍ଲାସ୍ତରୀୟ ପରାମର୍ଶ ଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅଥିତି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର.ପ୍ରଦୀପ କୁମାର ହୋତା ,ଜିଲ୍ଲା ଅତିରିକ୍ତ ସାର୍ବଜନିନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୈତନାରାୟଣ ପାଢ଼ୀ, ଉପ ଖଣ୍ଡିୟ ସମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରୁ ଡ଼.ତିବିକ୍ରମ ପାଣ୍ଡିଆ, ଅନୁପ ରଞ୍ଜନ ଦାଶ, ଟୀକାରାମ ପଟେଲ, ବେସିକ ନିଡ୍ସ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ୍ କାର୍ଯ୍ୟକ୍ରମ ପ୍ରବନ୍ଧକ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ତରଭା ବ୍ଲକର ୧୬ ଟି ପଞ୍ଚାୟତରୁ ଗୋଷ୍ଠୀ ସୁବିଧାଦାତା ଓ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଅଭିଭାବକ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଧନୁର୍ଧର ନାଏକ ସ୍ୱାଗତ କରି ଆରମ୍ଭ କରିଥିବା ବେଳେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମର ଉଦେଶ୍ୟ ଉପରେ କହିଥିଲେ। କ୍ଷେତ୍ର କର୍ମୀ ମିତ୍ରଭାନୁ ମଲ୍ଲିକ ତରଭା ବ୍ଲକରେ ଚାଲୁ ଥିବା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ହେଉଥିବା ଅସୁବିଧା ବିଷୟରେରେ ଉପସ୍ଥାପନା କରିଥିଲେ। ବୈଠକରେ କିପରି ଭାବେ ମାନସିକ ସ୍ୱାସ୍ଥ୍ୟ ସେବା ଠିକ ଭାବେ ଲୋକମାନଙ୍କ ପାଖରେ ପହଞ୍ଚି ପରିବ ସେ ଉପରେ ଆଲୋଚନା ହେଇଥିଲା। ପରିଶେଷରେ ରେଆରର କାର୍ଯ୍ୟକର୍ତା ମନଗଢୁ ଯୁଆଁଡ଼ି ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ

କୋରାପୁଟ,(ସବ୍ୟ): ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତ ଖରିଫ ଋତୁର ଚାଷ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ ସେଥି ପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷି ବିଭାଗ ସହ ଅନ୍ୟ ବିଭାଗ ମିଶି ସମନ୍ୱିତ ଚାଷ କରିବାକୁ କୁହାଯାଇଥିଲା। କୋରାପୁଟ ଜିଲ୍ଲାର କୃଷି ଐତିହ୍ୟ ପ୍ରଣାଳୀ ବିଶ୍ୱସ୍ତରରେ ମାନ୍ୟତା ପାଇଛି। ଏହାକୁ ବଜାୟ ରଖି ଆଗାମୀ ଦିନରେ କୃଷକ ମାନଙ୍କ ଉନ୍ନତି ହେବ ବୋଲି ସେ ଆଶା ରଖିଛନ୍ତି। ବ୍ଲକ ଯାନ୍ତ୍ରିକ ଟିମ୍ ବୈଠକରେ କୃଷକ ମାନଙ୍କୁ ସଚେତନ କରିବାକୁ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି। ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ, ଲିଡ଼ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ତ୍ରିପାଠୀ,ନାବାର୍ଡ ଡିଡିଏମ ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କ ସହ ସମସ୍ତ ବ୍ଲକ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ।


यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ତାରିଖ/ ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| **ପାରଳାଖେମୁଣ୍ଡି ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: **୧) ଶ୍ରୀ ଦେବାଦି ଜଗାରାଓ,** ପିତା: ୰ ଦେବାଦି ଶ୍ରୀରାମୁଲୁ, **୨) ଶ୍ରୀମତୀ ଦେବାଦି ପଦ୍ମାବତୀ,** ସ୍ୱାମୀ: ଶ୍ରୀ ଦେବାଦି ଜଗାରାଓ, ପିତା: ୰ ଦେବାଦି ଶ୍ରୀରାମୁଲୁ, **୩) ଶ୍ରୀ ସିବୁକା ସୁଧାକର ରାଓ,** ପିତା: ୰ ବିଶ୍ୱନାଥମ, ସମସ୍ତଙ୍କ ଠିକଣା- ଜଙ୍ଗମ ଷ୍ଟ୍ରିଟ୍, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ | ୨୪.୦୭.୨୦୨୫ ସୁଦ୍ଧା ଟ.୧୨,୯୧,୮୩୬/- + ସେବାବଦ ସୁଧ ଏବଂ ଦେୟ | ୧୩.୦୫.୨୦୨୫ / ୨୪.୦୭.୨୦୨୫ | ଶ୍ରୀ ଦେବାଦି ଜଗାରାଓଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୦/ ୧୩୭୫, ଖାତା ନଂ.: ୧୩୧/ ୩୪୮, ମୌଜା: ଦିନକୃଷ୍ଣପୁର, ଜଙ୍ଗମ ଷ୍ଟ୍ରିଟ୍, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦, ପରିମିତ କ୍ଷେତ୍ର: ଏକର୦.୦୨୨ ଡିସିମିଲି କିମ୍ବା ୯୫୮ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୀନକୃଷ୍ଣ ପାଢ଼ୀଙ୍କ ଗୃହ, ପଶ୍ଚିମ: ଫୋଲା ନାଗରରତ୍ନମଙ୍କ ଗୃହ, ଉତ୍ତର: ଷ୍ଟ୍ରିଟ୍, ଦକ୍ଷିଣ: ମ୍ୟୁନିସିପାଲିଟି ଡ୍ରେନ୍ ଏବଂ ଲେନ୍ |
| **ପାରଳାଖେମୁଣ୍ଡି ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: **୧) ଶ୍ରୀ କମାନି ବିଜୟ ରତ୍ନମ୍,** ପିତା: ଶ୍ରୀ କେ ଜଗାନାଇକୁଲୁ, ସା: କୁଦୁଭା, ପୋ: ତାମ୍ପରକବିଟି, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା, ପିନ୍-୭୬୧୨୦୦, **୨) ଶ୍ରୀ କମାନି ଜୟରାଜୁ,** ପିତା: ଶ୍ରୀ କେ ଜଗାନାଇକୁଲୁ, ସା: କୁଦୁଭା, ପୋ: ତାମ୍ପରକବିଟି, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା, ପିନ୍-୭୬୧୨୦୦, **୩) ଶ୍ରୀ ବନମାଳୀ ବାରିକ,** ପିତା: ୰ ତ୍ରିଲୋଚନ ବାରିକ, ଜଗାପୁର, ଭାୟା: ଆର. ସିତାପୁର, ଗଜପତି, ଓଡିଶା-୭୬୧୨୦୦ | ୨୪.୦୭.୨୦୨୫ ସୁଦ୍ଧା ଟ.୨,୭୫,୯୧୩/- + ସେବାବଦ ସୁଧ ଏବଂ ଦେୟ | ୦୫.୦୫.୨୦୨୫ / ୨୪.୦୭.୨୦୨୫ | ଶ୍ରୀ କମାନି ବିଜୟ ରତ୍ନମ୍ ଏବଂ ଶ୍ରୀ କମାନି ଜୟରାଜୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର କ୍ଷେତ୍ର: ଏକର୦.୦୩୦ ଡିସିମିଲି (ଘରବାରୀ ଶ୍ରେଣୀଭୁକ୍ତ), ଖାତା ନଂ.: ୯୯/୧୨୬, ପ୍ଲଟ୍ ନଂ.: ୫, ମୌଜା: କାବିଟିପୁର, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ ଲକ୍ଷ୍ମୀନାରାୟଣଙ୍କ ସମ୍ପତ୍ତି, ଉତ୍ତର: ପ୍ରସ୍ତାବିତ ଡ୍ରେନ୍, ପଶ୍ଚିମ: ନମିତା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା |
| **ପାରଳାଖେମୁଣ୍ଡି ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: **୧) ଶ୍ରୀ ପାଇଲା ଭେଙ୍କଟ ରାଓ,** ପିତା: ବାଲାରାଜୁ, କୁମାରୀ ଷ୍ଟ୍ରିଟ୍, ଗାରାବନ୍ଧ-୭୬୧୨୧୫, ଜିଲ୍ଲା: ଗଜପତି, ଓଡିଶା, **୨) ଶ୍ରୀମତୀ ନୀଳାପୁ ଅଶ୍ୱିନୀ,** ସ୍ୱାମୀ: ଶ୍ରୀ ପାଇଲା ଭେଙ୍କଟ ରାଓ, କୁମାରୀ ଷ୍ଟ୍ରିଟ୍, ଗାରାବନ୍ଧ-୭୬୧୨୧୫, ଜିଲ୍ଲା: ଗଜପତି, ଓଡିଶା, **୩) ଶ୍ରୀ କିଲମସେଟି ଭେନୁଗୋପାଳ ରାଓ,** ପିତା: ନାରାୟଣ ମୂର୍ତ୍ତି, ମେନ୍ ରୋଡ, ଗାରାବନ୍ଧ, ଜିଲ୍ଲା: ଗଜପତି, ଓଡିଶା | ୨୪.୦୭.୨୦୨୫ ସୁଦ୍ଧା ଟ.୧୦,୧୧,୧୯୮/- + ସେବାବଦ ସୁଧ ଏବଂ ଦେୟ | ୦୫.୦୫.୨୦୨୫ / ୨୪.୦୭.୨୦୨୫ | ଶ୍ରୀ ପାଇଲା ଭେଙ୍କଟ ରାଓଙ୍କ ନାମରେ ଥିବା ସମ୍ପତ୍ତି ଯାହାର କ୍ଷେତ୍ର: ଏକର୦.୦୦୬ ଡେସିମଲ୍ (ଘରବାରୀ ଶ୍ରେଣୀଭୁକ୍ତ), ଖାତା ନଂ.: ୪୦/୫୮, ପ୍ଲଟ୍ ନଂ.: ୧୧୧/୪୩୮, ମୌଜା: ଗାରାବନ୍ଧ, ଜିଲ୍ଲା: ଗଜପତି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାର୍ଲା ତାଭିତାମ୍ମା, ଉତ୍ତର: କେ କୁରାଡୁଙ୍କ ସମ୍ପତ୍ତି, ପଶ୍ଚିମ: ରାପାକା ରାମା ରାଓଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା |
| **ରାଣିପେଟା ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ: **୧) ଶ୍ରୀମତୀ କିମିଡି ମଧୁବାଳା,** ସ୍ୱାମୀ: ଶୁରଭରମ ଡେଜା, ଗ୍ରାମ/ଥାନା: କିଙ୍ଗଲାପାଡୁ, ନରସେନ୍ନାପେଟା, ଜିଲ୍ଲା: ଶ୍ରୀକାକୁଲମ, ପିନ୍-୫୩୨୪୨୧, **୨) ଶ୍ରୀ କିମିଡି ୟାଦଗିରି,** ଗ୍ରାମ/ଥାନା: ରାଣିପେଟା, ସା: କୋଟା ଷ୍ଟ୍ରିଟ୍, ପାରଳାଖେମୁଣ୍ଡି, କାଶିନଗର ବ୍ଲକ୍, ଜିଲ୍ଲା: ଗଜପତି, ପିନ୍-୭୬୧୨୦୧, **୩) ଶ୍ରୀମତୀ କୁମାରପୁ ସ୍ୱପ୍ନା,** ସ୍ୱାମୀ: କେ. ଯୋଗୀ, ଗ୍ରାମ/ଥାନା: ରାଣିପେଟା, ସା: କୋଟା ଷ୍ଟ୍ରିଟ୍, ପାରଳାଖେମୁଣ୍ଡି, କାଶୀନଗର ବ୍ଲକ୍, ଜିଲ୍ଲା: ଗଜପତି, ପିନ୍-୭୬୧୨୦୧ / **ଋଣଗ୍ରହୀତା/ କୋ-ଆପ୍ଲିକାଣ୍ଟ: ୰ କିମିଡି ତେଜାମ୍ମା,** ସ୍ୱାମୀ: କେ ଲକ୍ଷ୍ମୀନାରାୟଣ, ରାଣିପେଟା, ଗଜପତି, ପାରଳାଖେମୁଣ୍ଡି-୭୬୧୨୦୧, ଜିଲ୍ଲା: ଗଜପତି / **ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ: ଶ୍ରୀ କର୍ଣ୍ଣମ ବିନୋଦ,** ପିତା: କର୍ଣ୍ଣମ ଆପ୍ପା ରାଓ, ଗ୍ରାମ/ଥାନା: ରାଣିପେଟା, ସା: ବଡସାହି, ରାଣିପେଟା, ଗଜପତି, ପିନ୍-୭୬୧୨୦୧ | ୨୪.୦୭.୨୦୨୫ ସୁଦ୍ଧା ଟ.୧୧,୪୯,୭୬୧/- + ସେବାବଦ ସୁଧ ଏବଂ ଦେୟ | ୦୫.୦୫.୨୦୨୫ / ୨୪.୦୭.୨୦୨୫ | କିମିଡି ଲକ୍ଷ୍ମୀନାରାୟଣଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୫୯ ଡିସିମିଲି, ତିନୋଟି ଆରସିସି ସ୍ଲାବ ଥିବା ଅଂଶ (ଘରବାରୀ ଶ୍ରେଣୀଭୁକ୍ତ), ଖାତା ନଂ.: ୩୦୨/ ୧୨୫୪ (ପୁରୁଣା ଖାତା ନଂ.: ୨୧୬), ପ୍ଲଟ୍ ନଂ.: ୧୦୯୪/୨୬୨୩ (ପୁରୁଣା ପ୍ଲଟ୍ ନଂ.: ୧୦୯୪), ମୌଜା: ରାଣିପେଟା, ତହସିଲ: କାଶୀନଗର, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାଉକୋଟଲା ଆପ୍ପା ରାଓଙ୍କ ଖାଲି ଥିବା ସ୍ଥାନ, ପଶ୍ଚିମ: ଜୟଦେବ ଦଳେଇଙ୍କ ଖାଲି ଥିବା ସ୍ଥାନ, ଉତ୍ତର: ସି.ସି. ରାସ୍ତା, ଦକ୍ଷିଣ: ଡ୍ରେନ୍ |
| **ରାଣିପେଟା ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ: **୧) ଶ୍ରୀ ବାଡା ଜଗଦୀଶ,** ପିତା: ବାଡା ଗାରାକାୟା, ନିଳକଣ୍ଠପୁର, ରାଣିପେଟା, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୧, **୨) ଶ୍ରୀ ବାଡା ଗାରାକାୟା,** ପିତା: ୰ ବାଡା ଏରାକାୟା, ନିଳକଣ୍ଠପୁର, ରାଣିପେଟା, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୧, **୩) ଶ୍ରୀ ଖଗେଶ୍ୱର ଗୌଡ,** ପିତା: ଶ୍ରୀ ଲକ୍ଷ୍ମୀକାନ୍ତ ଗୌଡ, ତାରଙ୍ଗଡା, ପାରଳାଖେମୁଣ୍ଡି, କୁର୍ଲନଡା, ଜିଲ୍ଲା: ଗଜପତି | ୨୪.୦୭.୨୦୨୫ ସୁଦ୍ଧା ଟ.୩,୬୦,୩୭୬/- + ସେବାବଦ ସୁଧ ଏବଂ ଦେୟ | ୦୫.୦୫.୨୦୨୫ / ୨୪.୦୭.୨୦୨୫ | ଶ୍ରୀ ବାଡା ଗାରାକାୟାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୭୯/୮୦, ପ୍ଲଟ୍ ନଂ.: ୨୦୮/ ୫୩୯, ପରିମିତ କ୍ଷେତ୍ର: ଏକର୦.୦୩୯ ଡେସିମଲ୍, ଚିନ୍ନା ଭେଡୀ, ୪ର୍ଥ ମାଇଲ୍ ଜଙ୍କସନ ନିକଟ, ଗ୍ରାମ: ନିଳକଣ୍ଠପୁର, ଜିଲ୍ଲା: ଗଜପତି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଡି. ଲାଲ୍ଲୟାଙ୍କ ଆରସିସି ବିଲ୍ଡିଂ, ଉତ୍ତର: ସରକାରୀ ସ୍କୁଲ ପରେ ରାସ୍ତା, ପଶ୍ଚିମ: ଜି. ଆପ୍ପାରାଓଙ୍କ ଆରସିସି ବିଲ୍ଡିଂ, ଦକ୍ଷିଣ: ସିସି ରାସ୍ତା |

ସ୍ଥାନ: ରାୟଗଡ଼ା
ତାରିଖ: ୨୫.୦୭.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**TPCODL | TPNODL | TPSODL | TPWODL**

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧, ଯୋଗାଯୋଗ ନଂ.: ୯୯୯୩୪୪୯୪୨୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ (**ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ**) ଗଠନାତ୍ମକ/ଭୌତିକ/ **ସାଙ୍କେତିକ** (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ତା**୧୪.୦୮.୨୦୨୫**ରିଖ ମଧ୍ୟାହ୍ନ **୧୨.୦୦** ଘଟିକା ଠାରୁ ଅପରାହ୍ନ **୫.୦୦** ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ମାଲକାନଗିରି ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: **୧) ମେସର୍ସ ନମିତା ମସଲା, ସ୍ୱତ୍ୱାଧିକାରୀ: ଶ୍ରୀମତୀ କେ. ନମିତା ପାତ୍ର,** ସ୍ୱାମୀ: କେ. ସିମାଦ୍ରୀ ପାତ୍ର, **୨) ଶ୍ରୀମତୀ କେ. ନମିତା ପାତ୍ର,** ସ୍ୱାମୀ: କେ. ସିମାଦ୍ରୀ ପାତ୍ର / **ଗ୍ୟାରେଣ୍ଟିଦାତା: ଶ୍ରୀ କେ. ସିମାଦ୍ରୀ ପାତ୍ର,** ପିତା: କାଶିନାଥ ପାତ୍ର, ସମସ୍ତଙ୍କ ଠିକଣା ସା: ତଳ ସାହି, ମାଲକାନଗିରି, ଥାନା/ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ପିନ୍ - ୭୬୪୦୪୮ | ଶ୍ରୀ କେ. ସିମାଦ୍ରୀ ପାତ୍ରଙ୍କ ନାମରେ ଥିବା ବାସପୋଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର କ୍ଷେତ୍ର: ଏକର୦.୦୪୨ଡିସିମିଲି, ଖାତା ନଂ.: ୯୯୪/୩୮୧୧, ପ୍ଲଟ୍ ନଂ.: ୩୬୫୪, ମୌଜା: ମାଲକାନଗିରି, ତହସିଲ: ମାଲକାନଗିରି ନଂ.: ୨୩୬, ଥାନା: ମାଲକାନଗିରି ନଂ.: ୧୧୯, ହେଡ୍ ପୋଷ୍ଟ ସମ୍ମୁଖ, ଜିଲ୍ଲା: ମାଲକାନଗିରି, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ସତ୍ୟନାରାୟଣ ପାତ୍ର, ପଶ୍ଚିମ: ଦୀନବନ୍ଧୁ ଚିଟିକି, ଉତ୍ତର: କେ ଏମ୍ ରମନା, ଦକ୍ଷିଣ: ରାସ୍ତା / ୦୬.୦୫.୨୦୨୩ | ୩୦.୦୬.୨୦୨୫ ସୁଦ୍ଧା ଟ.୧୮,୭୨,୪୮୪/- + ସେବାବଦ ସୁଧ ଓ ଦେୟ | ଟ.୨୭,୦୦,୦୦୦/- / ଟ.୨,୭୦,୦୦୦/- / ଟ.୨୭,୦୦୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା୧୩.୦୮.୨୦୨୫ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/auction-property/view-auction-property.aspx and www.unionbankofindia.co.inକୁ ଅନୁଧ୍ୟାନ କରନ୍ତୁ।

ଇ-ନିଲାମ ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଇ-ମେଲ ubin0821721@unionbankofindia.bank କରନ୍ତୁ କିମ୍ବା ଶ୍ରୀ ରାଜୁ ଦର, ମୋ: ୭୦୦୨୪୭୩୩୭୨, ସନ୍ଦିପ ନାଥ, ମୋ: ୭୯୮୯୧୮୩୭୯୮ରେ ଯୋଗାଯୋଗ କରନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ରାୟଗଡା, ତାରିଖ: ୨୫.୦୭.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

## ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

ଭୁବନେଶ୍ୱର, (ସବ୍ୟୁ) ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ପୁନର୍ବାର ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ମିଳିଛି । ପ୍ରଫେସର ଦଣ୍ଡପାଟଙ୍କ ନିଯୁକ୍ତି ନେଇ ଶୁକ୍ରବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂଆ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ ଶ୍ରୀ ଦଣ୍ଡପାଟ କୁଳପତି ଦାୟିତ୍ୱରେ ରହିବେ । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୨୨ତାରିଖରେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତି ରଦ୍ଦ ହୋଇଥିଲା । ପୁରୁଣା ବିଶ୍ୱବିଦ୍ୟାଳୟ ଆଇନ୍ ଅନୁସାରେ ଏହି ନିଯୁକ୍ତି ରଦ୍ଦ ହୋଇଥିଲା । ତେବେ ଗତ କ୍ୟାବିନେଟ୍‌ରେ ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ପରେ ଶ୍ରୀ ଦଣ୍ଡପାଟଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି କୁଳାଧିପତି ।

### ସିଏସ୍ଆଇଆର୍-ସିଆରଆରଆଇର ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ପ୍ରଯୁକ୍ତିବିଦ୍ୟା

## ଲାଇସେନ୍ସ ହାସଲ କରିବାରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପ୍ରଥମ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଜାତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର) ଏବଂ ଜାତୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ) ସହଭାଗୀତାରେ ସଡ଼କ ନିର୍ମାଣରେ ପ୍ରାକୃତିକ ଏଗ୍ରିଗେଟ୍ସଗୁଡ଼ିକର ବିକଳ୍ପ ସ୍ୱରୂପ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହିତ କରି ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏଏମ୍/ଏନ୍ଏସ୍ ଇଣ୍ଡିଆ, ଦେଶର ପ୍ରଥମ କମ୍ପାନୀ ଭାବେ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ଏଗ୍ରିଗେଟ୍ସ ଉତ୍ପାଦନ କରିବା ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସିଏସଆଇଆର-ସିଆରଆରଆଇଠାରୁ ଷ୍ଟିଲ ସ୍ଲାଗ୍ ଭେଲରାଇଜେସନଟେକ୍ନୋଲୋଜିପାଇଁ ଏକ ପ୍ରତିଷ୍ଠିତ ଲାଇସେନ୍ସ ହାସଲ କରିଛି ।

ଏଏମ୍/ଏନ୍ଏସ୍ ଇଣ୍ଡିଆକୁ "ସଡ଼କ ନିର୍ମାଣରେ ବ୍ୟବହାର ପାଇଁ ହାଜିରାଠାରେ ସ୍ଥିତ ଏଏମ୍/ଏନ୍ଏସ୍ ଇଣ୍ଡିଆ କାରଖାନାରେ ପ୍ରକ୍ରିୟାକୃତ ଇଏଏଫ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ବିକାଶ ପାଇଁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେସନଟେକ୍ନୋଲୋଜିଲାଇସେନ୍ସର ପ୍ରମାଣପତ୍ର ମିଳିଛି । ଯାହା ଦ୍ୱାରା କମ୍ପାନୀ ସିଏସଆଇଆର-ସିଆରଆରଆଇର ଦ୍ୱାରା ବିକଶିତ ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟାକୁ ଗୁଜରାଟର ହାଜିରାଠାରେ ସ୍ଥିତ ଏହାର ପ୍ରମୁଖ କାରଖାନାରେ ବୈଜ୍ଞାନିକ ପଦ୍ଧତିରେ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ପ୍ରକ୍ରିୟାକରଣ ପାଇଁ ବ୍ୟବହାରକରିପାରିବଯାହାସଡ଼କ ନିର୍ମାଣ ପ୍ରୟୋଗରେ ବ୍ୟବହାରହୋଇପାରିବ ।





ଏଏମ୍/ଏନ୍ଏସ୍ ଇଣ୍ଡିଆ ବର୍ତ୍ତମାନ 'ଏଏମ୍/ଏନ୍ଏସ୍ ଆକାରଦ ବ୍ରାଣ୍ଡ ନାମରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ସ୍ଲାଗ୍ ଉତ୍ପାଦନ କରୁଛି, ଯାହା ସିଏସଆଇଆର-ସିଆରଆରଆଇର ବୈଷୟିକ ନିୟମାବଳୀ, ନିର୍ଦ୍ଦିଷ୍ଟକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣ ମାନକୁ ପୂରଣ କରୁଛି । ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ଟେକ୍ନୋଲୋଜି ଲାଇସେନ୍ସ ପ୍ରାପ୍ତ ଏହି ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ ଏଗ୍ରିଗେଟ୍ସ ସାଧାରଣତଃ ସଡ଼କ ଏବଂ ରାଜପଥ ନିର୍ମାଣ ପ୍ରୟୋଗରେ ବ୍ୟବହୃତ ପ୍ରାକୃତିକ ଏଗ୍ରିଗେଟ୍ସର ମିଶ୍ରଣ ତୁଳନାରେ ଅଧିକ ଦୀର୍ଘସ୍ଥାୟୀ ଏବଂ ବ୍ୟୟ ସାପେକ୍ଷ ବୋଲି ପ୍ରମାଣିତ ହୋଇଛି । ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ସେଲ୍ସ ଓମାର୍କେଟିଂବିଭାଗ ନିର୍ଦ୍ଦେଶକ ଏବଂ ଭାଇସ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି ଯେ "ଆମେ ଏହି ଅନନ୍ୟ ପ୍ରଯୁକ୍ତିବିଦ୍ୟାର ଲାଇସେନ୍ସ ହାସଲ କରିବାରେ ପ୍ରଥମ କମ୍ପାନୀ ହୋଇଥିବାରୁ ଗର୍ବିତ । ଏହି ବିକାଶ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବର୍ଜ୍ୟରୁ ବୈଭବଦ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରୁଛି ।

## ଆତ୍ମାହୁତି ଦେବାକୁ ସରପଞ୍ଚଙ୍କ ଚେତାବନୀ

ପାରାଦୀପ,( ଜି ପ୍ର ):କିରୋସିନ ଢାଳି ଆତ୍ମାହୁତି ଦେବେ ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତର ସରପଞ୍ଚ ଏଭଳି ଖୋଲାଖୋଲି ଚେତାବନୀ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାଇ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇ ସରୋଜଙ୍କ ଠାରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ରପାଣ୍ଠି ସାଇଲୋ ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ବ୍ୟୟ ଅଟକଳ ପ୍ରକଳ୍ପ ମଞ୍ଜୁର କରାଇ ଆଣିବା ପାଇଁ ଦେଢ ଲକ୍ଷ୍ୟ ଟଙ୍କା ନେଇଥିଲେ। ସରକାର ବଦଳିବା ପରେ ସେ ପ୍ରକଳ୍ପ କଥା ଛାଡ଼ନ୍ତୁ ଆଉ ସରପଞ୍ଚଙ୍କ ଫୋନ ମଧ୍ୟ ଉଠାଇଲେ ନାହିଁ ଆଜି କାଲି ଟଙ୍କା ଫେରାଇବାକୁ କହି ଦିନ ପରେ ଦିନ ଗଡ଼ାଇ ଚାଲିଥିବା ବେଳେ ଓଲଟା ସରପଞ୍ଚଙ୍କ ନାମରେ ମିଥ୍ୟା ମକଦ୍ଦମା କରାଇଲେ। ସେହିପରି ସରପଞ୍ଚଙ୍କୁ ହଇରାଣ ହରକତ କରାଇବା ପାଇଁ ସରପଞ୍ଚଙ୍କୁ ପଞ୍ଚାୟତରେ ନପଚାରି ନିଜେ ଅନ୍ୟ ବ୍ୟକ୍ତି ମାନଙ୍କ ଦ୍ୱାରା କାର୍ଯ୍ୟ କରାଇବା ଓ ବିଭିନ୍ନ ସରକାରୀ କାର୍ଯ୍ୟରେ ଅଣଦେଖା କରୁଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ସରପଞ୍ଚ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତଥା ଜିଲ୍ଲାପାଳଙ୍କୁ ଏହି ବିଷୟରେ ଲିଖିତ ଅଭିଯୋଗ କରିଥିବା ବେଳେ ଯଦି ପନ୍ଦର ଦିନ ମଧ୍ୟରେ ଏହାର ସମାଧାନ ନହୁଏ ତେବେ ସରପଞ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କିରୋସିନ ଢାଳି ଆତ୍ମହତ୍ୟା କରିବେ ଏବଂ ଏହାପାଇଁ ଜିଲ୍ଲାପ୍ରଶାସନ ଦାୟି ରହିବେ ବୋଲି ସେ ପ୍ରକାଶ କରିଛନ୍ତି। ଏ ବିଷୟରେ ବିଡିଓଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା ବେଳେ ତାହା ସମ୍ଭବପର ହୋଇନାହିଁ

## ଟେଣ୍ଡରକୁ ନେଇ ଛକାପଞ୍ଝା, ଧାରଣା ଚେତାବନୀ ଦେଲେ ଅଧ୍ୟକ୍ଷ

ବ୍ୟାସନଗର(ଜିପ୍ର): ଦିନ ଗଡ଼ିବା ଭିତରେ ଜିଲାପାଳଙ୍କ ବି ବଦଳି ହୋଇଗଲାଣି ନିର୍ବାହୀ ଅଧିକାରୀ ଛୁଟିରୁ ଫେରି କାର୍ଯ୍ୟରେ ଯୋଗ ଦେଲେଣି ହେଲେ ଟେଣ୍ଡର କାର୍ଯ୍ୟକାରୀ ହୋଇପାରୁନି ଯାହାକୁ ନେଇ ଅସନ୍ତୁଷ୍ଟ ଅଧ୍ୟକ୍ଷ ଏବଂ ପାରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ନିର୍ବାହୀ ଅଧିକାରୀଙ୍କୁ ଅଧ୍ୟକ୍ଷ ସୁବାସ ବଳଙ୍କ ସହ ପାରିଷଦ ବିଜୟ କୁମାର ଜେନା, ଶିବାନନ୍ଦ ନାୟକ, କୁନି ହାସଁଦା, ବୁଦୁନୀ ଦରାଇ, ମୋନାଲିସା ସାହୁ, ଅରୁନ୍ଧତୀ ପରିଡ଼ା, ସିଦ୍ଧାର୍ଥ ଶଙ୍କର ସାମଲ, ଅନ୍ନପୂର୍ଣ୍ଣା ତରାଇ, ସରୋଜିନୀ ନାୟକ, ସରିତା ଜେନା, ରଶ୍ମିତା ଝୁଂଟିଆ, ଉର୍ମିଳା ପରିଡ଼ା, ସୁଜାତା ପ୍ରୀୟଦର୍ଶିନୀ ପରିଡ଼ା, ରବିନ୍ଦ୍ର ରାଉତ୍, ସରୋଜିନୀ ନାୟକ, ଦିଲୀପ ସେଠୀ, ଅଶୋକ ଦାସ, ସନ୍ତୋଷ ବରାଳ, ପାର୍ଥସାରଥି ନାୟକ ପ୍ରମୁଖ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି କି ତା୨୬।୬।୨୫ରେ ଟେଣ୍ଡର ପ୍ରକ୍ରୀୟା ଉପରେ ଆଲୋଚନା ହୋଇଥିଲା। ସେତେ ବେଳେ ସପ୍ତାହ ଭିତରେ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ମିଳିଥିଲା। ହେଲେ ଇତିମଧ୍ୟରେ ମାସେ ହୋଇଯାଇଥିଲେ ବି ଟେଣ୍ଡର ଉପରେ କୌଣସି ନିଷ୍ପତି ନିଆଯାଉନି। କାଉନସିଲ ବୈଠକରେ ପାରିତ ଟେଣ୍ଡରକୁ କାର୍ଯ୍ୟକାରୀ ନକରିବା ଫଳରେ ବ୍ୟାସନଗର ବିକାଶ ଅଟକି ରହିଛି।

## ସୁନା ମାଫିଆଙ୍କ ସହ ଯେଉଁ ନେତାଙ୍କ ସମ୍ପର୍କ ଅଛି ପୋଲିସ ସେମାନଙ୍କୁ ଗିରଫ କରୁ : କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ସାରା ରାଜ୍ୟରେ ନାରୀ ନିର୍ଯାତନା, ଅତ୍ୟାଚାର ଓ ଦୁଷ୍କର୍ମକୁ ନେଇ ରାଜ୍ୟବାସୀ ଭୟାକୁଳ ଓ ଦୁଃଖରେ ଥିବାବେଳେ ନୁର୍ନୀତିକୁ ନେଇ ଏକ ସାଂଘାତିକ ଘଟଣା ଘଟିଛି । ଗତ ୨୩ ତାରିଖରେ ସୁନା ନିବେଶ ନାମରେ ୨୦ କୋଟି ଟଙ୍କାର ଠକେଇ କରିଥିବା ରମେଶ ମାଝୀଙ୍କୁ କମିଶନରେଟ ପୋଲିସ ଗିରଫ କରିଛି । ଏନେଇ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ରମେଶ ମାଝୀର ବିଭିନ୍ନ ବିଜେପି ନେତାଙ୍କ ସହ ଥିବା ଫଟୋ ପଦାକୁ ଆସିଲାଣି । ବିଶେଷକରି ଭୁବନେଶ୍ୱର ସାଂସଦଙ୍କ ସହିତ ଘନିଷ୍ଠତା ଅଛିବୋଲି ସୂଚନା ମିଳୁଛି । ମୁଖପାତ୍ର ସୋନାଲି ସାହୁ ଭାରତୀୟ ଜନତାପାର୍ଟି ଉପରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି ଯେ ଯେଉଁଦଳ ଦୁର୍ନୀତିଶୂନ୍ୟ ସରକାର ବୋଲି ଦମ୍ଭୋକ୍ତି ଦେଖାନ୍ତି ସହିତ ତାଙ୍କ ଫଟୋ ଚର୍ଚ୍ଚାର ବିଷୟ ହୋଇଛି । ଠକ ମାଝୀଙ୍କ ସହିତ ସମ୍ପର୍କକୁ ନେଇ ସାଂସଦ ସ୍ପଷ୍ଟିକରଣ



ତାଙ୍କ ଦଳର ବଡ଼ ବଡ଼ିଆ ନେତାଙ୍କ ସୁନା ନିବେଶ ଠକ ରମେଶ ମାଝୀ ସହ ଫଟୋ କେମିତି ପଦାକୁ ଆସୁଛି । ଠକ ମାଝୀର ବିଜେପି କାର୍ଯ୍ୟାଳୟରେ ଫଟୋ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଫଟୋ ଏବଂ ବିଶେଷ କରି ସାଂସଦ ଭୁବନେଶ୍ୱରଙ୍କ ଦିଅନ୍ତୁ ବୋଲି ମୁଖପାତ୍ର ସାହୁ ଆହ୍ୱାନ ଜଣାଇଛନ୍ତି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଜନୀ କୁମାର ମହାନ୍ତି, ମୁଖପାତ୍ର ସୋନାଲି ସାହୁଙ୍କ ସମେତ ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ ।

## ରେଳ ଦୁର୍ଘଟଣା ତଳମୁହାଁ

ଭୁବନେଶ୍ୱର, (ତଥ୍ୟ) ଦେଶରେ ରେଳ ଦୁର୍ଘଟଣା ସଂଖ୍ୟା ତଳମୁହାଁ ହୋଇଛି। ବିଗତ ଚାରିବର୍ଷ ଧରି ଲଗାତାର ଭାବେ ରେଳ ଦୁର୍ଘଟଣା ହ୍ରାସ ପାଉଥିବା ନେଇ ଲୋକସଭାରେ ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳମନ୍ତ୍ରୀଙ୍କ ସୂଚନା ଅନୁଯାୟୀ୨୦୨୨-୨୩ ବର୍ଷରେ ଦେଶରେ ୪୮ଟି ରେଳ ଦୁର୍ଘଟଣା ଘଟିଥିବାବେଳେ ୨୦୨୩-୨୪ ବର୍ଷୋର ଏହା ୪୦କୁ ହ୍ରାସ ପାଇଥିଲା। ସେହିଭଳି ୨୦୨୪-୨୫ ବର୍ଷରେ ୩୧ଟି ରେଳ ଦୁର୍ଘଟଣା ରେକର୍ଡ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଜୁନ୍ ଶେଷ ପର୍ଯ୍ୟନ୍ତ ଦେଶରେ ମାତ୍ର ୩ଟି ରେଳ ଦୁର୍ଘଟଣା ଘଟିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତେବେ ଏହି ଉତ୍ତରରେ ଦର୍ଶାଯାଇଛି ଯେ ୨୦୦୫-୦୬ ବର୍ଷରେ ଦେଶରେ ୨୩୪ଟି ରେଳ ଦୁର୍ଘଟଣା ଘଟିଥିବାବେଳେ ୨୦୦୯-୧୦ରେ ଏହି ସଂଖ୍ୟା ୧୬୫ ଏବଂ ୨୦୧୪-୧୫ ରେ ୧୩୫ ରହିଥିଲା। ଏହା ପରଠାରୁ ରେଳ ଦୁର୍ଘଟଣାର ସଂଖ୍ୟା ଦୁଇ ଅଙ୍କରେ ସୀମିତ ରହିଛି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରେଳ ଦୁର୍ଘଟଣାରେ ମୃତାହତମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯା।ଉଛି। ବିଗତ ୫ବର୍ଷ ଅର୍ଥାତ୍ ୨୦୨୦-୨୧ ରୁ ୨୦୨୪-୨୫ ବର୍ଷ ମଧ୍ୟରେ ଏ ବାବଦରେ ମୃତାହତମାନଙ୍କ ନିକଟ ସମ୍ପର୍କୀୟଙ୍କୁ ପାଖାପାଖି ୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରେଳ ସୁରକ୍ଷାକୁ ବଢାଇବାପାଇଁ ଭାରତୀୟ ରେଳବାଇ ବର୍ଷକୁ ବର୍ଷ ଏ ବାବଦୀୟ ଖର୍ଚ୍ଚ ପରିମାଣ ବଢାଇବାରେ ଲାଗିଛି। ୨୦୧୩-୧୪ ରେ ଏଥିପାଇଁ ୩୯,୪୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୧୬ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇଛି। ଏଥିରେ ରେଳଲାଇନ୍‌ଗୁଡିକର ରକ୍ଷଣା ବେକ୍ଷଣ, ମରାମତି, ଯନ୍ତ୍ରପାତିର ରକ୍ଷଣା ବେକ୍ଷଣ, ରେଳ ଓଭରବ୍ରିଜ୍ ନିର୍ମାଣ, ସିଗ୍ନାଲ ଓ ଟେଲିକମ୍ ସହିତ ଟ୍ରାକର ଉନ୍ନତିକରଣ ଆଦି କାର୍ଯ୍ୟ ଅର୍ନ୍ତଭୁକ୍ତ ରହିଛି।

ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେବାପରେ ୬୬୩୫ ଷ୍ଟେସନରେ ଇଲେକ୍ଟ୍ରିକାଲ ଓ ଇଲେକଟ୍ରୋନିକ୍ସ ଇଣ୍ଟରଲକିଂ ବ୍ୟବସ୍ଥାକୁ ସେଣ୍ଟ୍ରାଲାଇଜ୍ କରାଯାଇଛି ଯାହା ଫଳରେ ମଣିଷଙ୍କ ଭୁଲ୍ ଯୋଗୁଁ ଘଟୁଥିବା ଦୁର୍ଘଟଣାକୁ ରୋକାଯାଇ ପାରିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ୧୧,୦୯୬ଟି ରେଳ ଫାଟକରେ ଇଣ୍ଟରଲକିଂ ଲେଭଲକ୍ରସିଂ ବ୍ୟବସ୍ଥା କରାଯାଇଛି। ରେଳ ଦୁର୍ଘଟଣାକୁ ରୋକିବାପାଇଁ ୨୦୨୦ ମସିହାରେ କାର୍ଯ୍ୟକାରୀ ହୋଇଥିବା କବଚ ବ୍ୟବସ୍ଥାକୁ ବର୍ତ୍ତମାନ ସୁଦ୍ଧା ଦକ୍ଷିଣ କେନ୍ଦ୍ର ଏବଂ ଉତ୍ତର କେନ୍ଦ୍ର ରେଳବାଇରେ ୧୫୪୮ କିଲୋମିଟରରେ କାର୍ଯ୍ୟକାରୀ ହୋଇଛି। ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାଓଡା କରିଡରର ୩୦୦୦ କିଲୋମିଟର ରେଳଲାଇନ୍‌ରେ ଏହି କାର୍ଯ୍ୟ ଜାରି ରହିଛି। ଚଳିତବର୍ଷ ଜୁନ୍ ଶେଷସୁଦ୍ଧା ୨୨୦୦ କିଲୋମିଟରରେ କବଚ କାର୍ଯ୍ୟ ଶେଷ ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଅଧୀନରେ ସୁନ୍ଦରଗଡ଼ରେ

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ସହାୟତା ପ୍ରଦାନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଟିବି ରୋଗୀଙ୍କୁ ସହାୟତା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ସହ ହାତ ମିଶାଇଛି। 'ଟିବି ମୁକ୍ତ ଭାରତ ଅଭିଯାନ'କୁ ସମର୍ଥନ କରିବା ଉଦ୍ଦେଶ୍ୟରେ କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ସହିତ ମିଶି ୬୩ଜଣ ଯକ୍ଷ୍ମା ରୋଗୀଙ୍କୁ ଏକ ବର୍ଷ ପାଇଁ ପୁଷ୍ଟିକର କିଟ୍ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଆଶା କର୍ମୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପୁଷ୍ଟିକର କିଟ୍ ହସ୍ତାନ୍ତର କରାଯାଇଥିଲା। କମ୍ପାନୀର ସମ୍ପ୍ରଦାୟ-କେନ୍ଦ୍ରିତ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ କହିବାକୁ ଯାଇ,





ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ନିକ୍ଷୟ ମିତ୍ର ମାଧ୍ୟମରେ, ଆମେ ଏକ 'ଯକ୍ଷ୍ମାମୁକ୍ତ ଭାରତ'ର ଜାତୀୟ ମିଶନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ। ପୁଷ୍ଟିକର ସହାୟତା ଟିବି ଆରୋଗ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆଜି ପର୍ଯ୍ୟନ୍ତ, ଆମେ ଝାରସୁଗୁଡା ଏବଂ କଳାହାଣ୍ଡିରେ ୫୫୦ରୁ ଅଧିକ ରୋଗୀଙ୍କୁ ସମର୍ଥନ କରିଛୁ ଏବଂ ଏବେ ଏହି ସେବାକୁ ସୁନ୍ଦରଗଡକୁ ବିସ୍ତାର କରିବାକୁ ଆମେ ଉତ୍ସାହିତ। ଯାହା ଦେଶର ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି।

### ଗୋବିନ୍ଦପୁର ପଞ୍ଚାୟତରେ କୁକୁଡ଼ା ମଡ଼କ.

## ଦୁର୍ଗନ୍ଧରେ ଫାଟି ପଡୁଛି ସାରା ଅଞ୍ଚଳ

ପିପିଲି,(ସବ୍ୟୁ ):ଗୋବିନ୍ଦପୁର ଗ୍ରାମପଞ୍ଚାୟତରେ କୁକୁଡ଼ା ମଡ଼କ ଦେଖାଦେଇଛି। କୁକୁଡ଼ା ଚାଷୀ ମାନେ ହଜାର ହଜାର ମଲା କୁକୁଡ଼ାକୁ ପୋତିବା ପରିବର୍ତ୍ତେ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ପାର୍ଶରେ ଅର୍ଦ୍ଧ ରାତ୍ରିରେ ଫୋପାଡ଼ି ଦେଉଛନ୍ତି। ସେଗୁଡିକ ପଚି ସଡ଼ି ଯିବା ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ସାରା ଅଞ୍ଚଳ। ଗୋବିନ୍ଦପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ହାଇସ୍କୁଲ ଏବଂ ନୋଡାଲ ସ୍କୁଲ କୁ ଅଧ୍ୟୟନ ନିମନ୍ତେ ଆସୁଥିବା ପିଲାମାନେ ଏବଂ ଶିକ୍ଷକ ଓ କର୍ମଚାରୀ ମାନେ ଏହି ଦୁର୍ଗନ୍ଧ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଲା କୁକୁର ମଲା କୁକୁଡ଼ା ଗୁଡିକୁ ବୋହିନେଇ ଜନବସତି ଅଂଚଳରେ ପକାଉ ଥିବାରୁ ଭୟଙ୍କର ରୋଗ ବ୍ୟାପିବାର ସମ୍ଭାବନା ଦେଖାଦେଇଛି। ପୂର୍ବରୁ କେବେ ଉକ୍ତ ଅଂଚଳରେ ଏପରି କୁକୁଡ଼ା ମଡ଼କ ଦେଖିବାକୁ ମିଳିନଥିଲା। ବାର୍ଡ଼ଫ୍ଲୁ ରେ ଏପରି କୁକୁଡ଼ା ମଡ଼କ ହେଉ ଥିବାର ସାଧାରଣ ରେ ସନ୍ଦେହ ପ୍ରକାଶ ପାଇଅଛି।

## ଆଇଆଇଏମଟି କ୍ୟାମ୍ପସକୁ ଡ. ଗାବିନ୍ ସଂ ଙ୍କ ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର କ୍ୟାମ୍ପସ୍‌କୁ ଦୁଇଜଣ ବିଶିଷ୍ଟ ଶିକ୍ଷାବିତ୍ ଙ୍କୁ ଆମନ୍ତ୍ରଣ କରି



ଆତିଥ୍ୟ ପ୍ରଦାନ କରାଯାଇଥିଲା। ଡ଼. ଗାବିନ୍ ସଂ, ଆସୋସିଏଟ୍ ପ୍ରଫେସର୍, ଗୁଆଙ୍ଗଡୋଙ୍ଗ ବିଦେଶୀ ଭାଷା ବିଶ୍ୱବିଦ୍ୟାଳୟ, ସ୍କୁଲ୍ ଅଫ ବିଜନେସ୍, ଚୀନ୍ ଏବଂ ପ୍ରଫେସର୍ (ଡ଼.) ସୁଚେତା ପ୍ରିୟବାଦିନୀ, ଚେୟାର୍ ପ୍ରଫେସର ଏମଆରଡିସି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରଙ୍କୁ ଏକ ଅତିଥି ଅଧ୍ୟାପନା କାର୍ଯ୍ୟକ୍ରମ ନିମନ୍ତେଆମନ୍ତ୍ରଣ କରାଯାଇଥିଲା। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର୍ ଡ଼. ଜୟଦେବ କର ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଇଆଇଏମଟିର ଅନୁସନ୍ଧାନ ଓ ପ୍ରକାଶନ ବିଭାଗର ସହଯୁକ୍ତ ଡିନ୍ ଶ୍ରୀମତୀ ସୋମା ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ପ୍ରଫେସର୍ (ଡ଼.) ସୁଚେତା ପ୍ରିୟବାଦିନୀଙ୍କ ଦ୍ୱାରା ଏକ ଗଭୀର ପ୍ରାରମ୍ଭିକ ଅଭିଭାଷଣ ପ୍ରସ୍ତୁତ କରାଯାଇଥିଲା। ଡ଼. ଗାବିନ୍ ସଙ୍ଗ୍ ଙ୍କ ଦ୍ୱାରା ଦିଆଯାଇଥିବା "ଭାରତ-ଦକ୍ଷିଣ କୋରିଆ ସମ୍ପର୍କ ଓ ଉଦୀୟମାନ ବିଶ୍ୱବ୍ୟାପୀ ଚାକିରି ସୁଯୋଗ" ବିଷୟରେ ଏକ ବିଶେଷ ବ୍ୟାଖ୍ୟାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ପ୍ରତିଷ୍ଠିତ ହୋଇଥିଲା, ଯାହା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ପାଇଁ ଆନ୍ତର୍ଜାତୀୟ ସହଯୋଗ ଓ କ୍ୟାରିଅର୍ ସମ୍ଭାବନା ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ମାନନୀୟ ଅତିଥିମାନଙ୍କୁ ଆଇଆଇଏମଟିର ଅଧ୍ୟକ୍ଷ ପ୍ରଫେସର୍ (ଡ଼.) ଶ୍ରୀକାନ୍ତ ପଟ୍ଟନାୟକ ଓ ନିର୍ଦ୍ଦେଶକ ପ୍ରଫେସର୍ ଡ଼. ଜୟଦେବ କର ସମ୍ମାନିତ କରିଥିଲେ। ପ୍ରଫେସର୍ (ଡ଼.) ପଟ୍ଟନାୟକଙ୍କ ସମାପନୀ ଅଭିଭାଷଣ ଓ ଆଇଆଇଏମଟିର ପ୍ରିନ୍ସିପାଲ୍ ପ୍ରଫେସର୍ (ଡ଼.) ହିମାଂଶୁ ଶେଖର ମହାରଣାଙ୍କ ଦ୍ୱାରା ଦିଆଯାଇଥିବା ଔପଚାରିକ ଧନ୍ୟବାଦ ଜ୍ଞାପନ ସହିତ କାର୍ଯ୍ୟକ୍ରମକୁ ଉଦଯାପନ କରାଯାଇଥିଲା ।

### ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ପ୍ଲାଣ୍ଟରେ

## ବାର୍ଷିକ ୧୨୦ କିଲୋ ଟନ୍ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ଉତ୍ପାଦନ କ୍ଷମତା ବୃଦ୍ଧି କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ଏହାର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସଇଜେଡ) ୟୁନିଟରେ କ୍ଷମତା ବିସ୍ତାର ଘୋଷଣା କରିଛି, ଯାହା ଏହାର ପ୍ରାଥମିକ ଫାଉଣ୍ଡ୍ରି ଆଲୟ ୟୁନିଟର ସ୍ଥାପିତ କ୍ଷମତାକୁ ବାର୍ଷିକ ୧୨୦ କିଲୋ ଟନ୍ ବୃଦ୍ଧି କରିବ। ଏହି ସମ୍ପ୍ରସାରଣ ବିଶ୍ୱ ଅଟୋମୋଟିଭ୍ ଏବଂ ଇଞ୍ଜିନିୟରିଂ ଆଲୁମିନିୟମ ବଜାରରେ ଭାରତର ସ୍ଥିତିକୁ ମଜବୁତ କରିବ। ଉଲ୍ଲେଖନୀୟ ଯେ, ବେଦାନ୍ତ ଆଲୁମିନିୟମ ପ୍ରଥମ ଭାରତୀୟ କମ୍ପାନୀ ଥିଲା ଯିଏ ଘରୋଇ ବଜାରରେ ପିଏଫଏ ଉତ୍ପାଦନ ଏବଂ ଯୋଗାଣ କରିଥିଲା।

ପ୍ରାଥମିକ ଫାଉଣ୍ଡ୍ରି ଆଲୟଗୁଡ଼ିକ ଆଲୋଏ ଚକ, ସିଲିଣ୍ଡର ହେଡ୍, ଇଞ୍ଜିନ ବ୍ଲକ ଏବଂ ଟ୍ରାନ୍ସମିସନ୍ ହାଉସିଂ ଭଳି ଗୁରୁତ୍ୱପୂର୍ଣ୍ଣ ଅଟୋମୋଟିଭ୍



ଉପାଦାନଗୁଡ଼ିକର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେମାନଙ୍କର ଉତ୍କୃଷ୍ଟ କାଷ୍ଟେବିଲିଟି, ଶକ୍ତି ଏବଂ ତାପଜ ବାହନ ପାଇଁ ପ୍ରସିଦ୍ଧ, ଏହି ମିଶ୍ରଧାତୁଗୁଡ଼ିକ ଆଧୁନିକ ଯାନ ଉତ୍ପାଦନ କରିବା ପାଇଁ ଅତ୍ୟାବଶ୍ୟକ ଯାହା ଇନ୍ଧନ ଦକ୍ଷତା ଏବଂ କଠୋର ନିର୍ଗମନ ନିୟନ୍ତ୍ରଣ ଉଭୟ ଦାବି କରେ। ବେଦାନ୍ତର ପିଏଫଏ ଗୁଡ଼ିକ ବିଏସ-୬ ଏବଂ କାଫେ ମାନଦଣ୍ଡ ସମେତ ବିଶ୍ୱସ୍ତରୀୟ ଗୁଣବତା ମାନଦଣ୍ଡ ଅନୁଯାୟୀ ଉତ୍କର୍ଷ ହାସଲ କରିବା ପାଇଁ ଇଞ୍ଜିନିୟର୍ଡ କରାଯାଇଛି, ଯାହା ସେମାନଙ୍କୁ ବିଶ୍ୱସ୍ତରୀୟ ଅଗ୍ରଣୀ ଅଟୋମେକରମାନଙ୍କ ପାଇଁ ଏକ ପସନ୍ଦୀୟ ପସନ୍ଦ କରିଥାଏ।

ଏହି ସମ୍ପ୍ରସାରଣର ସମୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ପିଏଫଏ ବଜାର ୫.୮% ସିଏଜିଆରରେ ବୃଦ୍ଧି ପାଉଛି, ଭାରତ ବାର୍ଷିକ ୬.୫% ରେ ଏହାକୁ ପଛରେ ପକାଇ ଦେଇଛି, ଏହା ଏକ ବୃଦ୍ଧି ପାଉଥିବା ଅଟୋମୋଟିଭ୍ କ୍ଷେତ୍ର ଏବଂ ବିଦ୍ୟୁତିକରଣ ଏବଂ ହାଲୁକା ସାମଗ୍ରୀ ପାଇଁ ଏକ ଦୃଢ଼ ପ୍ରୟାସ ଦ୍ୱାରା ପରିଚାଳିତ। ଆକଳନ ସୂଚିତ କରେ ଯେ ଭାରତର ଚରଇ ବଜାର ଆଗାମୀ ପାଂଚ ବର୍ଷ ମଧ୍ୟରେ ୭% ସିଏଜିଆରରେ ବୃଦ୍ଧି ପାଇବ, ବିଶ୍ୱସ୍ତରୀୟ ଧାରାଗୁଡ଼ିକୁ ପଛରେ ପକାଇ ଏବଂ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ, ଉତ୍ପାଦ-ଲିଙ୍କ୍ଡ୍ ପ୍ରୋତ୍ସାହନ ଯୋଜନା ଏବଂ ଇଭି ଗ୍ରହଣ ସହିତ ସମନ୍ୱୟ ରକ୍ଷା କରିବ।

ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମର ପ୍ରାଥମିକ ଫାଉଣ୍ଡ୍ରି ଆଲୟ କ୍ଷମତାର ବିସ୍ତାର ଆମ ଗ୍ରାହକଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବା ଏବଂ ଭାରତକୁ ଉନ୍ନତ ଆଲୁମିନିୟମ ସମାଧାନ ପାଇଁ ଏକ ବିଶ୍ୱବ୍ୟାପୀ କେନ୍ଦ୍ର ଭାବରେ ସ୍ଥାନିତ କରିବା ତଥା ଆତ୍ମନିର୍ଭର ଭାରତ ମିଶନକୁ ମଜବୁତ କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ।

## ଥାଇଲାଣ୍ଡ-କମ୍ବୋଡିଆ ଯୁଦ୍ଧ

# ଭାରତୀୟଙ୍କ ପାଇଁ ଜାରି ହେଲା ସତର୍କ ସୂଚନା

ନୂଆଦିଲ୍ଲୀ: ଥାଇଲ୍ୟାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ଯୁଦ୍ଧ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଥାଇଲ୍ୟାଣ୍ଡରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ନିଜ ଦେଶର ନାଗରିକଙ୍କୁ ୭ଟି ପ୍ରଦେଶକୁ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି । ଦୀର୍ଘ ସମୟ ଧରି କମ୍ବୋଡିଆ ଓ ଥାଇଲ୍ୟାଣ୍ଡ ମଧ୍ୟରେ ଥିବା ସୀମା ବିବାଦ ଏବେ ସାମରିକ ଲଢେଇର ରୂପ ନେବାରୁ ଭାରତୀୟଙ୍କ ପାଇଁ ଏପରି ସତର୍କତା ଜାରି କରାଯାଇଛି ।

ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଥାଇଲ୍ୟାଣ୍ଡ-କମ୍ବୋଡିଆ ସୀମାରେ ସୃଷ୍ଟି ହୋଇଥିବା ସ୍ଥିତିକୁ ଦୃଷ୍ଟିରେ ରଖି ଥାଇଲ୍ୟାଣ୍ଡ ଆସୁଥିବା ସମସ୍ତ ଭାରତୀୟଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଥାଇ ଅଧିକାରୀଙ୍କ ସୂତ୍ରରୁ ସ୍ଥିତି ସମ୍ପର୍କରେ ଅପଡେଟ ନିଅନ୍ତୁ । ଟିଏଟି ନ୍ୟୁଜରୁମରୁ ସେମାନେ ପରିସ୍ଥିତି ସମ୍ପର୍କରେ ତଥ୍ୟ ହାସଲ କରିପାରିବେ । ଥାଇଲ୍ୟାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଫୁମଥାମ ୱେଚାୟାଚାଇ ସ୍ଥିତି ଭୟଙ୍କର ଭାବେ ବିଗିଡ଼ି ସାରିଥିବା କହିବା ପରେ ଭାରତୀୟଙ୍କ ପାଇଁ ଏଭଳି ସତର୍କତା ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ଫୁମଥାମ ୱେଚାୟାଚାଇ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ଦେଖାଯାଇଥିବା ଅନୁପ୍ରବେଶ ଓ ଉତ୍ତେଜନା ଲୋକଙ୍କ ଜୀବନକୁ ପ୍ରଭାବିତ କରିବା ସହ ବିପଦ ସୃଷ୍ଟି କରିଛ । ସ୍ଥିତି ବିଗିଡ଼ି ଯାଇଛି ଓ ଏହା ଗୋଟିଏ ବଡ଼ ଯୁଦ୍ଧର ମଧ୍ୟ ରୂପ ନେଇ ପାରେ । ବର୍ତ୍ତମାନ ବଡ଼ବଡ଼ ଯୁଦ୍ଧାସ୍ତ୍ରରେ ଲଢେଇ ଚାଲିଛି । ଉବୋନ ରାତଚାଥାନି, ସୁରିନ, ସିସାକେଟ, ବୁରିରାମ, ସା କାଇଓ, ଚାନ୍ଥାବୁରୀ ଓ ତ୍ରାଟ ଭଳି ୭ଟି ପ୍ରଦେଶର ୨୦ରୁ ଅଧିକ ସ୍ଥାନକୁ ନ ଯିବା ପାଇଁ ସାଧାରଣ ଲୋକଙ୍କୁ କୁହାଯାଇଛି । ଦୁଇ ଦେଶ ପରସ୍ପର ଉପରେ ଗୁଳି ବର୍ଷା କରୁଥିବା ବେଳେ ରକେଟ ଦ୍ୱାରା ଆକ୍ରମଣ କରୁଛନ୍ତି । ଥାଇଲ୍ୟାଣ୍ଡ ପକ୍ଷରୁ କମ୍ବୋଡିଆର କିଛି ସ୍ଥାନରେ ଏୟାର ଷ୍ଟ୍ରାଇକ କରାଯାଇଥିବା ଜଣାପଡ଼ିଛି ।

ତା ମ୍ୟୁନ ଓ ତା ମୋନ ଥୋମ ମନ୍ଦିର ନିକଟରେ ଗୁରୁବାର ସକାଳୁ ଲଢ଼େଇ ଆରମ୍ଭ ହୋଇଛି । ଏହା ଏକ ଶିବ ମନ୍ଦିର । ଏହି ଅଞ୍ଚଳକୁ ଉଭୟ ଦେଶ ନିଜର ବୋଲି ଦୀର୍ଘ ସମୟ ହେଲା ଦାବି କରି ଆସୁଛନ୍ତି । ଥାଇ ଆର୍ମିର କହିବା କଥା ଯେ କମ୍ବୋଡିଆ ପକ୍ଷରୁ ପ୍ରଥମେ ଗୁଳି ମାଡ଼ କରାଯାଇଥିଲା । ଏହାପୂର୍ବରୁ ସୀମାନ୍ତ ଅଞ୍ଚଳରେ ଗୋଟିଏ ଡ୍ରୋନ ଦେଖିବାକୁ ମିଳିଥିଲା ।

# ମାଲଦ୍ୱୀପ-ଭାରତ ମଧ୍ୟରେ ୪ଟି ଏମଓୟୁ

ମାଲେ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲଦୀପର ଦୁଇ ଦିନିଆ ରାଜକୀୟ ଗସ୍ତରେ ଆଜି ମାଲଦ୍ୱୀପ ରାଜଧାନୀ ମାଲେରେ ପହଞ୍ଚିଛନ୍ତି । ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ଆମନ୍ତ୍ରଣରେ ସେ ମାଲଦୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ମୋଦୀ ଓ ମୁଇଜ୍ଜୁ ଚାରିଟି ଏମଓୟୁ ଓ ତିନିଟି ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ୫୬୫ ମିଲିୟନ ଡଲାରର କ୍ରେଡିଟ ଲାଇନ ଅନ୍ତର୍ଭୁକ୍ତ । ଏହା ମାଲାଦ୍ୱୀପର ବିକାଶ ପାଇଁ ବ୍ୟବହୃତ ହେବ ।



ଏହି ଗସ୍ତ ଭାରତ-ମାଲଦୀପ ସମ୍ପର୍କକୁ ଦୃଢ଼ କରିବ ଓ 'ନେବରହୁଡ ଫାର୍ଷ୍ଟ' ନୀତିକୁ ପ୍ରୋତ୍ସାହନ ଦେବ । ଶୁକ୍ରବାର ମାଲଦ୍ୱୀପ ରାଜଧାନୀ ମାଲେରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ନିଜେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରରେ ପହଞ୍ଚିଥିଲେ । ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ମାଲେ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଦାର ସ୍ୱାଗତ କରିଥିଲେ । ଏହି ସମୟରେ ମୋଇଜ୍ଜୁଙ୍କ କ୍ୟାବିନେଟ ମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ । ମାଲଦ୍ୱୀପ ରାଷ୍ଟ୍ରପତି ମୋଇଜ୍ଜୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ।

### ମାଲଦ୍ୱୀପର ପ୍ରତିରକ୍ଷା ମନ୍ତ୍ରଣାଳୟ ଭବନ ଉଦ୍‌ଘାଟିତ

ମାଲେ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ ମାଲେଠାରେ ମାଳଦ୍ୱୀପର ଅତ୍ୟାଧୁନିକ ପ୍ରତିରକ୍ଷା ମନ୍ତ୍ରଣାଳୟ (ଏମଓଡି) ସୌଧକୁ ମିଳିତ ଭାବେ ଉଦଘାଟନ କରିଛନ୍ତି ।

ଏଗାର ମହଲା ବିଶିଷ୍ଟ ଏହି ଅଟ୍ଟାଳିକା ହେଉଛି ଦୁଇ ଦେଶ ମଧ୍ୟରେ ସୁଦୃଢ଼ ଏବଂ ଦୀର୍ଘସ୍ଥାୟୀ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗର ପ୍ରତୀକ । ପ୍ରତିରକ୍ଷା ମନ୍ତ୍ରଣାଳୟର ଏହି ଭବନ ଭାରତର ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଛି ଏବଂ ଏହା ମାଳଦ୍ୱୀପର ପ୍ରତିରକ୍ଷା ଏବଂ ଆଇନ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କ ସାମର୍ଥ୍ୟ ବୃଦ୍ଧି ଦିଗରେ ଯୋଗଦାନ ହେବ ।

## ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜୟପୁର: ଜୟପୁରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେବାପରେ ଜରୁରୀ ଅବତରଣ କରିଛି । ଶୁକ୍ରବାର ଅପରାହ୍ନରେ ଜୟପୁରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୬୧୨ ଉଡ଼ିବାର ମାତ୍ର ୧୮ ମିନିଟ ପରେ ପାଇଲଟ ଯାନ୍ତ୍ରିକ ତ୍ରୁଟି ଥିବା ଅନୁଭବ କରଥିଲେ । ତେଣୁ ପାଇଲଟ ବିଳମ୍ବ ନକରି ଜରୁରୀଅବତରଣ ପାଇଁ ଅନୁମତି ମାଗି ଜୟପୁର ବିମାନବନ୍ଦରରେ ବିମାନକୁ ସୁରକ୍ଷିତ ଭାବେ ଓହ୍ଲାଇ ଥିଲେ । ଗତ ବୁଧବାର ଦିଲ୍ଲୀ ବିମାନବନ୍ଦରୁ ଉଡ଼ିବାକୁ ଥିବା ମୁମ୍ବାଇର ଏକ ବିମାନ ଟେକଅପ ପୂର୍ବରୁ ତ୍ରୁଟି ପରିଲକ୍ଷିତ ହେବାପରେ ଯାତ୍ରାକୁ ବାତିଲ କରାଯାଇଥିଲା । ଯେଉଁଥିରେ ୧୬୦ଜଣ ଯାତ୍ରୀ ଯାତ୍ରା କରିବାକୁ ପ୍ରସ୍ତୁତ ଥିଲେ ।

## ମୋଦୀ ଭାଙ୍ଗିଲେ ଇନ୍ଦିରା ଗାନ୍ଧିଙ୍କ ରେକର୍ଡ

ନୂଆଦିଲ୍ଲୀ: ନରେନ୍ଦ୍ର ମୋଦୀ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି ଯିଏ ସର୍ବାଧିକ ସମୟ ପାଇଁ ନିରନ୍ତର ଭାବରେ ତାଙ୍କ ପଦବୀରେ ରହିଛନ୍ତିଛ ସେ ଏହି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପଛରେ ପକାଇ ଦେଇଛନ୍ତିଛ ପଣ୍ଡିତ ଜବାହରଲାଲ ନେହେରୁ ସର୍ବାଧିକ ସମୟ ପାଇଁ ଦେଶର ପ୍ରଧାନମନ୍ତ୍ରୀ ଥିଲେଛ ସେ ନିରନ୍ତର ଭାବରେ ୧୬ ବର୍ଷ ୨୮୬ ଦିନ ପାଇଁ ଏହି ପଦବୀରେ ଥିଲେଛ ଇନ୍ଦିରା ଗାନ୍ଧୀ ୪୦୭୭ ଦିନ ପାଇଁ ପ୍ରଧାନମନ୍ତ୍ରୀ ଥିଲେଛ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ୪୦୭୮ ଦିନ ପାଇଁ ଏହି ପଦବୀରେ ଅଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଟୋବର ୨୦୦୧ ରୁ ମେ ୨୦୧୪ ପର୍ଯ୍ୟନ୍ତ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ । ସେ ସର୍ବାଧିକ ସମୟ ପାଇଁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ ମଧ୍ୟ କରିଛନ୍ତି । ଏବେ ସେ ପ୍ରଧାନମନ୍ତ୍ରୀ ହୋଇ ଏକ ରେକର୍ଡ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ୨୦୧୪ ରୁ ତାଙ୍କ ପଦବୀରେ ଅଛନ୍ତି । ସେ ୨୫ ଜୁଲାଇ ୨୦୨୫ ରେ ତାଙ୍କ କାର୍ଯ୍ୟକାଳର ୪୦୭୮ ଦିନ ପୂରଣ କରିଛନ୍ତି । ଏହି ପ୍ରକାରେ, ମୋଦୀ ଇନ୍ଦିରା ଗାନ୍ଧୀଙ୍କୁ ପଛରେ ପକାଇ ଦେଇଛନ୍ତି । ପଣ୍ଡିତ ନେହେରୁ ୧୫ ଅଗଷ୍ଟ ୧୯୪୭ ରୁ ୨୭ ମଇ ୧୯୬୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ । ସେ ପ୍ରାୟ ୧୬ ବର୍ଷ ୯ ମାସ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ଇନ୍ଦିରା ଗାନ୍ଧୀ ୨୪ ଜାନୁଆରୀ ୧୯୬୬ ରୁ ୨୪ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ । ସେ ୧୧ ବର୍ଷ ୨ ମାସ ପର୍ଯ୍ୟନ୍ତ ନିରନ୍ତର ଏହି ପଦବୀରେ ରହି ଏକ ରେକର୍ଡ ସୃଷ୍ଟି କରିଥିଲେ, କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି ।

## ଶାସ୍ତ୍ର ଓ ଶସ୍ତ୍ର ଉଭୟ ଜରୁରୀ : ସିଡିଏସ୍

ନୂଆଦିଲ୍ଲୀ : ଚିଫ ଅଫ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଜେନେରାଲ ଅନିଲ ଚୌହାନ କହିଛନ୍ତି ଯେ 'ଅପରେସନ୍ ସିନ୍ଦୂର' ଏବେ ବି ଚାଲିଛି ଏବଂ ସେନାକୁ ସବୁବେଳେ ସର୍ବାଧିକ ସତର୍କ ସ୍ଥିତିରେ ରହିବାକୁ ପଡିବ । ସେ କହିଛନ୍ତି ଯେ ଯୁଦ୍ଧ ପାଇଁ ଶସ୍ତ୍ର ଏବଂ ଶାସ୍ତ୍ର (ଜ୍ଞାନ) ଉଭୟ ଆବଶ୍ୟକ ।



ସେ କହିଛନ୍ତି ଯେ ଆଜିର ଯୁଦ୍ଧ ପାରମ୍ପରିକ ଏବଂ ଆଧୁନିକ ପଦ୍ଧତିର ମିଶ୍ରଣ, ଯେଉଁଥିରେ କାଇନେଟିକ୍ (ଅସ୍ତ୍ର-ଆଧାରିତ) ଏବଂ ନନ୍-କାଇନେଟିକ୍ (ସୂଚନା-ଆଧାରିତ) ରଣନୀତି ଉଭୟ ଅନ୍ତର୍ଭୁକ୍ତ । ଏହା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପିଢ଼ିର ଯୁଦ୍ଧ କୌଶଳର ସମନ୍ୱୟ । ସେ କହିଛନ୍ତି ଯେ ଆଧୁନିକ ଯୁଗର ଯୁଦ୍ଧ ପାଇଁ ଆମକୁ ଅଲଗା ପ୍ରକାରର ସୈନିକ ଆବଶ୍ୟକ, ଯେଉଁମାନେ ଏଆଇ, ସାଇବର ଯୁଦ୍ଧକୌଶଳରେ ପାରଙ୍ଗମ ଥିବେ । ସେହିପରି ଇନଫୋ ୱାରିୟର୍ସ ବା ସୂଚନା ସୈନିକ ନ୍ୟାରେଟିଭ ୱାର୍ କିମ୍ବା ଦୁଷ୍ପ୍ରଚାର ବିରୋଧରେ ଲଢେଇ କରିବେ । ଏହା ହିଁ ଆଧୁନିକ ଯୁଦ୍ଧର ନୂଆ ପରିଭାଷା ଓ ଆଗାମୀ କାଲିର ଯୁଦ୍ଧ ବହୁତ ଅଲଗା ହେବ ।

ଆଧୁନିକ ଯୁଗର ଯୁଦ୍ଧ ପାଇଁ ଆମକୁ ଅଲଗା ପ୍ରକାରର ସୈନିକ ଆବଶ୍ୟକ, ଯେଉଁମାନେ ଏଆଇ, ସାଇବର ଯୁଦ୍ଧକୌଶଳରେ ପାରଙ୍ଗମ ଥିବେ । ସେହିପରି ଇନଫୋ ୱାରିୟର୍ସ ବା ସୂଚନା ସୈନିକ ନ୍ୟାରେଟିଭ ୱାର୍ କିମ୍ବା ଦୁଷ୍ପ୍ରଚାର ବିରୋଧରେ ଲଢେଇ କରିବେ । ଏହା ହିଁ ଆଧୁନିକ ଯୁଦ୍ଧର ନୂଆ ପରିଭାଷା ଓ ଆଗାମୀ କାଲିର ଯୁଦ୍ଧ ବହୁତ ଅଲଗା ହେବ । ଭାରତ ୭ ମଇ ଭୋର ସମୟରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଏବଂ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଅନେକ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଥିଲା । ପାକିସ୍ତାନ ମଧ୍ୟ ଭାରତ ବିରୁଦ୍ଧରେ ଆକ୍ରମଣାତ୍ମକ ପଦକ୍ଷେପ ଆରମ୍ଭ କରିଥିଲା ଏବଂ ଭାରତ ଦ୍ୱାରା ପରବର୍ତ୍ତୀ ସମସ୍ତ ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟ ଅପରେସନ ସିନ୍ଦୂର ଅଧୀନରେ କରାଯାଇଥିଲା ।

## ସେୟାର ବଜାର ତଳମୁହାଁ

# ସୂଚକାଙ୍କ ୭୦୦ ପଏଣ୍ଟ ହ୍ରାସ

ମୁମ୍ବାଇ: ଲଗାତାର ଭାବେ ସେୟାର୍ ବଜାର ହ୍ରାସ ହେବାରେ ଲାଗିଛି । ସୂଚକାଙ୍କ ୭୨୦ରୁ ଅଧିକ ପଏଣ୍ଟ୍ ହ୍ରାସ ପାଇଛି । ଯେତେବେଳେ କି ନିଫ୍ଟିରେ ୨୨୫ ପଏଣ୍ଟ୍ ହ୍ରାସ ପାଇଛି । ନିଫ୍ଟିରେ ୨୨୫ ପଏଣ୍ଟ୍ ହ୍ରାସ ପାଇ ୨୪୮୩୭ରେ ବନ୍ଦ୍ ହୋଇଛି । ବିଏସଇର ସୂଚନା ଅନୁଯାୟୀ ଟପ୍ ୩୦ରୁ କେବଳ ଏକମାତ୍ର ସେୟାର୍ ଉପରମୁହାଁ ରହିଛି । ବାକି ସବୁ ତଳମୁହାଁ ।



ସବୁଠାରୁ ବେଶି ହ୍ରାସ ଦେଖିବାକୁ ମିଳିଛି ବଜାଜ୍ ଫାଇନାନ୍ସରେ । ବଜାଜ୍ ଫାଇନାନ୍ସରେ ୪.୬୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଥିବା ବେଳେ ଟେକ୍ ମହିନ୍ଦ୍ରା, ଇନ୍ଫୋସିସ୍, ପାୱାର ଗ୍ରେଡ୍ ଆଦି ସେୟାରରେ ୨ ପ୍ରତିଶତରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି । ଯାହାଫଳରେ ନିବେଶକଙ୍କୁ ଖୁବ୍ ଅଧିକ କ୍ଷତି ସହିବାକୁ ପଡ଼ିଛି । ଉଲ୍ଲେଖଯୋଗ୍ୟ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଗତ କିଛି ଦିନ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥିଲା । ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସିଥିଲା । ମାତ୍ର ଗତ କିଛି ମାସ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ବଜାର ରହିଥିବା ବେଳେ ଏବେ ପୁଣି ଟ୍ରେଣ୍ଡ୍ ବଦଳିଛି ।

## ଏଲଓସିରେ ଲ୍ୟାଣ୍ଡମାଇନ ବିସ୍ଫୋରଣ

# ଅଗ୍ନିବୀର ମୃତ



ପୁଞ୍ଛ: ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲ୍ଲାର ଏଲଓସିରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛ । ଭାରତୀୟ ସେନାର ପ୍ୟାଟ୍ରୋଲିଂ ବେଳେ ହୋଇଥିବା ବିସ୍ଫୋରଣରେ ଜଣେ ଅଗ୍ନିବୀର ଦେଶ ପାଇଁ ବଳିଦାନ ଦେଇଛନ୍ତି । ସେହିପରି ଆଉ ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି ।

ସେନା ପକ୍ଷରୁ କୁହାଯାଇଛି ଯେ ଜୁଲାଇ ୨୫ରେ କ୍ରିଷ୍ଣା ଘାଟିର ସାଧାରଣ ଅଞ୍ଚଳରେ ପ୍ୟାଟ୍ରୋଲିଂ ଚାଲିଥିଲା । ଏହି ସମୟରେ ଗୋଟିଏ ମାଇନ ବିସ୍ଫୋରଣ ହୋଇଛି । ଏଥିରେ ଜଣେ ଅଗ୍ନିବୀର ପ୍ରାଣ ହରାଇଛନ୍ତି ଓ ଆଉ ଦୁଇ ଜଣ ଆହତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଦୁଇ ଆହତଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଜେସିଓ । ତାଙ୍କୁ ମିଲିଟାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଅବସ୍ଥା ସ୍ଥିର ଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି ।

## ଏବେ ଡ୍ରୋନ୍‌ରୁ ମାଡ଼ କରାଯାଇପାରିବ କ୍ଷେପଣାସ୍ତ୍ର

ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶରେ ଆଜି ଏଭଳି ଏକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି ଯାହାକୁ ଡ୍ରୋନରେ ଲଗାଇ ଶତ୍ରୁକୁ ଟାର୍ଗେଟ କରି ନିକ୍ଷେପ କରାଯାଇପାରିବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋସିଆଲ ମିଡିଆରେ ପୋଷ୍ଟ କରି ଏବିଷୟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରତିରକ୍ଷା କ୍ଷେତ୍ରରେ ଏହା ଭାରତ ପାଇଁ ଆଉ ଏକ ବଡ଼ ସଫଳତା ।



ରାଜନାଥ ସିଂହ କରିଥିବା ପୋଷ୍ଟରେ ଲେଖାଯାଇଛି ଯେ, 'ଭାରତର ପ୍ରତିରକ୍ଷା କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି । ଡିଆରଡିଓ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ଥିବା ନ୍ୟାସନାଲ ଓପନ୍ ଏରିଆ ରେଞ୍ଜ (ଏନଓଏଆର)ରେ ମାନବରହିତ ଯାନରୁ ନିକ୍ଷେପ କରାଯାଇପାରୁଥିବା ପ୍ରିସିସନ୍ ମିସାଇଲ୍ (ୟୁଏଲପିଜିଏମ)-ଭି୩ର ସଫଳତାପୂର୍ବକ ପରୀକ୍ଷଣ କରିଛି । ଏଭଳି ଲେଖି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଏହି ପରୀକ୍ଷଣକୁ ଭାରତର କ୍ଷେପଣାସ୍ତ୍ର କ୍ଷମତା ପାଇଁ ଏକ ବଡ଼ ପ୍ରୋତ୍ସାହନ ଭାବେ ବର୍ଣ୍ଣନା କରିଛନ୍ତି । ପୂର୍ବରୁ,(ୟୁଏଲପିଜିଏମ)-ଭି୨କୁ ଡିଆରଡିଓର ଟର୍ମିନାଲ ବାଲିଷ୍ଟିକ୍ ଗବେଷଣାଗାର ଦ୍ୱାରା ବିକଶିତ କରାଯାଇଥିଲା, ଯେଉଁଥିରେ ବହୁବିଧ ଯୁଦ୍ଧାସ୍ତ୍ର ବିନ୍ୟାସ ଥିଲା । ୟୁଏଲପିଜିଏମ ସିଷ୍ଟମଗୁଡ଼ିକୁ ହାଲୁକା, ସଠିକ୍ ଏବଂ ବିଭିନ୍ନ ଯାନରୁ ଆକାଶ ମାର୍ଗରେ ନିକ୍ଷେପ କରାଯିବା ପାଇଁ ଡିଜାଇନ୍ କରାଯାଇଛି ।

# ଭାରତରେ ବଢୁଛି ପରକୀୟା ସମ୍ପର୍କ

ନୂଆଦିଲ୍ଲୀ: ଗ୍ଲୋବାଲ ଡେଟିଂ ପ୍ଲାଟଫର୍ମ ଆସ୍ଲେ ମାଡିସନ୍ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ପରକୀୟା ସମ୍ପର୍କରେ ଭାରତ ବିଶ୍ୱସ୍ତରରେ ଷଷ୍ଠ ସ୍ଥାନ ହାସଲ କରିଛି । ଛୋଟ ସହରଗୁଡ଼ିକ ମେଟ୍ରୋକୁ ପଛରେ ପକାଇ ଦେଇଥିବାରୁ ସମ୍ପର୍କ ଗତିଶୀଳତାରେ ପରିବର୍ତ୍ତନ ଦେଖିବାକୁ ମିଳିଛି ।



ତାମିଲନାଡୁର କାଞ୍ଚିପୁରମ୍ ଆଶ୍ଚର୍ଯ୍ୟଜନକ ଭାବେ ଏଭଳି କ୍ଷେତ୍ରରେ ଦେଶର ଏକ ନମ୍ବର ସହର ଭାବେ ଉଭା ହୋଇଛି । ୨୦୨୪ରେ ଏହା ୧୭ଶ ସ୍ଥାନରେ ଥିଲା । ଆସ୍ଲେ ମାଡିସନ୍ ସ୍ପଷ୍ଟ କରିଛି ଯେ ଏହି ମାନ୍ୟତା କେବଳ ନୂତନ ଉପଭୋକ୍ତା ପଞ୍ଜୀକରଣ ଉପରେ ଆଧାରିତ ନୁହେଁ, ବରଂ ଏଥିରେ ଉପଭୋକ୍ତାଙ୍କ ସମ୍ପୃକ୍ତି, ପ୍ଲାଟଫର୍ମରେ ବିତାଇଥିବା ସମୟ ଓ ଭାବ ଆଦାନପ୍ରଦାନର ସ୍ତର ମଧ୍ୟ ଅନ୍ତର୍ଭୁକ୍ତ ଅଛି । ଏହା ଚାଲୁ ରହିଥିବା ପରକୀୟା ସମ୍ପର୍କର ସୂଚକ ।

ଏହି ଧାରା ଆଉ ବଡ଼ ସହରରେ ସୀମିତ ନାହିଁ । ମୁମ୍ବାଇ ଭଳି ପାରମ୍ପରିକ ମେଟ୍ରୋ ହବକୁ ପଛରେ ପକାଇ ଜୟପୁର, ଗାଜିଆବାଦ, ରାୟଗଡ଼ ଓ କାମରୂପ ଭଳି ଟାୟାର-୨ ସହର ଏହି ତାଲିକାରେ ସ୍ଥାନ ପାଇଛି । ପରକୀୟା ସଂପର୍କରେ ଶୀର୍ଷ ୨୦ଟି ଭାରତୀୟ ଜିଲ୍ଲା ମଧ୍ୟରୁ ୯ଟି ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳର, ଯେଉଁଥିରେ କେନ୍ଦ୍ରୀୟ ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା ଓ ଗାଜିଆବାଦ ଅନ୍ତର୍ଭୁକ୍ତ । ଏପ୍ରିଲରେ ପ୍ରକାଶିତ ଏକ ୟୁ-ଗଭ୍ ସର୍ଭେରେ ୫୩% ଭାରତୀୟ ଅଂଶଗ୍ରହଣକାରୀ ବିବାହୋତ୍ତର ସମ୍ପର୍କ ଥିବା ସ୍ୱୀକାର କରିଥିଲେ, ଯାହା ଭାରତ ଓ ବ୍ରାଜିଲକୁ ବିଶ୍ୱସ୍ତରରେ ଶୀର୍ଷରେ ରଖିଥିଲା ।

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା

# ଉପକୃତ ହେବ ଓଡ଼ିଶା

ନୂଆଦିଲ୍ଲୀ: ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ସ୍ୱାକ୍ଷରିତ ହେବା ପରେ ଓଡ଼ିଶା ସମେତ ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ବ୍ୟବସାୟର ଅପାର ସମ୍ଭାବନା ସୃଷ୍ଟି ହୋଇଛ । ବିଶେଷ କରି ସାମୁଦ୍ରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡ଼ିଶାକୁ ଏହି ବାଣିଜ୍ୟିକ ରାଜିନାମାର ଲାଭ ମିଳିବ । ଭାରତ-ବ୍ରିଟେନ୍ ଏଫଟିଏ ଦ୍ୱାରା ଓଡ଼ିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ପାଇଁ ବ୍ରିଟେନରେ ଏକ ବଡ଼ ବଜାର ସୃଷ୍ଟି ହେବ । ପାରାଦୀପ ଏବଂ ବାଲେଶ୍ୱର ଭଳି ସ୍ଥାନରୁ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟପାଳନ ଉଦ୍ୟୋଗ ଲାଭାନ୍ୱିତ ହୋଇପାରିବେ ।



ପୂର୍ବରୁ ଭାରତରୁ ବ୍ରିଟେନକୁ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ହେଉଥିଲା । ଅଧିକ ଶୁଳ୍କ କାରଣରୁ ବ୍ରିଟେନର ୫.୪ ବିଲିୟନ ଆମେରିକୀୟ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନିରେ ଭାରତର ଅଂଶଧନ ମାତ୍ର ୨.୫% ଥିଲା । ୨୦୨୪-୨୫ରେ ଭାରତରୁ ୧୦୪.୪୩ ନିୟୁତ ଡଲାର ସାମୁଦ୍ରିକ ଉତ୍ପାଦ ରପ୍ତାନି ହୋଇଥିବା ବେଳେ ଏଥିରେ ଚିଙ୍ଗୁଡ଼ିର ଭାଗ ୭୭% ରହିଛି । ପୂର୍ବରୁ ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡ଼ି ଉପରେ ୪.୨%ରୁ ୮.୫% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା । ସେହିପରି ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଉପରେ ଶୁଳ୍କ ପରିମାଣ ୨୧.୫%ରେ ପର୍ଯ୍ୟନ୍ତ ବୃଦ୍ଧି ପାଉଥିଲା । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବିସ୍ତୃତ ବାଣିଜ୍ୟିକ ରାଜିନାମା ପରେ ଭାରତର ୯୯% ସାମୁଦ୍ରିକ ଉତ୍ପାଦକୁ ବ୍ରିଟେନ୍ ବଜାରରେ ନିଃଶୁଳ୍କ କାରବାର ପାଇଁ ସୁବିଧା ମିଳିବ । ଫଳରେ ଦେଶର ସାମୁଦ୍ରିକ ରପ୍ତାନି ଓ କାରବାର ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି । ଏହାଦ୍ୱାରା ଓଡ଼ିଶା ସମେତ ସବୁ ଉପକୂଳବର୍ତ୍ତୀ ରାଜ୍ୟ ବିଶେଷ ଲାଭ ପାଇବେ । ଓଡ଼ିଶାରେ ରପ୍ତାନି ଆଧାରିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରପ୍ତାନିକାରୀମାନଙ୍କୁ ଭଲ ମୂଲ୍ୟ ମିଳିବ ଏବଂ ମତ୍ସ୍ୟଜୀବୀଙ୍କର ଆୟ ବୃଦ୍ଧି ପାଇବ । ରାଜ୍ୟ ତଥା ଦେଶର ଉପକୂଳ ଅର୍ଥବ୍ୟବସ୍ଥା ପାଇଁ ଅପାର ସମ୍ଭାବନା ସୃଷ୍ଟି ହେବ । ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ନିୟୋଜିତ ମହିଳାମାନେ ମଧ୍ୟ ଅଧିକ ରୋଜଗାରକ୍ଷମ ହୋଇପାରିବେ ।

ଅପରପକ୍ଷରେ ଓଡ଼ିଶାର ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀର ଅନ୍ତର୍ଜାତୀୟ ବଜାରରେ ବିଶେଷ ଚାହିଦା ରହିଛି । ବ୍ରିଟେନ୍ ମଧ୍ୟ ଏହି ବଜାର ମଧ୍ୟରୁ ଅନ୍ୟତମ । ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ରପ୍ତାନି ପାଇଁ ସୁବିଧା ମିଳିପାରିବ । ଜିଆଇ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ସାମଗ୍ରୀ ଉପରେ ପୂର୍ବରୁ ବ୍ରିଟେନ ବଜାରରେ ୧୬% ଶୁଳ୍କ ଲାଗୁ ହେଉଥିବା ବେଳେ ବର୍ତ୍ତମାନ ଏଫଟିଏ ଜରିଆରେ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦିଆଯାଇଛି । ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତକାରୀ କାରିଗରମାନଙ୍କୁ ଏହାର ଲାଭ ମିଳିପାରିବ । ସେମାନେ ନିଜର ଉତ୍ପାଦ ବ୍ରିଟେନ ବଜାରକୁ ରପ୍ତାନି କରିପାରିବେଛ ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଦୀର୍ଘସ୍ଥାୟୀ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକର ରପ୍ତାନିରୁ ତୁଳନାତ୍ମକ ଭାବେ ଅଧିକ ଲାଭ ମିଳିବା ସହିତ ଏହି କ୍ଷେତ୍ରର ଉଦ୍ୟୋଗଗୁଡ଼ିକ ବଜାରରେ ଅଗ୍ରଣୀ ହୋଇପାରିବେ । ଭାରତୀୟ ଉତ୍ପାଦଗୁଡ଼ିକର ପ୍ରତିଯୋଗିତାମୂଳକ କ୍ଷମତା ଏବଂ ଚାହିଦା ବୃଦ୍ଧି ପାଇବ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ରିଟେନ୍ ଗସ୍ତ ଅବସରେ ଦୁଇ ଦେଶ ମଧ୍ୟରେ ବିସ୍ତୃତ ଆର୍ଥିକ ଏବଂ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଫଳରେ ୯୯% ଭାରତୀୟ ସାମଗ୍ରୀକୁ ବ୍ରିଟେନ ବଜାରରେ ନିଃଶୁଳ୍କ ପ୍ରବେଶ ପାଇଁ ମାର୍ଗପ୍ରଶସ୍ତ ହୋଇଛି ।

## ବନ୍ତାରା ଗଜରାଜ ସମ୍ମିଳନୀ

# ଯୋଗଦେବେ ଶତାଧିକ ବିଶେଷଜ୍ଞ

ଜାମନଗର (ଗୁଜରାଟ) : ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିଚାଳିତ ଭାରତର ଅଗ୍ରଣୀ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ବନ୍ତାରା, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପ୍ରୋଜେକ୍ଟ ଏଲିଫାଣ୍ଟ ସହିତ ମିଳିତ ଭାବରେ ଜାମନଗରରେ ଏକ ପାଞ୍ଚ ଦିନିଆ 'ବନ୍ତାରା ଗଜରାଜ ସମ୍ମିଳନୀ' ଆୟୋଜନ କରିଛି । ଏହା ହାତୀଙ୍କ ସେବା ଏବଂ ଯତ୍ନ ପାଇଁ ସମର୍ପିତ ଦେଶର ସବୁଠାରୁ ବଡ ତାଲିମ କାର୍ଯ୍ୟକ୍ରମ । ସମ୍ମିଳନୀରେ ୧୦୦ ରୁ ଅଧିକ ମାହୁନ୍ତ ଏବଂ ହାତୀ ବିଶେଷଜ୍ଞଙ୍କୁ ଉଭୟ ପାରମ୍ପରିକ ଏବଂ ବୈଜ୍ଞାନିକ ଯତ୍ନ ପଦ୍ଧତି ବିଷୟରେ ତାଲିମ ଦିଆଯିବ । ତାଲିମ ସମାପ୍ତ ହେବା ପରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ବନ୍ତାରାର ସିଇଓ ଭିହାନ କରାନି କହିଛନ୍ତି, ଏହି ସମ୍ମିଳନୀ କେବଳ ତାଲିମ ପାଇଁ ଏକ ମଞ୍ଚ ନୁହେଁ, ବରଂ ଏକ ସମ୍ବେଦନଶୀଳ ଏବଂ କରୁଣାମୟ ଭବିଷ୍ୟତର ମୂଳଦୁଆ ।



ଆମର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟରେ ହାତୀମାନଙ୍କ କଲ୍ୟାଣ ପାଇଁ ଏକ ସଶକ୍ତ ଏବଂ ସ୍ଥାୟୀ ବ୍ୟବସ୍ଥା ସୃଷ୍ଟି କରିବା । ଏହା ଦର୍ଶାଉଛି ଯେ ହାତୀ ସଂରକ୍ଷଣ କେବଳ ନୀତି ଏବଂ ବାସସ୍ଥାନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସେମାନଙ୍କ ଯତ୍ନ ନେଉଥିବା ଲୋକଙ୍କ କୁଶଳତା ଏବଂ ସମ୍ବେଦନଶୀଳତା ଉପରେ ମଧ୍ୟ ଆଧାରିତ । ଏହି କାର୍ଯ୍ୟକ୍ରମ ଜାମନଗରର ରାଧେ କୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟ ପରିସରରେ ଆୟୋଜିତ ହେଉଛି, ଯାହା ବନ୍ତାରା ଅଧୀନରେ କାର୍ଯ୍ୟ କରୁଥିବା ଏକ କଲ୍ୟାଣକାରୀ ସଂସ୍ଥା ।

ବନ୍ତାରାରେ ବର୍ତ୍ତମାନ ୨୫୦ ରୁ ଅଧିକ ହାତୀଙ୍କ ଯତ୍ନ ନିଆଯାଉଛି, ଯେଉଁମାନଙ୍କ ସେବାରେ ୫୦୦ ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ନିୟୋଜିତ ଅଛନ୍ତି । ଏହା ବ୍ୟତୀତ, ଆଫ୍ରିକୀୟ ଦେଶ କଙ୍ଗୋର ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ତାଲିମ ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ଅଛନ୍ତି । ଜାତୀୟ ଚିଡ଼ିଆଖାନା ନିର୍ଦ୍ଦେଶକ ସମ୍ମିଳନୀ ମଧ୍ୟ ଅକ୍ଟୋବରରେ ବନ୍ତାରାରେ ଅନୁଷ୍ଠିତ ହେବ । ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଦେଶ ଏବଂ ବିଶ୍ୱର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ବନ୍ୟପ୍ରାଣୀଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଲୋକମାନେ ଗୋଟିଏ ମଞ୍ଚରେ ଏକାଠି ହୋଇ ସହଯୋଗ, ଆଲୋଚନା ଏବଂ ସଂରକ୍ଷଣ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ ଭାବରେ ଆଗକୁ ବଢ଼ାଇପାରିବେ ।

# ରୁଟ୍‌ଙ୍କ ୩୮ ତମ ଶତକ

ମାଞ୍ଚେଷ୍ଟର, ୨୫।୭ (ଏଜେନ୍ସି) : ରୁଟ୍ ଟେଷ୍ଟ କ୍ୟାରିୟରର ୩୮ ତମ ଶତକ ହାସଲ କରିଛନ୍ତି । ଏହି ଶତକ ସହ ସେ କୁମାର ସାଙ୍ଗାକାରାଙ୍କ ରେକର୍ଡ଼ ସହ ସମକକ୍ଷ ହୋଇଛନ୍ତି । ସାଙ୍ଗାକାରା ଟେଷ୍ଟ କ୍ୟାରିୟରରେ ୩୮ଟି ଶତକ ମାରିଥିଲେ । ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ରୁଟ୍‌ଙ୍କ ଉପରେ ପଣ୍ଟିଂ ୪୧, ଜ୍ୟାକ୍ କାଲିସ ୪୫ ଓ ସଚିନ ତେନ୍ଦୁଲକର (୫୧) ରହିଛନ୍ତି । ସର୍ବାଧିକ ଶତକ ତାଲିକାର ୪ନମ୍ବର ସ୍ଥାନରେ ରୁଟ୍ ପହଞ୍ଚିବା ଆଉ ଏକ ବିଶ୍ୱ କୀର୍ତ୍ତିମାନ । ସେ ବିଶ୍ୱ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ ହାସଲ କରିଥିବା ଖେଳାଳି ତାଲିକାର ଦୁଇ ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି । ସେ ଶତକୀୟ ଇନିଂସ୍ ଖେଳି ରାହୁଲ ଦ୍ରାବିଡ, ଜ୍ୟାକ୍ କାଲିଓ ଓ ରିକି ପଣ୍ଟିଂଙ୍କୁ ପଛରେ ପକାଇଥିଲେ । ସେ ୧୨୦ ରନ କରିବା କ୍ଷଣି ପଣ୍ଟିଂଙ୍କ ରେକର୍ଡ଼କୁ ଭାଙ୍ଗିଥିଲେ । ପଣ୍ଟିଂ ତାଙ୍କ ଟେଷ୍ଟ କ୍ୟାରିୟରରେ ୧୩,୩୭୮ ରନ କରିଥିଲେ ।

# ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଶତକ

ଟେଷ୍ଟ କ୍ରିକେଟରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ଶତକ ହାସଲ କରିବାରେ ଜୋ ରୁଟ୍ ଆଉ ଏକ ରେକର୍ଡ଼ କରିଛନ୍ତି । ଭାରତ ବିପକ୍ଷରେ ରୁଟ୍ ୧୨ତମ ଶତକ ମାରିଛନ୍ତି । ଷ୍ଟିଭେନ୍ ସ୍ମିଥ୍ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସମାନ ୧୨ଟି ଶତକ ହାସଲ କରିଛନ୍ତି । ଭାରତ ବିପକ୍ଷରେ ରୁଟ୍‌ଙ୍କ ତୁଳନାରେ କେହି ବି ଅଧିକ ଶତକ ଟେଷ୍ଟରେ ହାସଲ କରିନାହାନ୍ତି । ପୂର୍ବରୁ ରୁଟ୍ ଓ ସ୍ମିଥ୍ ୧୧ଟି ଲେଖାଏଁ ଶତକ ହାସଲ କରିଥିଲେ । ଏବେ ସ୍ମିଥ୍‌ଙ୍କୁ ପଛରେ ପକାଇଛନ୍ତି ରୁଟ୍ । ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଶତକ ମାରିବାର ରେକର୍ଡ଼ ବ୍ରାଡ୍‌ମ୍ୟାନ୍‌ଙ୍କ ନାଁରେ ରହିଛି । ଇଂଲଣ୍ଡ ବିପକ୍ଷରେ ବ୍ରାଡ୍‌ମ୍ୟାନ୍ ୧୯ଟି ଶତକ ହାସଲ କରିଥିଲେ । ତାଙ୍କ ପଛକୁ ସୁନୀଲ ଗାଭାସ୍କର ଇଣ୍ଡିଜ୍ ବିପକ୍ଷରେ ୧୩ଟି ଶତକ ମାରିଥିଲେ । ଜ୍ୟାକ୍ ହବ୍ସ ଅଷ୍ଟ୍ରେଲିଆ ବିପକ୍ଷରେ ୧୨ଟି ଶତକ ତଥା ଏବେ ଜୋ ରୁଟ୍ ଭାରତ ବିପକ୍ଷରେ ୧୨ଟି ଶତକ ମାରି ଏହି ତାଲିକାରେ ଯୋଡ଼ି ହୋଇଛନ୍ତି । ଇଂଲଣ୍ଡ ମାଟିରେ ଏହା ରୁଟ୍‌ଙ୍କ ୨୩ତମ ଶତକ । ନିଜ ଘରୋଇ ମାଟିରେ ଏତେ ସଂଖ୍ୟକ ଶତକ କେବଳ ରିକି ପଣ୍ଟିଂ, ଜ୍ୟାକ୍ କାଲିସ ଓ ମହେଲା ଜୟବର୍ଦ୍ଧନେ ହାସଲ କରିଥିଲେ । ଏବେ ରୁଟ୍ ଏହି ବିରଳ ତାଲିକାରେ ନିଜକୁ ସାମିଲ କରିଛନ୍ତି ।

# ସଚିନଙ୍କ ନିକଟତର ଜୋ ରୁଟ୍

ମାଞ୍ଚେଷ୍ଟର, ୨୫।୭ (ଏଜେନ୍ସି) : ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି । ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ରୁଟ୍ ଆକର୍ଷଣୀୟ ଶତକ ହାସଲ କରିବା ସହ ରାହୁଲ ଦ୍ରାବିଡ, ଜ୍ୟାକ୍ କାଲିସ ଓ ରିକି ପଣ୍ଟିଂଙ୍କୁ ପଛରେ ପକାଇଛନ୍ତି । ଏହି ତିନିଜଣଙ୍କୁ ଅତିକ୍ରମ କରିବା ପାଇଁ ରୁଟ୍ ୩୧ ରନ ପଛରେ ଥିଲେ । ଏବେ ସେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ନିକଟତର ହେବାରେ ଲାଗିଛନ୍ତି । ସଚିନ ଟେଷ୍ଟ କ୍ରିକେଟରେ ସର୍ବାଧିକ ୧୫,୯୨୧ ରନ କରିଛନ୍ତି । ରୁଟ୍ ୧୩,୩୦୦ରୁ ଅଧିକ ରନ୍ ସଂଗ୍ରହ କଲେଣି । ଶତକୀୟ ଇନିଂସ ସହ ସେ ରିକି ପଣ୍ଟିଂ (୧୩,୩୭୮)ଙ୍କୁ ଅତିକ୍ରମ କରିଯାଇଛନ୍ତି । ତେଣୁ ସେ ସଚିନ୍‌ଙ୍କ ପରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର ହୋଇଛନ୍ତି ।

# ମାଞ୍ଚେଷ୍ଟର ଟେଷ୍ଟ ଇଂଲଣ୍ଡର ଦୃଢ଼ ଜବାବ




## ନିରାଶ କଲେ ଭାରତୀୟ ବୋଲର

ମାଞ୍ଚେଷ୍ଟର, ୨୫।୭ (ଏଜେନ୍ସି) : ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ଼ରେ ଘରୋଇ ଇଂଲଣ୍ଡ ଭାରତୀୟ ବୋଲରଙ୍କୁ ଖୁବ୍ ଧୁଲେଇ କରିଛି । ମ୍ୟାଚ୍‌ର ତୃତୀୟ ଦିନ ଭାରତୀୟ ବୋଲରଙ୍କ ଅସହାୟତା ସ୍ପଷ୍ଟ ଜଣାପଡୁଥିଲା । ଅଭିଜ୍ଞ ଜୋ ରୁଟ୍ କ୍ୟାରିୟରର ୩୮ ତମ ଶତକ ହାସଲ କରି ଇଂଲଣ୍ଡର ସ୍ଥିତି ମଜଭୁତ କରିଛନ୍ତି । ଭାରତ ପ୍ରଥମ ଇନିଂସ୍‌ରେ ୩୫୮ ରନ କରିଥିଲା । ଜବାବରେ ଇଂଲଣ୍ଡ ତୃତୀୟ ଦିବସ ତୃତୀୟ ଅଧିବେଶନର ୧୦୮ ଓଭର ସୁଦ୍ଧା ୪ ୱିକେଟ ହରାଇ ୪୫୮ ରନ କରିଛି । ତେଣୁ ଘରୋଇ ଦଳ ୧୦୦ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ଦ୍ୱିତୀୟ ଦିନର ଅସମାପ୍ତ ଇନିଂସ୍ ୨୨୫/୨ ରୁ ପାଳି ଆରମ୍ଭ କରିଥିଲା ଇଂଲଣ୍ଡ । ଓଲି ପୋପ୍ ୨୦ ଓ ଜୋ ରୁଟ୍ ୧୧ ରନ୍‌ରୁ ଖେଳ ଆରମ୍ଭ କରିଥିଲେ । ପୋପ୍ ୧୨୮ ବଲ୍‌ର ସମ୍ମୁଖୀନ ହୋଇ ୭ଟି ଚୌକା ସହାୟତାରେ ୭୧ ରନ କରିଥିଲେ । ତାଙ୍କୁ ୱାଶିଂଟନ ସୁନ୍ଦର ଆଉଟ୍ କରି ଏହି ଯୋଡ଼ି ଭାଙ୍ଗିଥିଲେ । ପରେପରେ ହ୍ୟାରି ବ୍ରୁକ୍ ୩ ରନ କରି ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଧ୍ରୁବ ଜୁରେଲଙ୍କ ଦ୍ୱାରା ଷ୍ଟମ୍ପଆଉଟ୍ ହୋଇଥିଲେ । ଏହାପରେ ଆଉ ୱିକେଟ୍ ଝଡ଼ିବାକୁ ଦେଇ ନଥିଲେ ବେନ୍ ଷ୍ଟୋକ୍ସ ଓ ଜୋ ରୁଟ୍ । ପାଖାପାଖି ୩ ଅଧିବେଶନରେ ଦୁଇଟି ୱିକେଟ ହରାଇଥିଲା ଇଂଲଣ୍ଡ । ଜୋ ରୁଟ୍ ୨୨୩ ବଲ୍‌ରୁ ୧୪ ଚୌକା ସହାୟତାରେ ଅପରାଜିତ ୧୩୩ ରନ ଏବଂ ଷ୍ଟୋକ୍ସ ୮୮ ବଲ୍‌ରୁ ୮୬ ରନ କରି ଦଳର ବ୍ୟାଟିଂ ମଙ୍ଗ ଧରିଥିଲେ । ଭାରତର ୱାଶିଂଟନ ସୁନ୍ଦରଙ୍କ ଦୁଇଟି ଓ ରବୀନ୍ଦ୍ର ଜାଡେଜା ଓ ଅଂଶୁଲ କାମ୍ବୋଜ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ପୂର୍ବରୁ ଭାରତ ପକ୍ଷରୁ ପ୍ରଥମ ଇନିଂସ୍‌ରେ ଜସସ୍ୱୀ ଜୟସ୍ୱାଲ ୫୮, ଲୋକେଶ ରାହୁଲ ୪୬, ସାଇ ସୁଦର୍ଶନ ୬୧, ରିଷଭ ପନ୍ତ ୫୪, ରବୀନ୍ଦ୍ର ଜାଡେଜା ୨୦, ସାର୍ଦ୍ଦୁଲ ଠାକୁର ୪୧ ଓ ୱାଶିଂଟନ ସୁନ୍ଦର ୨୭ ରନ କରିଥିଲେ । ତେଣୁ ଭାରତ ୧୧୪.୧ ଓଭରରେ ୩୫୮ ରନ କରି ଅଲଆଉଟ ହୋଇଥିଲା । ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ସର୍ବାଧିକ ୫ଟି, ଜୋଫ୍ରା ଆର୍ଚ୍ଚର ୩ଟି, କ୍ରିସ୍ ୱକ୍ସ ଓ ଲିଆମ ଡାଓସନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆର୍ଚେରୀରେ ୩, ଟେନିସ୍‌ରେ ୧ ପଦକ



ଭୁବନେଶ୍ୱର, ୨୫।୭ (ସବ୍ୟୁ) : ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ପଦକ ଅଭିଯାନ ଜାରି ରହିଛି । ଶୁକ୍ରବାର ଭାରତ ପଦକ ତାଲିକାରେ ୪ଟି ପଦକ ଯୋଡ଼ି ହୋଇଛି । ଆର୍ଚେରୀରେ ୩ଟି ଓ ଟେନିସ୍‌ରେ ଗୋଟିଏ ପଦକ ମିଳିଛି । ଆର୍ଚେରୀ କମ୍ପାଉଣ୍ଡ ମିକ୍ସଡ ଟିମ୍ ପରନିତ କୌର ଓ କୁଶଲ ଦଲାଲ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପୁରୁଷ କମ୍ପାଉଣ୍ଡ ଦଳ ରୌପ୍ୟ, ମହିଳା କମ୍ପାଉଣ୍ଡ ଦଳ ବ୍ରୋଞ୍ଜ ଏବଂ ଟେନିସ୍ ମହିଳା ସିଙ୍ଗଲ୍ସରେ ବୈଷ୍ଣବୀ ଅଧକର ବ୍ରୋଞ୍ଜ ପଦକ ଜିତିଛନ୍ତି । ଫଳରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୫କୁ ବୃଦ୍ଧି ପାଇଛି ।

## ଫିଡେ ମହିଳା ଚେସ୍ ବିଶ୍ୱକପ : ଫାଇନାଲରେ ହମ୍ପି-ଦିବ୍ୟା ମୁହାଁମୁହିଁ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି) : ଏଥର ବିଶ୍ୱକୁ ନୂଆ ବିଶ୍ୱ ଚାମ୍ପିଅନ ମିଳିବ । ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି । ପ୍ରଥମ ଥର ଦୁଇଜଣ ଭାରତୀୟଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହେବ । ଡବ୍ଲ୍ୟୁଜିଏମ୍ କୋନେରୁ ହମ୍ପି ଓ ଆଇଏମ୍ ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ଜୋରଦାର ହେବ । ତେଣୁ ଏଥର ବିଶ୍ୱକୁ ନୂଆ ବିଶ୍ୱ ଚାମ୍ପିଅନ ମିଳିବ । ଦ୍ୱିତୀୟ ସେମିଫାଇନାଲରେ ହମ୍ପି ଟାଇବ୍ରେକର୍‌ରେ ଚୀନ୍ ତାରକା ଲି ଟିଙ୍ଗଜିଙ୍କୁ ୫-୩ରେ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲେ ।

ବିଜୟ ସହ ସେ ଆଗାମୀ ୨୦୨୬ କ୍ୟାଣ୍ଡିଡେଟ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ହମ୍ପି ଓ ଟିଙ୍ଗଜିଙ୍କ ମଧ୍ୟରେ ସେମି ଲଢ଼େଇ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା । ପ୍ରଥମେ ଉଭୟଙ୍କ ମଧ୍ୟରେ କ୍ଲାସିକାଲ୍‌ର ୨ଟିଯାକ ଡ୍ର' ରହିଥିଲା । ଏହାପରେ ଟାଇବ୍ରେକର ମଧ୍ୟ ଉଭୟ ଦୁଇଟି ବାଜିରେ ପଏଣ୍ଟ ଭାଗ କରିଥିଲେ । ମାତ୍ର ହମ୍ପି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ରାପିଡ୍ର ପ୍ରଥମ ଗେମ୍ ହାରିବା ସତ୍ତ୍ୱେ ସେ ୩-୩ରେ ବରାବର କରିଥିଲେ । ଏହାପରେ ବ୍ଲିଜ୍‌ରେ ହମ୍ପି ଅବିଶ୍ୱାସନୀୟ ଖେଳ ପ୍ରଦର୍ଶନ କରି ଉଭୟ ଗେମ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି ।

## ଓଡ଼ିଶାକୁ ୧୧ ପଦକ ସଫଳତା




ଭୁବନେଶ୍ୱର, ୨୫।୭ (ସବ୍ୟୁ) : କୋଲକାତାର ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ନବମ ଅନ୍ତର୍ଜାତୀୟ କରାଟେ ଓ ଇଣ୍ଡିଆ ଚ୍ୟାଲେଞ୍ଜ କପ୍ କରାଟେ ପ୍ରତିଯୋଗିତାର ପ୍ରଥମ ଦିନ ଓଡ଼ିଶାକୁ ୧୧ ପଦକ ମିଳିଛି ।

ଉଭୟ ପୁରୁଷ ଓ ମହିଳା ବିଭାଗରେ ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ମୋଟ ୧୧ଟି ପଦକ ମିଳିଛି । ଓମ୍ ସତ୍ୟମ୍ ମହାନ୍ତି, ଦିବ୍ୟ ପ୍ରସାଦ ନାୟକ, ଅଂଶୁମାନ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ରଜନୀ ବିଶି, ମୋନାଲି ସାହୁ, ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ନ୍ୟାସା କୁମାରୀ ରୌପ୍ୟ ଜିତିଥିବାବେଳେ ବ୍ରତତି ପତି ଏବଂ ଓମ୍ ଶୁଭମ୍ ମହାନ୍ତିଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି ।

## ଆଜିଠୁ ଅଲ ଓଡ଼ିଶା ଓପନ୍ ସ୍ନୁକର ଚାମ୍ପିଅନସିପ୍




ଭୁବନେଶ୍ୱର,୨୫।୭ (ସବ୍ୟୁ): ଭୁବନେଶ୍ୱରର ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଅଲ ଓଡ଼ିଶା ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍ ଆରମ୍ଭ ହେବାକୁ ଯାଉଛି । ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଜାରି ରହିବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ରାଜ୍ୟର ବଛା ବଛା ୭୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ରାଜ୍ୟରେ କ୍ୱି ସ୍ପୋର୍ଟସ୍ କୁ ଏହା ନୂଆ ଦିଗନ୍ତ ଦେବ । ପ୍ରତିଯୋଗିତରେ ମୋଟ୍ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ବିଜେତାଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ୪୦ ତମ ବାଉଟ୍ ପାଇଁ ୧୦୦୦ ଟଙ୍କା ପୁରସ୍କାର ତଥା ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ୬୦୦ ଟଙ୍କା ଧାର୍ଯ୍ୟ ହୋଇଛି । ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଶୁତୋଷ ପାଢ଼ି ଏବଂ ସୁବ୍ରତ ଦାସ ଅଂଶଗ୍ରହଣ କରିବେ । ଏକମାତ୍ର ମହିଳା ପ୍ରତିଯୋଗୀ ଭବେ ଶୁଭାଙ୍ଗୀ ରାଓ ଅଂଶଗ୍ରହଣ କରିବେ । କ୍ୱାଲିଫାଇଙ୍ଗ୍ ଡ୍ର ଗ୍ରୁପପର୍ଯ୍ୟାରେ ମୋ ୧୬ଟି ଗ୍ରୁପରେ ୫୪ଜଣ ରହିଛନ୍ତି । ମୁଖ୍ୟ ଡ୍ର'ରେ ୧୬ଜଣ ରହିଛନ୍ତି । ୨ଟି ପର୍ଯ୍ୟାୟରେ ଖେଳାଯିବ । ଗ୍ରୁପ ପର୍ଯ୍ୟାୟର ଲିଗ ତଥା ପ୍ରି କ୍ୱାର୍ଟର ପର୍ଯ୍ୟାୟ ଠାରୁ ନକଆଉଟ୍ ଭିତ୍ତିରେ ଖେଳାଯିବ । ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଦିତ୍ୟ ପଟୋଦିଆ, ମିଶାଲ ସ୍ୱାଇଁ, ଶ୍ୟାମ ଅଗ୍ରୱାଲ, ଅଲତାପ ଅଲ୍ଲୀ, ଅମିୟ ରଞ୍ଜନ ନାୟକ ଓ ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

## ଆହତ ସତ୍ତ୍ୱେ ଖେଳିଥିଲେ କୁମ୍ବଲେ, ଯୁବରାଜ, ରୋହିତ, କପିଲ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଭାରତୀୟ ବ୍ୟାଟର ରିଷଭ ପନ୍ତ ଆହତ ହୋଇଥିଲେ । କ୍ରିସ୍‌ୱକ୍ସଙ୍କ ବଲ୍ ତାଙ୍କ ଗୋଡ଼ରେ ବାଜିଥିଲା । ଏହାପରେ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା । ରିପୋର୍ଟ ଅନୁଯାୟୀ ପନ୍ତ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଦ୍ୱିତୀୟ ଦିନରେ ସେ ଜବରଦସ୍ତ ବ୍ୟାଟିଂ ସହ ମଇଦାନକୁ ଫେରିଥିଲେ । ଆହତ ସତ୍ତ୍ୱେ ପନ୍ତ ଅର୍ଦ୍ଧଶତକ ହାସଲ କରି ପ୍ରଶଂସକଙ୍କୁ ଉତ୍ସାହିତ କରିଛନ୍ତି । ତାଙ୍କର ଏହି ପ୍ରଦର୍ଶନ ଭାରତୀୟ ଦଳର ମନୋବଳକୁ ଆହୁରି ବଢ଼ାଇଛି । ଏହା ପ୍ରଥମ ନୁହେଁ ଯେ କୌଣସି ଭାରତୀୟ ଖେଳାଳି ଆହତ ସତ୍ତ୍ୱେ ମଇଦାନକୁ ଫେରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ପୂର୍ବରୁ କପିଲ ଦେବ, ଅନୀଲ କୁମ୍ବଲେ, ଯୁବରାଜ ସିଂ ଓ ରୋହିତ ଶର୍ମାଙ୍କ ଭଳି କିମ୍ବଦନ୍ତୀମାନେ ମଧ୍ୟ ଆହତ ସତ୍ତ୍ୱେ ଅଦମ୍ୟ ସାହସ ଦେଖାଇଛନ୍ତି ।



**କପିଲ ଦେବ (୧୯୮୧):** ୧୯୮୦-୮୧ରେ ଅଷ୍ଟ୍ରେଲିଆ ଗସ୍ତରେ କପିଲ ଦେବ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିର ଶିକାର ହେବା ସତ୍ତ୍ୱେ ତୃତୀୟ ଟେଷ୍ଟରେ ୨୮ ରନ ଦେଇ ୫ ୱିକେଟ ନେବା ସହ ଭାରତକୁ ୫୯ ରନ୍‌ରେ ବିଜୟୀ କରାଇଥିଲେ ।

**ଅନିଲ କୁମ୍ବଲେ (୨୦୦୨) :** ଆଣ୍ଟିଗା ଟେଷ୍ଟରେ ଆହତ ହେବା ସତ୍ତ୍ୱେ କୁମ୍ବଲେ ବ୍ରାୟନ ଲାରାଙ୍କ ୱିକେଟ ନେଇ ନିଜ ମନୋବଳ କେତେ ଦୃଢ଼ ରହିଛି, ତାହା ଦୁନିଆକୁ ଦେଖାଇଥିଲେ ।

**ଯୁବରାଜ ସିଂହ (୨୦୧୧) :** ୨୦୧୧ ବିଶ୍ୱକପରେ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ ମଧ୍ୟ ୩୬୨ ରନ ଓ ୧୫ ୱିକେଟ ନେଇ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ ।

**ରୋହିତ ଶର୍ମା (୨୦୨୨) :** ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଆଙ୍ଗୁଳିରେ ଆଘାତ ସତ୍ତ୍ୱେ ରୋହିତ ୨୮ ବଲ୍‌ରେ ଅପରାଜିତ ୫୧ ରନ କରିଥିଲେ ।

ପନ୍ତଙ୍କ ଏହି ପ୍ରଦର୍ଶନ ସମ୍ପର୍କରେ କ୍ରୀଡ଼ା ବିଶେଷଜ୍ଞ କହିଛନ୍ତି, ସାହସିକତା ତାଙ୍କୁ ଭାରତୀୟ କ୍ରିକେଟରେ ଏକ ଅଲଗା ସ୍ଥାନ ଦେଇଛି । ଏହି ପ୍ରଦର୍ଶନ ଯୁବ ଖେଳାଳିଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ ହେବ ।



## ରାଜ୍ୟ ଦଳରେ ରାଜକନିକାର ସ୍ୱାଗତମ

ରାଜକନିକା, ୨୫।୭ (ସବ୍ୟୁ) : ଫୁଟବଲ ର ଏନ୍ତୁଡ଼ିଶାଳ ଭାବେ ପରିଚିତ ରାଜକନିକା ମାଟିର ଆଉ ଜଣେ ସଫଳ ଯୁବ ଖେଳାଳି ଭାବେ ସ୍ୱାଗତମ ସାହୁ ଏବେ ଜାତୀୟ ଫୁଟବଲ ଦଳରେ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି । ଏହି ଖବର ଜଣା ପଡିବା ପରେ ରାଜକନିକା ଅଞ୍ଚଳର ଫୁଟବଲରେ ରୁଚି ରଖୁଥିବା ପିଲାମାନଙ୍କ ମନରେ ଉତ୍ସାହ ଦେଖାଦେଇଛି । ୧୫ ବର୍ଷ ରୁ କମ କେନ୍ଦ୍ରାପଡ଼ା ଜିଲ୍ଲା ଫୁଟବଲ ଦଳର ପ୍ରତିନିଧିତ୍ୱ କରିଥିବା ରାଜକନିକା ବ୍ଲକ ଗଂଜା ଗ୍ରାମର ଫକୀର ଚରଣ ସାହୁ ଙ୍କ ନାତି ଓ ଶ୍ରୀନିବାସ ସାହୁଙ୍କ ଏକ ମାତ୍ର ପୁତ୍ରସ୍ୱାଗତମ ୧୭ ବର୍ଷରୁ କମ ଓଡିଶା ଟିମର ମିଡି ଫିଲଡର ଖେଳାଳି ଭାବେ ସ୍ଥାନ ପାଇ ପଞ୍ଜାବର ଅମୃତସହରଠାରେ ଚାଲିଥିବା ବିସି ରୟ ଟ୍ରଫିରେ ଭାଗ ନେବାକୁ ଗସ୍ତ କରିଛନ୍ତି । କନିକା ମାଟିର ସୁଯୋଗ୍ୟ କ୍ରୀଡ଼ାବିତ ତଥା ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲର କ୍ରୀଡା ଶିକ୍ଷକ ଶରତ କୁମାର ଜେନା ଙ୍କ ଠାରୁ ପ୍ରଶିକ୍ଷଣ ନେଇ ନିଜକୁ ଜଣେ ଦକ୍ଷ ଖେଳାଳି ଭାବେ ପରିଚୟ ଦେଇଥିବା ସ୍ୱାଗତମଙ୍କୁ ଏବେ ରାଜକନିକା ଆଥେଲେଟିକ ଆସୋସିଏସନର ସଭାପତି ଦୋଳ ଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।



## ପନ୍ତଙ୍କ ଆଘାତ: କ୍ରିକେଟ ବ୍ୟବସ୍ଥାକୁ ନେଇ ରାଗିଲେ ଭେଟେରାନ




ମାଞ୍ଚେଷ୍ଟର, ୨୫।୭ (ଏଜେନ୍ସି) : ଭାରତର ୱିକେଟରକ୍ଷକ ବ୍ୟାଟର ରିଷଭ ପନ୍ତଙ୍କ ଆହତ ସମସ୍ୟାକୁ ନେଇ କ୍ରିକେଟର ଘୋର ଅବ୍ୟବସ୍ଥାର ପେଡ଼ି ଖୋଲିଛି । ବହୁ ଭେଟେରାନ କ୍ରିକେଟର ବିକଳ୍ପ ନିୟମକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ପନ୍ତଙ୍କ ପାଦ ଆଙ୍ଗୁଠି ଭାଙ୍ଗିଯାଇଛି । ଏହାସତ୍ତ୍ୱେ ସେ ଦ୍ୱିତୀୟ ଦିନ ବ୍ୟାଟିଂ କରିବାକୁ ଆସି ଅର୍ଦ୍ଧଶତକ ପୂରଣ କରିଥିଲେ । ପଡ଼ିଆରେ ପନ୍ତଙ୍କ ଏଣ୍ଟ୍ରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ତାଙ୍କର ଅଦମ୍ୟ ସାହସକୁ ମାଞ୍ଚେଷ୍ଟର ସଲାମ କରିଥିଲା । ସେ ଜମାଣିଆ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ । କ୍ରିକେଟର ଏହି ବିକଳ୍ପ ବ୍ୟବସ୍ଥାକୁ ନେଇ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ବିଶ୍ୱାସ କରନ୍ତି ଯେ ଟେଷ୍ଟ କ୍ରିକେଟରେ ମେଡିକାଲ ସବ୍‌ଷ୍ଟିଚ୍ୟୁଟ୍ ଅନୁମତି ନଦେବା ଦର୍ଶାଉଛି ଯେ କ୍ରିକେଟ ଏବେବି ପୁରୁଣା ନିୟମରେ ଫଶି ରହିଛି ।

ପ୍ରକୃତରେ କହିବାକୁ ଗଲେ ପନ୍ତ ମାଞ୍ଚେଷ୍ଟର ଟେଷ୍ଟରେ ଭଙ୍ଗାଗୋଡ଼ରେ ସାହସିକତାର ସହିତ ବ୍ୟାଟିଂ କରିଥିଲେ । ପ୍ରଥମ ଦିନରେ ଆହତ ହୋଇ ପାଭିଲିଅନ ଫେରିଥିଲେ ପନ୍ତ । ସେ ପରଦିନ ପୁଣିଥରେ ପଡ଼ିଆକୁ ଆସିଥିଲେ । ୩୭ ରନରୁ ତାଙ୍କର ଇନିଂସ ଆରମ୍ଭ କରିଥିଲେ । ଅର୍ଦ୍ଧଶତକ ପୂରଣ କରିଥିଲେ । ଦି ଟେଲିଗ୍ରାଫ୍‌ରେ ଭନ୍ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ତାଙ୍କୁ ଭଙ୍ଗାଗୋଡ଼ ସହିତ ବ୍ୟାଟିଂ କରିବା ଦେଖିବା ଆଶ୍ଚର୍ଯ୍ୟଜନକ ଥିଲା । ସେ ସାହସ ଓ ଦକ୍ଷତା ଉଭୟ ଦେଖାଇଥିଲେ । କିନ୍ତୁ ସେ ସୁସ୍ଥ ନଥିଲେ । ସେ ଦୌଡ଼ିପାରୁ ନଥିଲେ । ଏହା ତାଙ୍କ ଆଘାତକୁ ଆହୁରି ଖରାପ କରିଥିବ । ୱିକେଟକିପର ସ୍ଥାନରେ ଜଣେ ବଦଳ ଖେଳାଳି ଖେଳିବାକୁ ଆସେ । କିନ୍ତୁ ବ୍ୟାଟିଂ କିମ୍ବା ବୋଲିଂ ପାଇଁ ନୁହେଁ । ଏହି ନିୟମ ସମ୍ପୂର୍ଣ୍ଣ ଅଜବ ଓ ଭୁଲ । କ୍ରିକେଟ ହେଉଛି ଏପରି ଏକ କ୍ରୀଡ଼ା ଯେଉଁଥିରେ ଜଣେ ଖେଳାଳିଙ୍କୁ ବଦଳାଯାଇ ପାରିବ ନାହିଁ । ଏହା ଦର୍ଶାଉଛି ଯେ କ୍ରିକେଟ ଏବେବି ଅନ୍ଧାର ଯୁଗରେ ରହିଛି ।

ଆହତ କ୍ଷେତ୍ରରେ ଜଣେ ଖେଳାଳିଙ୍କୁ ସମାନସ୍ତରର ଖେଳାଳିଙ୍କ ସହ ବଦଳାଯିବା ଉଚିତ । ବ୍ୟାଟରଙ୍କ ପାଇଁ ବ୍ୟାଟର କିମ୍ବା ସ୍ପିନରଙ୍କ ପାଇଁ ସ୍ପିନର । ଜଣେ ଜଣେ ବ୍ୟକ୍ତିଙ୍କ ହାଡ଼ ଭାଙ୍ଗିବା ଭଳି ଗମ୍ଭୀର ସମସ୍ୟା ହୁଏ, ଏହା ଡାକ୍ତର କିମ୍ବା ସ୍କାନ ଦ୍ୱାରା ପ୍ରମାଣିତ ହୁଏ, ତେବେ ଅନ୍ୟ କାହାକୁ ସେହି ଖେଳାଳିଙ୍କ ସ୍ଥାନରେ ସ୍ଥାନ ଦେବାକୁ ଅନୁମତି ଦିଆଯିବା ଉଚିତ । ସେ ପରାମର୍ଶ ଦେଇଛନ୍ତି ଯେ ମ୍ୟାଚ୍ ପୂର୍ବରୁ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ବ୍ୟାକ୍‌ଅପ୍ ଖେଳାଳି ନିର୍ଣ୍ଣୟ କରାଯିବା ଉଚିତ । ଉଭୟ ଦଳ ଏହାକୁ ଅନୁମୋଦନ କରିବା ସହ ମ୍ୟାଚ୍ ରେଫରୀ ତଦାରଖ କଲେ କ୍ରିକେଟର ଗୁଣବତ୍ତା ଆହୁରି ବଢ଼ିବ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି